
ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୦/୨୦୨୫ (୧୪ ପୃଷ୍ଠା) Bhubaneswar, Wednesday, August 20/2025 Page 14 ₹ 7.00 RAYAGADA
୫୧ଶ ଭାଗ ୨୬୫ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 265 ମୂଲ୍ୟ ₹୭/-




Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୦/୨୦୨୫ | Bhubaneswar, Wednesday, August 20/2025 | ପୃଷ୍ଠା-୧



## ଗିଲ୍ ଉପ-ଅଧିନାୟକ

ଏସିଆ କପ୍ ଲାଗି ଭାରତୀୟ କ୍ରିକେଟ ଦଳର ଉପ-ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ଶୁବମନ ଗିଲ୍।

୧୨

୦୮

## ‘ଥାମା’ରେ ଆୟୁଷ୍ମାନ-ରଶ୍ମିକା ରୋମାନ୍ସ

ଅଭିନେତା ଆୟୁଷ୍ମାନ ଖୁରାନା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ‘ଥାମା’ ଫିଲ୍ମର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି।



# ସୁଦର୍ଶନ ରେଡ୍ଡୀ ଇଣ୍ଡିଆ ବ୍ଲକ୍‌ର ଉପରାଷ୍ଟ୍ରପତି ପ୍ରାର୍ଥୀ



ବି. ସୁଦର୍ଶନ ରେଡ୍ଡୀ

ନୂଆଦିଲ୍ଲୀ,୧୯।୮(ପି.ଟି.)

ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମହାରାଷ୍ଟ୍ର ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ସି.ପି. ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବାର ୨ ଦିନ ପରେ ବିରୋଧୀ ଇଣ୍ଡିଆ ବ୍ଲକ୍ ପକ୍ଷରୁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ସେ ୨୧ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ। ଏହା ପୂର୍ବରୁ ମିଳିତ ବିରୋଧୀ ଦଳ ବୁଧବାର ଅପରାହ୍ଣରେ ସମ୍ବିଧାନ ସଦନର ସେଣ୍ଟ୍ରାଲ୍ ହଲ୍‌ରେ ଏକ ବୈଠକରେ ଯୋଗଦେବେ ବୋଲି ଜଣାପଡ଼ିଛି। ସୁପ୍ରିମକୋର୍ଟରେ ପୂର୍ବତନ ବିଚାରପତି ଜଷ୍ଟିସ୍ ରେଡ୍ଡୀ ଗୋଆର ପ୍ରଥମ ଲୋକାୟୁକ୍ତ ହେବା ସହ ହାଇଦ୍ରାବାଦସ୍ଥିତ ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଆଣ୍ଡ୍ ମିଡିଏଶନ ସେଣ୍ଟରର ଟ୍ରଷ୍ଟି ବୋର୍ଡରେ ରହିଥିଲେ। ବିରୋଧୀ ଦଳଗୁଡ଼ିକ ମିଳିତ ପ୍ରାର୍ଥୀ ଦେବା ପାଇଁ ପୂର୍ବରୁ ସର୍ବସମ୍ମତ ନିଷ୍ପତ୍ତି ନେଇଥିଲେ। ଜଷ୍ଟିସ୍ ସୁଦର୍ଶନଙ୍କୁ ପ୍ରାର୍ଥୀ କରିବା ପାଇଁ ସମସ୍ତ ବିରୋଧୀ ଦଳ ସହମତ ହୋଇଥିବାରୁ ଏହା ଗଣତନ୍ତ୍ର ପାଇଁ ଏକ ବଡ଼ ସଫଳତା ବୋଲି ଖାର୍ଗେ କହିଛନ୍ତି। ଯେତେବେଳେ ଗଣତନ୍ତ୍ର ଓ ସମ୍ବିଧାନ ଆକ୍ରମଣର ସମ୍ମୁଖୀନ ହୁଏ, ସେତେବେଳେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଏହା ବିରୋଧରେ ଲଢ଼ିଥାନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ଆମେ ଜଣେ ଭଲ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଥିଲୁ। ଜଷ୍ଟିସ୍ ରେଡ୍ଡୀ ଭାରତର ଅନ୍ୟତମ ସବୁଠୁ ପ୍ରତିଷ୍ଠିତ ଓ ପ୍ରଗତିଶୀଳ ନ୍ୟାୟବିତ୍ ବୋଲି କଂଗ୍ରେସ ନେତା କହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୨୧ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ଦିନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଲିଭିଂ ଲାବ୍

# ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ରର ମଞ୍ଜୁରୀ

## ରାମେଶ୍ୱରରୁ ଟାଙ୍ଗୀ ୧୧୧ କି.ମି.ର ୬ ଲେନ୍ ରାସ୍ତା ପାଇଁ ୮,୩୦୮ କୋଟି

**ଖୋର୍ଦ୍ଧା ଜିଲା ରାମେଶ୍ୱରଠାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ନିର୍ମାଣ ହେବାକୁ ଥିବା ପ୍ରାୟ ୧୧୧ କି.ମି.ର ଏହି ରାସ୍ତା ପାଇଁ ୮,୩୦୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ସହରରୁ ପୂର୍ବାଞ୍ଚଳର ଅନ୍ୟ ରାଜ୍ୟଗୁଡ଼ିକୁ ଭାରି ବାଣିଜ୍ୟିକ ଯାନ ଯାତାୟାତର ଦୂରତା ହ୍ରାସ କରିବ। ଏଥିସହ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।**

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୮ (ପି.ଟି./ରବିନାରାୟଣ ଜେନା)




ଭୁବନେଶ୍ୱର ବାଇପାସ୍‌ର ପ୍ରସ୍ତାବିତ କରିଡର୍ ମାନଚିତ୍ର।

ଓଡ଼ିଶାରେ ୬ ଲେନ୍‌ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ରାଜଧାନୀ ଅଞ୍ଚଳ ରିଂ ରୋଡ୍ (ଭୁବନେଶ୍ୱର ବାଇପାସ୍) ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ହାଇବ୍ରିଡ୍ ଆନୁଇଟି ମୋଡ୍ (ଏଚ୍‌ଏଏମ୍)ରେ ନିର୍ମାଣ ହେବାକୁଥିବା ଏହି ୧୧୦.୦୮୭୫ କି.ମି. ବାଇପାସ୍ ପ୍ରକଳ୍ପ ପାଇଁ ୮,୩୦୭.୭୪ କୋଟି ଟଙ୍କା ବ୍ୟୟ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୂଚନା ଦେଇଛନ୍ତି।

ମନ୍ତ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଏହି ବାଇପାସ୍ ନିର୍ମାଣ ହେଲେ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧାରୁ ଓଜନ୍‌ଦାର ବ୍ୟବସାୟିକ ଯାନଗୁଡ଼ିକୁ ଉକ୍ତ ରୋଡ୍‌ରେ ଛଡ଼ାଯିବା ଦ୍ୱାରା ଗାଡ଼ିମୋଟର ଭିଡ଼ ଯଥେଷ୍ଟ ପରିମାଣରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏଥିସହିତ ମାଲ୍ ପରିବହନ କ୍ଷମତା ବଢ଼ିବ ଏବଂ ଲଜିଷ୍ଟିକ୍ ଖର୍ଚ୍ଚ କମ୍ ହେବ। ପ୍ରସ୍ତାବିତ ପ୍ରକଳ୍ପ ସହ ୩ଟି ପ୍ରମୁଖ ଜାତୀୟ ରାଜପଥ (ଏନ୍‌ଏଚ୍-୫୫, ୫୭ ଏବଂ ୬୫୫) ଓ ଗୋଟିଏ ରାଜ୍ୟ ରାଜପଥ (ଏସ୍‌ଏଚ୍-୬୫) ସଂଯୋଗ ହେବ। ଫଳରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ, ସାମାଜିକ ଓ ଲଜିଷ୍ଟିକ୍ ହବ୍‌କୁ ଏହା ଅବାଧ ସଂଯୋଗ ସୁନିଶ୍ଚିତ କରିବ।

ସମ୍ପ୍ରତି ରାମେଶ୍ୱରରୁ ଟାଙ୍ଗୀ ଜାତୀୟ ରାଜପଥରେ ଅତ୍ୟଧିକ ଟ୍ରାଫିକ୍ ଭିଡ଼ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ୬ ଲେନ୍‌ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ନିର୍ମାଣ ପ୍ରସ୍ତାବ ରଖାଯାଇଥିଲା। ଏହି ଉନ୍ନତ କରିଡର ଏକ ବୃହତ୍ ରେଳଷ୍ଟେଶନ, ବିମାନବନ୍ଦର, ପ୍ରସ୍ତାବିତ ମଲ୍ଟିମୋଡାଲ ଲଜିଷ୍ଟିକ୍ ପାର୍କ (ଏମ୍‌ଏମ୍‌ଏଲ୍‌ପି) ଏବଂ ୨ଟି ବୃହତ୍ ବନ୍ଦରକୁ ସଂଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହାସହିତ ଉନ୍ନତ କରିଡର ୧୦ଟି ଅର୍ଥନୈତିକ ନୋଡ୍, ୪ଟି ସାମାଜିକ ନୋଡ୍ ଏବଂ ୫ଟି ଲଜିଷ୍ଟିକ୍ ନୋଡ୍‌କୁ ସଂଯୋଗ କରି ମଲ୍ଟି-ମୋଡାଲ୍ ସମନ୍ୱୟକୁ ବୃଦ୍ଧି କରିବ। ଫଳରେ ଉକ୍ତ ଅଞ୍ଚଳରେ ଦ୍ରବ୍ୟ ଓ ଯାତ୍ରୀ ପରିବହନ ତ୍ୱରାନ୍ୱିତ ହୋଇପାରିବ। ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ସହ ପ୍ରମୁଖ ଅଞ୍ଚଳ, ଅର୍ଥନୈତିକ କେନ୍ଦ୍ର ମଧ୍ୟ ସଂଯୋଗକୁ ସୁଦୃଢ଼ କରିବ। ଏହି ପ୍ରକଳ୍ପ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହରରୁ ଭାରି ବାଣିଜ୍ୟିକ ଯାତାୟାତକୁ ଦୂରେଇ ନେଇ ଓଡ଼ିଶା ଏବଂ ଅନ୍ୟାନ୍ୟ ପୂର୍ବ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବ। ଏଥିସହିତ ବାଣିଜ୍ୟ ଓ ଶିଳ୍ପ ବିକାଶ ପାଇଁ ନୂଆ ମାର୍ଗ ଖୋଲିବ। ଏହି ପ୍ରକଳ୍ପ ଶେଷହେଲେ ଦିନକୁ ପ୍ରାୟ ୭୪.୪୩ ଲକ୍ଷ ପ୍ରତ୍ୟକ୍ଷ ଏବଂ ୯୩.୦୪ ଲକ୍ଷ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ଏବଂ ଆଖପାଖ ଅଞ୍ଚଳରେ ଅଭିବୃଦ୍ଧି, ବିକାଶ ଏବଂ ସମୃଦ୍ଧିର ନୂତନ ରାସ୍ତା ଖୋଲିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିବାରୁ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଏହା ଏକ ଐତିହାସିକ ଭିତ୍ତିଭୂମି ଉପକ୍ରମ, ଯାହା ବୃହତ୍ ସହରାଞ୍ଚଳ କେନ୍ଦ୍ରଗୁଡ଼ିକୁ ଗହଳିମୁକ୍ତ କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୬ ଲେନ୍‌ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ନିର୍ମାଣକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଏସ୍‌ଆଇଆର୍: ବିକଳ୍ପ ହେବ ବିଏଲ୍‌ଓ ରିପୋର୍ଟ

ଭୁବନେଶ୍ୱର,୧୯।୮(ରବିନାରାୟଣ ଜେନା)

ଓଡ଼ିଶାରେ ଆସନ୍ତା ସେପ୍ଟେମ୍ବରରୁ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ବେଳେ ଏଥିରୁ ଯେମିତି ଜଣେ ହେଲେ ଯୋଗ୍ୟ ନାଗରିକ ବାଦ୍ ନ ପଡ଼ିବେ ତାକୁ ଗୁରୁତ୍ୱ ଦିଆଯିବ। ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପରିଚୟ ପତ୍ରରୁ ଯେକୌଣସି ଗୋଟିଏ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କ ସୁପାରିସ ଏବଂ ଇଲେକ୍ସନ ରିଟର୍ନିଂ ଅଫିସର(ଇଆର୍‌ଓ) ସବ୍ କଲେକ୍ଟରଙ୍କ ରିପୋର୍ଟକୁ ଭୋଟର ସଂଶୋଧନ ବେଳେ ଗ୍ରହଣ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ସନ୍ତ ଗୋପାଳନ ସ୍ପଷ୍ଟ କରିଛନ୍ତି।

ଆଗାମୀ ଦିନରେ ଏସ୍‌ଆଇଆର୍ ପାଇଁ ଓଡ଼ିଶା କିଭଳି ପ୍ରସ୍ତୁତ ରହିଛି ସେ ସମ୍ପର୍କରେ ସିଇଓ ଗୋପାଳନ କହିଛନ୍ତି, ନିର୍ବାଚନ ପ୍ରକ୍ରିୟା ସବୁବେଳେ ଜାରି ରହିଛି। କେତେବେଳେ ନୂତନ ଭୋଟର ସାମିଲ ହେଉଛନ୍ତି ତ ଆଉ କେତେବେଳେ ବିଭିନ୍ନ କାରଣ(ଯଥା ମୃତ୍ୟୁ କିମ୍ବା ଅନ୍ୟତ୍ର ଭୋଟର ତାଲିକାରେ ନାଁ ଥିଲେ)ରୁ ତାଲିକାରୁ ବାଦ୍ ପଡୁଛନ୍ତି। ପ୍ରତି ତିନିମାସରେ ଏହାର ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ଓଡ଼ିଶାରେ ଦୀର୍ଘ ୨୪ବର୍ଷ ପରେ ହେବାକୁ ଯାଉଥିବା ଏସ୍‌ଆଇଆର୍ ଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏଯାବତ୍ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି ହୋଇନାହିଁ। ତେବେ ଆୟୋଗଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ୧୧ ପରିଚୟପତ୍ର ସହିତ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଉ ୨ଟି ପ୍ରମାଣପତ୍ରକୁ ପରିଚୟପତ୍ର ତାଲିକାରେ ସଂଯୁକ୍ତ କରିବାକୁ ପ୍ରସ୍ତାବ ରହିଛି। ଏନେଇ ଜିଲାସ୍ତର ଅଧିକାରୀଙ୍କଠାରୁ ପ୍ରସ୍ତାବ ଲୋଡ଼ାଯାଇଛି। ସେଥିମଧ୍ୟରେ ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ(ଏସ୍‌ଇବିସି) ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଭୂମିହୀନଙ୍କୁ ପ୍ରଦତ୍ତ ଲିଜ୍ ପଟ୍ଟାକୁ ସାମିଲ କରାଯିବାକୁ ପ୍ରାଥମିକ ପର୍ଯ୍ୟାୟରେ ରହିଛି। ଏହି ପ୍ରସ୍ତାବକୁ ସିଇଓ କାର୍ଯ୍ୟାଳୟ ଅନୁଧ୍ୟାନ କରୁଛି। ଏହାବାଦ୍ ଜଣେ ଯୋଗ୍ୟ ନାଗରିକ କିଭଳି ବାଦ୍ ନ ପଡ଼ିବ(ଯାହାଙ୍କ ପାଖରେ ଘରଦ୍ୱାର କିମ୍ବା ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପ୍ରମାଣପତ୍ରରୁ କିଛି ନଥିବ) ସେକ୍ଷେତ୍ରରେ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କୁ ନିର୍ବାଚନ ଆଇନରେ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି। ବିଏଲ୍‌ଓମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ରହିବା ସ୍ଥାନ ପରିଦର୍ଶନ କରି ଇଆର୍‌ଓଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ। ଇଆର୍‌ଓ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରି ସ୍ୱୀକୃତି ଦେଲେ ସମ୍ପୃକ୍ତ ବ୍ୟକ୍ତି ଭୋଟରତାଲିକାରେ ଯୋଡ଼ି ହୋଇପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଉ ଅନ୍ୟ କୌଣସି ଦସ୍ତାବିଜ୍ ପାଇଁ ହଇରାଣ ହରକତ ହେବାକୁ ପଡ଼ିବ ନାହିଁ। ତେବେ ଆବଶ୍ୟକସ୍ଥଳେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପରିଚୟପତ୍ର ମଧ୍ୟରୁ କେତେକ ପରିଚୟପତ୍ରକୁ ବାଦ୍ ଦେବାପାଇଁ ପ୍ରସ୍ତାବ ଦିଆଯାଇପାରେ। ତେବେ ଏସ୍‌ଆଇଆର୍ ବେଳେ ବାଂଲାଦେଶ କିମ୍ବା ଅନ୍ୟ ଦେଶରୁ ଆସି ଓଡ଼ିଶାରେ ବସବାସ କରୁଥିବା ଲୋକ କିମ୍ବା ରୋହିଙ୍ଗ୍ୟା ତଥା ☞ପୃଷ୍ଠା-୨

# ମନିକା ବିଶ୍ୱକର୍ମା ମିସ୍ ୟୁନିଭର୍ସ ଇଣ୍ଡିଆ




ଜୟପୁର, ୧୯।୮

ରାଜସ୍ଥାନର ମନିକା ବିଶ୍ୱକର୍ମା (୨୨) ‘ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫’ର ଟାଇଟଲ ହାସଲ କରିଛନ୍ତି। ସୋମବାର ରାତିରେ ଜୟପୁରରେ ଚାଲିଥିବା ଗ୍ରାଣ୍ଡ ଫିନାଲେ କାର୍ଯ୍ୟକ୍ରମରେ ୪୭ ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ମନିକା ବିଜେତା ଘୋଷିତ ହୋଇଛନ୍ତି। ଗତବର୍ଷର ଟାଇଟଲ ବିଜେତା ରିୟା ସିଂଘା ମନିକାଙ୍କୁ ମିସ୍ ୟୁନିଭର୍ସ ଇଣ୍ଡିଆ ମୁକୁଟ ପିନ୍ଧାଇଛନ୍ତି। ଆସନ୍ତା ନଭେମ୍ବର ୨୧ରେ ଥାଇଲାଣ୍ଡର ନନ୍‌ଥାବୁରିରେ ଅନୁଷ୍ଠିତ ହେବାକୁଥିବା ୭୪ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ମନିକା ଭାରତର ପ୍ରତିନିଧିତ୍ୱ କରିବେ। ‘ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫’ରେ ଉତ୍ତରପ୍ରଦେଶର ତାନ୍ୟା ଶର୍ମା ପ୍ରଥମ ରନରଅପ୍ ହୋଇଥିବାବେଳେ ହରିୟାଣାର ମେହକ୍ ଡିଙ୍ଗ୍ରା ଦ୍ୱିତୀୟ ରନରଅପ୍ ହୋଇଛନ୍ତି।

ମନିକା ରାଜସ୍ଥାନର ଶ୍ରୀ ଗଙ୍ଗାନଗର ନିବାସୀ ହୋଇଥିବାବେଳେ ସମ୍ପ୍ରତି ସେ ଦିଲ୍ଲୀରେ ରହି ମଡେଲିଂ କରିବା ସହ ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତିରେ ଉଚ୍ଚଶିକ୍ଷା ଅଧ୍ୟୟନ କରୁଛନ୍ତି। ସେ ଗତବର୍ଷ ମିସ୍ ୟୁନିଭର୍ସ ରାଜସ୍ଥାନ ପ୍ରତିଯୋଗିତାର ବିଜେତା ହୋଇଥିଲେ। ବିଜୟୀ ହେବା ପରେ ମନିକା କହିଛନ୍ତି, ଏହି ଯାତ୍ରା ତାଙ୍କ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା। ଆତ୍ମବିଶ୍ୱାସ ଏବଂ ସାହସ ସଫଳତାର ଚାବିକାଠି, ତାହା ସେ ପ୍ରମାଣିତ କରିଛନ୍ତି। ମିସ୍ ୟୁନିଭର୍ସ ଟାଇଟଲ ହାସଲ କରି ଦେଶକୁ ☞ପୃଷ୍ଠା-୨

# ଅନ୍‌ଲାଇନ ଗେମିଂରେ ଲାଗିବ ଅଙ୍କୁଶ

**ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ, ସଂସଦରେ ଆଜି ଆସିବ**

ନୂଆଦିଲ୍ଲୀ,୧୯।୮

କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ଅନ୍‌ଲାଇନ ଗେମିଂ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଛି। ବେଟିଂ ଆପ୍‌ଗୁଡ଼ିକୁ ନିୟନ୍ତ୍ରିତ କରିବା ଏବଂ ଜୁଆକୁ କଡ଼ାକଡ଼ି ଭାବେ ରୋକିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଏହି ବିଲ୍ ଅନୁଯାୟୀ ଅନ୍‌ଲାଇନ ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକୁ ଗୋଟିଏ ନ୍ୟାୟିକ ବ୍ୟବସ୍ଥା ଅଧୀନରେ ରଖାଯିବ ଓ ଡିଜିଟାଲ ଆପ୍ ଜରିଆରେ ଜୁଆ ଖେଳ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରାଯିବ। ଏ ସମ୍ପର୍କିତ ବିଲ୍ ବୁଧବାର ସଂସଦରେ ବିତର୍କ ପାଇଁ ଆଗତ ହେବ ବୋଲି ପିଟି ସୂତ୍ରରୁ ପ୍ରକାଶ। ସରକାର କିଛି ବର୍ଷ ହେଲା ଏହି ସେକ୍ଟର ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ୨୦୨୩ ଅକ୍ଟୋବରରୁ ଅନ୍‌ଲାଇନ ଗେମିଂ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିବାବେଳେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କଳିଙ୍ଗ ସେନାର ସାଙ୍ଗଠନିକ ନିର୍ବାଚନ, ସ୍ଥାନ: ଉତ୍କଳ ସମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହୋଟେଲ୍ ଆଡ୍‌ଭେଞ୍ଚର୍, ସମୟ: ଅପରାହ୍ନ ୪ଟା ୩୦।
- ଲୋଟସ୍‌ଫିଟ୍ ଫାଉଣ୍ଡେଶନ୍ ପକ୍ଷରୁ ଅଭିଯାତ ଉତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ମେଗା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଚୌଦ୍ୱାର ମହାବିଦ୍ୟାଳୟ ପରିସର, ଚୌଦ୍ୱାର, ସମୟ: ସକାଳ ୯ଟା।
- କଂଗ୍ରେସ ପକ୍ଷରୁ ଫ୍ରୋଜେନ ସିମେନ ବ୍ୟାଙ୍କ କାର୍ଯ୍ୟାଳୟ ଯୁଗ୍ମନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଖପୁରିଆସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସପ୍ତାହେବ୍ୟାପୀ ଗଣଧାରଣାର ତୃତୀୟ ଦିବସ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ସବ୍-ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଜାତୀୟ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିବେ ରାଜ୍ୟପାଳ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ଧୁଷୁରୀ ପୋଲିସ ପକ୍ଷରୁ ସଚେତନତା ଶିବିର, ସ୍ଥାନ: ଅସୁରାଳି ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାଙ୍କ କର୍ତ୍ତୃପକ୍ଷ ଓ ମୁଦ୍ରା ଯୋଜନା ହିତାଧିକାରୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ଦୋଳନ ଚଳଚ୍ଚିତ୍ରର ପ୍ରିମିୟର ଶୋ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ବିଇଏମସି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍ ସାଂସ୍କୃତିକ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନିମଖଣ୍ଡି ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ସମୀକ୍ଷା ବୈଠକ, ସ୍ଥାନ: ଫୁଲବାଣୀ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।

## ଜଗତ୍‌ସିଂହପୁର
- ପରିବେଶ ପରିଚାଳନା ସମିତି (ଡିଏଲ୍‌ଇଏମ୍‌ସି) ଜିଲାସ୍ତରୀୟ ବୈଠକ: ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଇସିଡିଏସ୍ ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମ ଉପରେ ମାସିକିଆ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ନିଗମାନନ୍ଦ ସାରସ୍ୱତ ସଂଘର ସାରସ୍ୱତ ବୈଠକ, ସ୍ଥାନ: ନିଗମାନନ୍ଦ ଆଶ୍ରମ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଲେଖିକା ସଂଘର ଜଣେ ଦିବଙ୍ଗତ କର୍ମକର୍ତ୍ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂର୍ଯ୍ୟମୁଖି ଅନୁଷ୍ଠାନ ପରିସର, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ନନ୍ଦୋତ୍ସବ, ସ୍ଥାନ: କଂସାର ଓ ଆୟେବା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ବଳରାମପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସପ୍ତପୁରୀ ଅମାବାସ୍ୟା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ମୁନିଗୁଡାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବିରେ ୧୨ ଘଣ୍ଟିଆ ବନ୍ଦ ପାଳନ ଓ ଧାରଣା, ସ୍ଥାନ: ମୁନିଗୁଡା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୬ଟା।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ ତମ ସ୍ମୃତି ସମାରୋହ ଏବଂ ଧର୍ମରକ୍ଷା ଦିବସ ପାଳନ, ସ୍ଥାନ: ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ୟୁନିଫର୍ମ କିଟ୍ ଓ ବୀମା ପତ୍ର ପ୍ରଦାନ, ସ୍ଥାନ:ନବରଙ୍ଗପୁର ଦକ୍ଷତା ବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୧୦।
- ଜିଲା ନୋଡାଲ ଅଧିକାରୀ ତଥା କର୍ମ ନିୟୋଜନ ନିର୍ଦ୍ଦେଶକ ଦକ୍ଷତା ବିକାଶ ସିଇଓଙ୍କ ବର୍ଣ୍ଣମାଳା ଉଦ୍ୟାନ ପରିଦର୍ଶନ, ସ୍ଥାନ: ଫାର୍ଶାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଧାନରେ ପ୍ରସ୍ତୁତ ହସ୍ତ ଶିଳ୍ପ ପରିଦର୍ଶନ, ସ୍ଥାନ: ଲିମ୍ବଭଟ୍ଟା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ମକା ପ୍ରୋସେସିଂ ୟୁନିଟ୍ ପରିଦର୍ଶନ, ସ୍ଥାନ: ଭାମିନି, ସମୟ: ଅପରାହ୍ନ ୧ ଟା।

## କୋରାପୁଟ
- ଶିଶୁମାନଙ୍କ ଶିକ୍ଷା ଅଧିକାର ନେଇ କର୍ମଶାଳା, ସ୍ଥାନ: ଟାଉନ୍ ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି
- ପ୍ଲାଷ୍ଟିକ୍ ବର୍ଜନ କର୍ମଶାଳା, ସ୍ଥାନ: ଯବାନପାଲୀ ଉଚ୍ଚ ବିଦ୍ୟାଳୟ, କାଲିମେଲା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟର ଇଷ୍ଟକୋଷ୍ଟ ରେଲୱେ ବନାମ ସମ୍ବଲପୁର କ୍ରିକେଟ କ୍ଲବ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଜିଲା ସାମ୍ବାଦିକ ସଂଘ ଆୟୋଜନରେ ବିଶ୍ୱ ଫଟୋଗ୍ରାଫି ଦିବସ ଓ ଫଟୋ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟାରୁ ସନ୍ଧ୍ୟା ୫ଟା।
- ଜିଲା ବିଜୁ ଜନତା ଦଳର ବୈଠକ, ସ୍ଥାନ: ପାନ୍ଥ ନିବାସ ସଭାକକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: କବରାପାଲି ବୀର ସୁରେନ୍ଦ୍ର ସାଏ ଉଚ୍ଚବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ରାଜସ୍ୱ ଅମଲା ସଂଘର ଧାରଣା , ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦

## ରାଉରକେଲା
- ବାଣିଜ୍ୟିକ ଓ ଆବାସିକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଆର୍‌ଏମ୍‌ସି ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ୮୦ତମ ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପର ଉଦ୍‌ଘାଟନୀ ସମାରୋହ: ସ୍ଥାନ: ସୁନ୍ଦରଗଡ଼ ଷ୍ଟାଡିୟମ, ସମୟ: ସକାଳ ୮ଟା।

## ବରଗଡ଼
- ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ, ବରଗଡ଼, ସମୟ: ସକାଳ ୯ଟା।
- ଏକକ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି
- ଅମଲା ସଂଘର କାର୍ଯ୍ୟବନ୍ଦ ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସେବା ଦାବିରେ ଦେବଗଡ଼ ବନ୍ଦ ପାଳନ ପାଇଁ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଧାନବିକ୍ରି ଟଙ୍କା ପାଇବା ଦାବିରେ ମରାଡୁଗୋଛା ପାକ୍ସର ଚାଷୀଙ୍କ ଧାରଣା ଚତୁର୍ଥ ଦିନରେ, ସ୍ଥାନ: ତରଭା ବ୍ଲକ ସମ୍ମୁଖ, ସମୟ: ସକାଳ: ୬ଟା।
- ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ୧୦ମ ଦିନରେ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୧୦ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କୋମନା ବ୍ଲକ ତରବୋଡ ଗୁଡାରାଜା ଅହିର ସମାଜ ଭବନ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରର ପ୍ରତ୍ୟେକ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରିବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ ଓ ପରିବହନରେ ମଧ୍ୟ ଶିଥିଳତା ମାନସିକ ଅଶାନ୍ତିର କାରଣ ହେବ। ଅଶ୍ୱିନୀ ନକ୍ଷତ୍ର ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇପାରିବେ।

**ବୃଷ** କୃତ୍ତିକା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର ମାତ୍ରାକୁ ବଢ଼ାଇଦେବ। ପଡ଼ୋଶୀ, ବନ୍ଧୁ ପରିଜନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ମତଭେଦ କାରଣରୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ବନ୍ଧୁଙ୍କ ମାଧ୍ୟମରେ ପାଇ ଖୁସି ହେବେ।

**ମିଥୁନ** ବନ୍ଧୁଙ୍କ ପରାମର୍ଶକ୍ରମେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ଆନୁସଙ୍ଗିକ ସହଯୋଗ ମଧ୍ୟ ପାଇବେ। ପୁନର୍ବସୁ ନକ୍ଷତ୍ର ସକାଶେ ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ସାମାନ୍ୟ ହଇରାଣ ହରକତ ହେବାକୁ ପଡ଼ିପାରେ।

**କର୍କଟ** ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ ଦୀର୍ଘଦିନର ଆଶା ଫଳବତୀ ହେବ। ଅଶ୍ଲେଷା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କଠିନ ଶ୍ରମ ହେତୁକ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି। ରପ୍ତାନିବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ।

**ସିଂହ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଆଜି ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ମନୋବଳ ନେଇ କାମ କରିପାରିବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। ସଭାସମିତିର ଆଲୋଚନା ପରିସରରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ହସ୍ତା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ତର୍କବିତର୍କ ଜନିତ ସହକର୍ମୀଙ୍କ ସହ ମାନମନାନ୍ତର ଦେଖାଦେଇପାରେ।

**ତୁଳା** ଉନ୍ନତ ଚିନ୍ତା ଓ ପୂର୍ବପରିକଳ୍ପିତ ଯୋଜନା ତଥା ନୂତନ କର୍ମାରମ୍ଭ ଆଜିର ମୁଖ୍ୟ କାର୍ଯ୍ୟ ରହିବ। ସ୍ୱାତୀ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** ଅନୁରାଧା ନକ୍ଷତ୍ର ପରିଜନମାନଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଦୂରଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକ ସ୍ତରରେ ବିଳମ୍ବରେ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟ, ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପୂର୍ବଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁଣି ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରଶାସନିକ ସ୍ତରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ ସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ପ୍ରିୟଜନଙ୍କ ସହ ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ। ହିତୈଷୀମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ଅବସର ପାଇବେ। ଶ୍ରବଣା ନକ୍ଷତ୍ରର ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବା ସହ ଆର୍ଥିକ ଉନ୍ନତି ଘଟିପାରେ।

**କୁମ୍ଭ** କର୍ମଜଞ୍ଜାଳ ବୃଦ୍ଧି ପାଇବାଜନିତ ମନ ଭଲ ନ ଥିବା କାରଣରୁ ଉଦାସୀନ ରହିପାରନ୍ତି। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆଜି ଆକସ୍ମିକଭାବରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ମୀନ** କର୍ମକ୍ଷେତ୍ରରେ ମନ କଥା ମନରେ ରଖି କାମ କରିବାକୁ ବାଧ ହୋଇପାରନ୍ତି। ହାତପାହାନ୍ତାରେ ସୁଯୋଗ ପାଇଲେ ମଧ୍ୟ ତାହାର ସଦ୍ ବ୍ୟବହାର କରିପାରିବେ ନାହିଁ। ରେବତୀ ନକ୍ଷତ୍ର ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଲାଭ କରିବେ।

ଆଜି ଅଗଷ୍ଟ ୨୦ ତାରିଖ, ବିଶ୍ୱ ମଶକ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ସଦ୍‌ଭାବନା ଦିବସ, ଭାଦ୍ରବ କୃଷ୍ଣ ଦ୍ୱାଦଶୀ ବୁଧବାର। ଶ୍ରୀମନ୍ଦିରରେ ଶ୍ରୀମହାପ୍ରଭୁଙ୍କର ପ୍ରଳମ୍ବାସୁର ବଧ ବେଶ। ବୁଧିବାମନ ଓଷା ଦ୍ୱିତୀୟ ପାଳି। ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୧ମି. ଗତେ ଘ.୦୭.୧୨ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁ କାଳ।

# ସଦ୍‌ଭାବନା ଦିବସ




ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି, ଏକତା ସଦ୍‌ଭାବକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ତଥା ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ୨୦ ଅଗଷ୍ଟରେ ପାଳନ କରାଯାଉଛି ସଦ୍‌ଭାବନା ଦିବସ। ଏହି ଦିବସ ଏକ ବିବିଧ ସମାଜରେ ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ଜାତୀୟ ସଂହତି ବଜାୟ ରଖିବାର ଭାବନାକୁ ସମ୍ମାନ କରେ। ଏହି ଅବସରରେ ନାଗରିକମାନଙ୍କୁ ବିଭିନ୍ନ ସାଂସ୍କୃତିକ-ଧାର୍ମିକ ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ଗ୍ରହଣୀୟତାର ସ୍ମରଣ କରାଏ। ତେବେ ଜାତୀୟ ସଦ୍‌ଭାବର ଅର୍ଥ ହେଉଛି ଦେଶର ସମସ୍ତ ନାଗରିକଙ୍କ ମଧ୍ୟରେ ପାରସ୍ପରିକ ପ୍ରେମ, ଭାଇଚାରା ଏବଂ ଏକତାର ଭାବନା। ଏହା ଏପରି ଏକ ସ୍ଥିତି ଯେଉଁଠାରେ ବିଭିନ୍ନ ଧର୍ମ, ଜାତି ଏବଂ ସଂସ୍କୃତିର ଲୋକମାନେ କୌଣସି ଭେଦଭାବ ବିନା ଏକାଠି ରୁହନ୍ତି, ପରସ୍ପରକୁ ସମ୍ମାନ କରନ୍ତି ଏବଂ ଦେଶର ପ୍ରଗତିରେ ଯୋଗଦାନ ଦିଅନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ରଙ୍କୁଣୀ ପାଇଚି ଇଲିଶି,**
**କଣ୍ଟାମଣ୍ଟା କରି ଗିଳୁଛି।**

ଅତି ଲୋଭରୁ ମୃତ୍ୟୁ। ଲୋଭ ପରବଶ ହୋଇ ଅଧିକ ଜିନିଷ ପ୍ରତି ଆକୃଷ୍ଟ ହେଲେ ପରିଶେଷରେ ବିଷମ ଦଶା ଭୋଗିବାକୁ ପଡିଥାଏ, ଯାହାକି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ରଜା ପୁଅ ଯୋଗୀ ହେଲେ**
**ତା' ରାଜା ବୁଦ୍ଧି ଛାଡ଼େ ନାହିଁ**
**ଯୋଗୀ ପୁଅ ରାଜା ହେଲେ**
**ତା' ଯୋଗୀ ବୁଦ୍ଧି ଛାଡ଼େ ନାହିଁ।**

ସାଧାରଣତଃ ମନୁଷ୍ୟ ନିଜ ବୁଦ୍ଧି ବା ସହଜାତ ପ୍ରକୃତିକୁ ସହଜରେ ଛାଡ଼ିପାରି ନଥାଏ। ମନୁଷ୍ୟ ଯେତେ ଉଚ୍ଚ ବା ନୀଚ ସ୍ତରର ବ୍ୟକ୍ତି ହେଲେ ମଧ୍ୟ ନିଜ ଚରିତ୍ରଗତ ଅଭ୍ୟାସରୁ ନିଜକୁ ବଦଳାଇ ପାରୁନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨୪ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୮(ଅନୁରାଧା ମହାରଣା)

ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଅବପାତ ଫଳରେ ଆଗାମୀ ୨୪ ତାରିଖ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି। ବୁଧବାର ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନବରଙ୍ଗପୁର ଓ କଳାହାଣ୍ଡିରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ରହିଛି। ସେହିପରି ୧୧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ରହିଛି। ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଶିଶୁ ବାଟିକା ପିଲାଙ୍କୁ ମିଳିବ ମାଗଣା ୟୁନିଫର୍ମ

ଭୁବନେଶ୍ୱର,୧୯।୮(ସୁଚିସ୍ମିତା ସାହୁ)

ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଡ୍ରପ୍‌ଆଉଟ ହାର ରୋକିବା ସହ ପିଲାଙ୍କୁ ବିଦ୍ୟାଳୟମୁହାଁ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କୁ ମାଗଣାରେ ୟୁନିଫର୍ମ ପ୍ରଦାନ କରାଯିବ। ରାଜ୍ୟର ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲାଙ୍କୁ ୟୁନିଫର୍ମ ଓ ଅନ୍ୟାନ୍ୟ ଉପକରଣ ମାଗଣାରେ ଦିଆଯିବ। ଏ ବାବଦରେ ପ୍ରତ୍ୟେକ ପିଲାଙ୍କ ପିଛା ୧୦୦୦ ଟଙ୍କା ଲେଖାଏ ଖର୍ଚ୍ଚ ହେବ। ଏଥିଲାଗି ଆବଶ୍ୟକ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ସୂଚନା ଦେଇଛନ୍ତି।

### ପ୍ରତ୍ୟେକ ପିଲା ପିଛା ଖର୍ଚ୍ଚ ହେବ ୧୦୦୦ ଟଙ୍କା

ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁ ବାଟିକା ଖୋଲାଯାଇଛି। ଏବେ ପିଲାଙ୍କୁ ସ୍କୁଲ ୟୁନିଫର୍ମ ସହିତ ଜୋତା, ମୋଜା, ଟ୍ରାକ୍ ପ୍ୟାଣ୍ଟ ମଧ୍ୟ ଦିଆଯିବ। ୩ ଲକ୍ଷ ୧୦ ହଜାର ୮୪୯ ପିଲାଙ୍କୁ ୟୁନିଫର୍ମ ଦିଆଯିବ। ପ୍ରତ୍ୟେକ ପିଲାଙ୍କ ସମସ୍ତ ଖର୍ଚ୍ଚ ବାବଦ ୧ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏହା ଦ୍ୱାରା ପିଲାମାନେ ସ୍କୁଲ ଛାଡ଼ିବାକୁ ମନା କରିବେ ନାହିଁ, ଯଦ୍ୱାରା ଡ୍ରପ୍‌ଆଉଟ ହାର ବଢ଼ିବ ନାହିଁ।

# ଘରୁ ଆରମ୍ଭ ନିରାକରଣ

ପ୍ରତିବର୍ଷ ୨୦ ଅଗଷ୍ଟରେ ବିଶ୍ୱ ମଶା ଦିବସ ପାଳନ କରାଯାଇଆସୁଛି। ପ୍ରଖ୍ୟାତ ଚିକିତ୍ସା ବିଜ୍ଞାନୀ ସାର୍ ରୋନାଲ୍ଡ ରସ ଏହି ଦିନ ମାଇ ଆନୋଫିଲିସ ମଶା ମଣିଷ ମଧ୍ୟରେ ମ୍ୟାଲେରିଆ ସଂକ୍ରମଣ କରନ୍ତି ବୋଲି ଆବିଷ୍କାର କରିଥିଲେ। ରୋନାଲ୍ଡ ରସ ଭାରତୀୟ ଚିକିତ୍ସା ସେବାରେ କାର୍ଯ୍ୟ କରିବା ବେଳେ ୧୮୯୭ ଅଗଷ୍ଟ ୨୦ରେ ସିକନ୍ଦରାବାଦଠାରେ ଏକ ମାଇ ଆନୋଫିଲିସ ମଶାର ପାକସ୍ଥଳୀରେ ମ୍ୟାଲେରିଆ ପରଜୀବୀର ଆବିଷ୍କାର କରିବାରେ ସକ୍ଷମ ହୋଇଥିଲେ। ରସଙ୍କ ଏହି ଆବିଷ୍କାର ମ୍ୟାଲେରିଆର ପ୍ରତିରୋଧ ବ୍ୟବସ୍ଥା ଲାଗି ସୂତ୍ରପାତ କରିଥିଲା। ତେବେ ଏହି ଆବିଷ୍କାର ପାଇଁ ୧୯୦୨ ମସିହାରେ ରସଙ୍କୁ ପ୍ରଥମ ବ୍ରିଟିଶ ବ୍ୟକ୍ତି ଭାବେ ମେଡିସିନ କ୍ଷେତ୍ରରେ ନୋବେଲ ପୁରସ୍କାର ମିଳିଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଅବସରରେ ବାର୍ତ୍ତା ରହିଛି ଘରୁ ଆରମ୍ଭ ହୁଏ ନିରାକରଣ। ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖି, ଜମି ରହିଥିବା ପାଣିକୁ ଦୂର କରି ଏବଂ ସରଳ ସତର୍କତା ସହିତ ନିଜକୁ ସୁରକ୍ଷା ଦେଇ, ଆମେ ମଶା ବାହିତ ରୋଗର ବିପଦକୁ ଯଥେଷ୍ଟ ପରିମାଣରେ ହ୍ରାସ କରିପାରିବା।

### ଆଜି ବିଶ୍ୱ ମଶା ଦିବସ



# ନବୀକରଣୀୟ ଶକ୍ତିର ଗୁରୁତ୍ୱ

ଭାରତରେ ନବୀକରଣୀୟ ଶକ୍ତିର ଗୁରୁତ୍ୱ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୦ରେ ପାଳନ କରାଯାଉଛି ଅକ୍ଷୟ ଉର୍ଜା ଦିବସ। ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ୨୦୦୪ ମସିହାରେ ଅକ୍ଷୟ ଉର୍ଜା ଦିବସ ଆରମ୍ଭ କରିଥିଲା। ଅକ୍ଷୟ ଉର୍ଜା ଦିବସ ହେଉଛି ଭାରତରେ ନବୀକରଣୀୟ ଶକ୍ତିର ବିକାଶ ବିଷୟରେ ଏକ ସଚେତନତା ଅଭିଯାନ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମଦିନକୁ ମନେ ପକାଇବା ପାଇଁ ଏହି ଦିନ ପାଳନ କରାଯାଏ। ଏହା ରାଜୀବ ଗାନ୍ଧୀ ଅକ୍ଷୟ ଉର୍ଜା ଦିବସ ଭାବରେ ମଧ୍ୟ ଜଣାଶୁଣା। ତେବେ ଅକ୍ଷୟ ଉର୍ଜା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଲୋକମାନଙ୍କୁ ସଚେତନ କରାଇବା ଯେ, ପାରମ୍ପରିକ ଶକ୍ତି(ସୌର, ପବନ ଏବଂ ଜଳ) ବ୍ୟତୀତ ଅକ୍ଷୟ ଉର୍ଜା (ନବୀକରଣୀୟ ଶକ୍ତି) ବିଷୟରେ ମଧ୍ୟ ଚିନ୍ତା କରିବାକୁ ପଡ଼ିବ।

### ଅକ୍ଷୟ ଉର୍ଜା ଦିବସ



ପ୍ରଥମ ପୃଷ୍ଠାରୁ...

## ସୁଦର୍ଶନ ରେଡ୍ଡୀ ଇଣ୍ଡିଆ...

ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହଠାତ ନିଜ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ପଡ଼ିଥିଲା। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୨ ରଖାଯାଇଛି।

## ଏସ୍‌ଆଇଆର୍: ବିକଳ୍ପ...

ଗଜପତିର ଚନ୍ଦ୍ରଗିରିରେ ବାସ କରୁଥିବା ଲୋକଙ୍କ ନାଗରିକତ୍ୱ ବୈଧତାକୁ ବିଧିବଦ୍ଧ ଭାବେ ଯାଞ୍ଚ କରାଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ଆୟୋଗଙ୍କ ପକ୍ଷରୁ ୩ଟି ପ୍ରମୁଖ ପରିଚୟ ପତ୍ର ଯଥା, ଭୋଟର କାର୍ଡ, ଆଧାର କାର୍ଡ ଏବଂ ରାଶନ କାର୍ଡକୁ ବାଦ୍‌ଦେଇ ୧୧ଟି ପରିଚୟପତ୍ରକୁ ପ୍ରଥମ ପର୍ଯ୍ୟାୟରେ ଗ୍ରହଣ କରାଯିବାକୁ କୁହାଯାଇଛି। ସେଥିମଧ୍ୟରେ ପେନ୍‌ସନ ପ୍ରମାଣପତ୍ର କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଚାକିରି ସମ୍ପର୍କିତ ପ୍ରମାଣପତ୍ର ସହିତ ଜୁଲାଇ ପହିଲା ୧୯୮୭ ସୁଦ୍ଧା କେନ୍ଦ୍ର ସରକାରଙ୍କ ଅଧୀନ ବ୍ୟାଙ୍କ, ପୋଷ୍ଟ ଅଫିସ୍, ଏଲ୍‌ଆଇସି କିମ୍ବା ପିଏସ୍‌ୟୁର ପରିଚୟପତ୍ର(ଏହି ଅବଧି ମଧ୍ୟରେ ସମ୍ପୃକ୍ତ ସଂସ୍ଥାର ପରିଚୟପତ୍ର କିମ୍ବା ସଂସ୍ଥାର ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଡକ୍ୟୁମେଣ୍ଟ), ଜନ୍ମ ପ୍ରମାଣପତ୍ର, ପାସ୍‌ପୋର୍ଟ, ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମାଟ୍ରିକ୍ କିମ୍ବା ଶିକ୍ଷା ସାର୍ଟିଫିକେଟ୍, ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ଆବାସିକ ପ୍ରମାଣପତ୍ର, ଜଙ୍ଗଲ ଜମି ଅଧିକାର ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଜାତୀୟ ନାଗରିକତ୍ୱ ପ୍ରମାଣପତ୍ର (ଏନ୍‌ଆର୍‌ସି) (ଯାହାକି ଓଡ଼ିଶାରେ ହୋଇନାହିଁ), ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ପରିବାର ପଞ୍ଜୀକରଣ ଏବଂ ଜମି କିମ୍ବା ଘର ଆବଣ୍ଟନ ପ୍ରମାଣପତ୍ରକୁ ବିବେଚନା କରାଯିବ। ଏହି ଡକ୍ୟୁମେଣ୍ଟ ନ ଥିବାର ଯଦି କୌଣସି ଅଭିଯୋଗ ଆସେ ତାକୁ ମଧ୍ୟ ବିଏଲ୍‌ଓସ୍ତରରେ ଯାଞ୍ଚ କରାଯିବ ବୋଲି ସିଇଓ ଗୋପାଳନ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିହାରରେ ଆରମ୍ଭ ହୋଇଥିବା ଏସ୍‌ଆଇଆର୍‌କୁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ତୀବ୍ର ବିରୋଧ କରାଯାଉଛି। ଏହାକୁ ନେଇ କଥା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲାଣି। ଆଗାମୀ ଦିନରେ ଓଡ଼ିଶାରେ ଏସ୍‌ଆଇଆର୍ କିଭଳି ଶୃଙ୍ଖଳିତ ହେବ ତାହା ଉପରେ ସମସ୍ତଙ୍କ ନଜର।

## ମନିକା ବିଶ୍ୱକର୍ମା...

ଗୌରବାନ୍ୱିତ କରିବା ତାଙ୍କର ଆଗାମୀ ଲକ୍ଷ୍ୟ ବୋଲି ମନିକା କହିଛନ୍ତି। ପ୍ରକାଶ ଯେ, ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତର ଟ୍ରାକ୍ ରେକର୍ଡ ଉଲ୍ଲେଖନୀୟ ରହିଛି। ବର୍ତ୍ତମାନ ସୁଦ୍ଧା ୩ ଭାରତୀୟ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ଟାଇଟଲକୁ ହାସଲ କରିଛନ୍ତି। ୧୯୯୪ରେ ଅଭିନେତ୍ରୀ ସୁସ୍ମିତା ସେନ୍ ପ୍ରଥମ ଭାରତୀୟ ଭାବେ ମିସ୍ ୟୁନିଭର୍ସ ହୋଇଥିଲେ। ସେହିପରି ୨୦୦୦ରେ ଅଭିନେତ୍ରୀ ଲାରା ଦତ୍ତା ଏବଂ ୨୦୨୧ରେ ହରନାଜ୍ ସାନ୍ଧୁ ମିସ୍ ୟୁନିଭର୍ସ ଟାଇଟଲ ହାସଲ କରି ଦେଶକୁ ଗୌରବାନ୍ୱିତ କରିଥିଲେ।

## ଅନ୍‌ଲାଇନ ଗେମିଂରେ...

ଏଥିରେ ବିଜୟୀ ହେଉଥିବା ବ୍ୟକ୍ତି ବା ସଂସ୍ଥା ଉପରେ ୨୦୨୪-୨୫ ଆର୍ଥିକ ବର୍ଷରୁ ୩୦% ଟ୍ୟାକ୍ସ ଲଗାଯାଇଛି। ଦରିଆପାରି ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକୁ ଟିକସଭୁକ୍ତ କରାଯିବା ସହ ପଞ୍ଜୀକୃତ ହୋଇ ନ ଥିବା କିମ୍ବା ବେଆଇନ ସାଇଟ୍‌ଗୁଡ଼ିକୁ ବ୍ଲକ୍ କରିବା କ୍ଷମତା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାକୁ ଦିଆଯାଇଛି। ୨୦୨୨ରୁ ୨୦୨୫ ଫେବୃଆରୀ ମଧ୍ୟରେ କେନ୍ଦ୍ର ସରକାର ୧,୪୦୦ରୁ ଊର୍ଦ୍ଧ୍ୱ ବେଟିଂ ଆପ୍ ଏବଂ ଗେମ୍ବଲିଂ ୱେବ୍‌ସାଇଟ୍ ଓ ଆପ୍‌କୁ ବ୍ଲକ୍ କରିଛନ୍ତି।



କୋଲ୍‌କାତାରେ ଅବସ୍ଥାପିତ ବ୍ରିଟେନ୍ ଉପ ଉଚ୍ଚାୟୁକ୍ତ ଆଣ୍ଡ୍ର୍ୟୁ ଫ୍ଲେମିଂ ଓଡ଼ିଶା ଗସ୍ତରେ ଆସିଥିବାବେଳେ ମଙ୍ଗଳବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନ ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, କୋଲକାତା ବ୍ରିଟିଶ୍ ଡେପୁଟି ହାଇକମିଶନ୍‌ର ଆସିଷ୍ଟାଣ୍ଟ କମ୍ୟୁନିକେଶନ, ଇଭେଣ୍ଟ୍ସ ଆଣ୍ଡ ଭିଜିଟ୍ସ ଅଫିସର ସ୍ୱର୍ଣ୍ଣମୟୀ ଶତପଥୀ ଏବଂ ଧରିତ୍ରୀ ପରିବାରର ସଦସ୍ୟାସଦସ୍ୟ।

# ୨୫ରୁ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ନାମଲେଖା ଆବେଦନ

ଭୁବନେଶ୍ୱର,୧୯।୮ (ସୁଚିସ୍ମିତା ସାହୁ)

ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ନାମଲେଖା ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ଆସନ୍ତା ୨୫ ତାରିଖଠାରୁ ନାମଲେଖା ପାଇଁ ଆବେଦନ କରିପାରିବେ। ଯେଉଁ ବିଦ୍ୟାର୍ଥୀମାନେ ପ୍ରଥମ ପର୍ଯ୍ୟାୟ-୧ ଇ-ଆଡ୍‌ମିଶନ ୨୦୨୫-୨୬ରେ ଆବେଦନ କରିଥିଲେ, କିନ୍ତୁ କୌଣସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ମନୋନୀତ ହୋଇ ନ ଥିଲେ, ସେମାନେ କୌଣସି ଅତିରିକ୍ତ ସିଏଏଫ୍ ଫି' ବିନା ସେମାନଙ୍କର ବିଦ୍ୟମାନ ଲଗ୍-ଇନ୍ ବ୍ୟବହାର କରି ପୁନଃ ଆବେଦନ କରିପାରିବେ। ସେହିପରି ଯେଉଁ ବିଦ୍ୟାର୍ଥୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରବେଶ ପାଇ ନ ଥିଲେ ଅଥବା ସିଏଏଫ୍‌ରେ ଆବେଦନ କରି ନ ଥିଲେ କିମ୍ବା ଟିସି ଅଗଷ୍ଟ ୩୧ ସୁଦ୍ଧା କିମ୍ବା ପୂର୍ବରୁ ନେଇଥିଲେ, ସେମାନଙ୍କୁ ପର୍ଯ୍ୟାୟ-୨ ପ୍ରଥମ ଚୟନ ଫି ପ୍ରଦାନ ସହିତ ଏକ ନୂତନ ସିଏଏଫ୍ ଦାଖଲ କରିବାକୁ ପଡ଼ିବ। ଆବେଦନକାରୀମାନେ ସେମାନଙ୍କ ସାଧାରଣ ଆବେଦନ ଫର୍ମ ୪ଥର ପର୍ଯ୍ୟନ୍ତ ଏଡିଟ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଫର୍ମ ଆବେଦନ କରିବାର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ସେପ୍ଟେମ୍ବର ୪ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବା ସହିତ ୬ରୁ ୧୦ତାରିଖ ଭିତରେ ଆଡ୍‌ମିଶନ ପାଇଁ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରିପୋର୍ଟିଂ କରିବେ। ନାମଲେଖା ଫର୍ମ ଏଡିଟ କରିବାର ଶେଷ ତାରିଖ ୧୧ ପର୍ଯ୍ୟନ୍ତ ରହିଛି। ସ୍ପଟ୍ ନାମଲେଖା ପାଇଁ ଚଏସ୍ ଲକିଂ ୧୨ ଓ ୧୩ ତାରିଖ ପର୍ଯ୍ୟନ୍ତ କରିପାରିବେ। ସେହିପରି ୧୭ ତାରିଖରେ ସ୍ପଟ୍ ନାମଲେଖାର ମେଧା ତାଲିକା ପ୍ରକାଶ ପାଇବ।

**ସେପ୍ଟେମ୍ବର ୪ରେ ମେଧା ତାଲିକା**

# ୨% ଅର୍ଥ ଖର୍ଚ୍ଚ କରିପାରୁନି କ୍ରୀଡ଼ା ବିଭାଗ

ଭୁବନେଶ୍ୱର,୧୯।୮ (ରବିନାରାୟଣ ଜେନା)

**୭ ବିଭାଗର ନୈରାଶ୍ୟଜନକ ସ୍ଥିତି**

କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରି ଯୁବବର୍ଗଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ କାର୍ଯ୍ୟକାରୀ ହେଉଛି। ହେଲେ ବିଭାଗ ଚଳିତ ଆର୍ଥିକବର୍ଷ ପାଇଁ ଯେଉଁ ଯୋଜନା ଓ ଆଭିମୁଖ୍ୟ ରଖିଥିଲା, ତାହା ଏବେ ବାଟବଣା ହେଲାଭଳି ପରିଲକ୍ଷିତ ହେଉଛି। ରାଜ୍ୟ ସରକାରଙ୍କ ୨୦୨୫-୨୬ ଆର୍ଥିକବର୍ଷ ବଜେଟକୁ ଇତିମଧ୍ୟରେ ୫ ମାସ ବିତିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ ବିଭାଗ ୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରିନାହିଁ। ଏଥିପାଇଁ କିଏ ବାଟ ଓଗାଳିଛି ବୋଲି ଅଗଷ୍ଟ ୧୧ରୁ ୧୩ ତାରିଖ ମଧ୍ୟରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଜଣାଯାଇଛି।

ଉନ୍ନୟନ ଆୟୁକ୍ତ ଗର୍ଗଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗର ବଜେଟ ଖର୍ଚ୍ଚ ସମୀକ୍ଷା ଚଳିତମାସ ୧୧ରୁ ୧୩ ପର୍ଯ୍ୟନ୍ତ ହୋଇଥିଲା। ଏହି ଅବସରରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ଯେଉଁ ଖର୍ଚ୍ଚ ପ୍ରଦର୍ଶନ କରାଯାଇଥିଲା, ତାହା ଅତ୍ୟନ୍ତ ନଗଣ୍ୟ ରହିଥିଲା। ବିଭାଗୀୟ ସଚିବ ସମୀକ୍ଷା ବେଳେ ଦର୍ଶାଇଥିଲେ ଯେ, ବିଭାଗ ପକ୍ଷରୁ ଚଳିତବର୍ଷ ୧୧୨୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଛି। ଜୁଲାଇ ଶେଷ ସୁଦ୍ଧା ୧.୭୬ % ଅର୍ଥ ଖର୍ଚ୍ଚ ହୋଇଛି। ସଚିବଙ୍କ ଏହି ହିସାବକୁ ନେଇ ଅନ୍ୟ ସମସ୍ତ ବିଭାଗର ଅଧିକାରୀ ଓ ନିଜେ ଉନ୍ନୟନ ଆୟୁକ୍ତ ଆଶ୍ଚର୍ଯ୍ୟଚକିତ ହୋଇଥିଲେ। କେଉଁ କାରଣ ପାଇଁ ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ରହିଛି ବୋଲି ପ୍ରଶ୍ନ କରିବା ସହିତ ଏହା କିଭଳି ବିଭିନ୍ନ ପ୍ରକାର କ୍ରୀଡ଼ା ଭିତ୍ତିଭୂମିର ସୁଦୃଢ଼ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ଖର୍ଚ୍ଚ ହୋଇପାରିବ ସେନେଇ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଯଦି ଖର୍ଚ୍ଚ କରିପାରୁନାହଁ ତେବେ ଅତିରିକ୍ତ ବଜେଟ ପ୍ରସ୍ତାବ ପ୍ରସ୍ତୁତକରି ସରକାରଙ୍କୁ ତୁରନ୍ତ ଅବଗତ କରାଇବାକୁ ଉନ୍ନୟନ ଆୟୁକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେବା ସହ ଯୋଜନା ଓ ସଂଯୋଜନ ବିଭାଗ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଡି.କେ. ଜେନାଙ୍କ ପତ୍ରରୁ ଜଣାଯାଇଛି।

ଓଏସ୍‌ଡି ଡି.କେ. ଜେନା ଚଳିତମାସ ୧୬ରେ ସମସ୍ତ ବିଭାଗକୁ ପ୍ରଦାନ କରିଥିବା ବିବରଣୀରୁ ଜଣାଯାଇଛି, କେବଳ ଯେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରିବାରେ ଅସମର୍ଥ ରହିଛି ତାହା ନୁହେଁ, ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଶକ୍ତି ବିଭାଗ, ଉଚ୍ଚଶିକ୍ଷା, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ, ଗ୍ରାମ୍ୟ ଉନ୍ନୟନ ଭଳି ବିଭାଗର ଖର୍ଚ୍ଚ ମଧ୍ୟ ନିରୁତ୍ସାହଜନକ ରହିଛି। ଏହି ପରିପ୍ରେକ୍ଷୀରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ବଜେଟ ଖର୍ଚ୍ଚ ଅତ୍ୟନ୍ତ ଉତ୍ସାହଜନକ ରହିଛି। ଚଳିତମାସ ୧୦ ସୁଦ୍ଧା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରାୟ ୫୦ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ତେଣୁ ବିଭାଗୀୟ ସଚିବ ଶୁଭା ଶର୍ମାଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାର ସମୀକ୍ଷା କରିବାକୁ କୁହାଯାଇଛି। ସେଥିମଧ୍ୟରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ଓଡ଼ିଶା ପୁଷ୍ଟି ମିଶନ, ଆଦିକା, ଆମେ ପଢ଼ିବା ଆମ ଭାଷାରେ, ମମତା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ଓ ପୋଷଣ ଅଭିଯାନ ପ୍ରଭୃତି ରହିଛି। ଏହାସହିତ ସଂପୃକ୍ତ ବିଭାଗ ପକ୍ଷରୁ ଏହିସବୁ ଯୋଜନାକୁ ତୃତୀୟପକ୍ଷ ମୂଲ୍ୟାୟନ କମିଟି ମାଧ୍ୟମରେ ସମୀକ୍ଷା କରିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ନଗର ଉନ୍ନୟନ ବିଭାଗ ଜୁଲାଇ ଶେଷ ସୁଦ୍ଧା ୧୯.୩୯ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଛି। ତେବେ ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ, ପିଏମ୍-ଇ-ବସ୍ ସେବା, ଏନ୍‌ୟୁଏଲ୍‌ଏମ୍ ଭଳି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ସମୀକ୍ଷା କରିବାକୁ କୁହାଯାଇଛି। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗ ଅଗଷ୍ଟ ୭ ସୁଦ୍ଧା ୨୩.୬୬ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଥିବାବେଳେ ଶକ୍ତି ବିଭାଗ ଅଗଷ୍ଟ ୮ ମାତ୍ର ୬.୯୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। ଉଚ୍ଚଶିକ୍ଷା ବିଭାଗ ୧୨ ଅଗଷ୍ଟ ସୁଦ୍ଧା ୧୬.୧, ଅନୁସୂଚିତ ଜାତି, ଜନଜାତି ବିଭାଗ ୧୩.୦୧, ଗ୍ରାମ୍ୟ ଉନ୍ନୟନ ବିଭାଗ ୨୨.୨୩ ଏବଂ ନିର୍ମାଣ ବିଭାଗ ୩୨.୫୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିବା ଜଣାପଡ଼ିଛି।

# ମଣିଷମରା ହାତୀକୁ ବିଦା କର

- **ଜି.ଉଦୟଗିରି, କଳିଙ୍ଗାରେ ବନ୍ଦ ପାଳନ**
- **ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଜି.ଉଦୟଗିରି,୧୯।୮ (ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳରେ ଦୀର୍ଘ ୩ ବର୍ଷ ହେବ ହାତୀ ଉପଦ୍ରବ ଜାରି ରହିଛି। ହିଂସ୍ର ହୋଇ ଉଠିଥିବା ଦନ୍ତାହାତୀ ଆକ୍ରମଣରେ ମଣିଷ ଓ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଉକ୍ତ ଦନ୍ତାକୁ ସ୍ଥାନୀୟ ଅଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ୪ ଦଫା ଦାବି ନେଇ ଅଞ୍ଚଳବାସୀଙ୍କ ତରଫରୁ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜି.ଉଦୟଗିରି, କଳିଙ୍ଗାରେ ବନ୍ଦ ପାଳନ କରାଯାଇଛି। ବନ୍ଦ ଡାକରା ଯୋଗୁ ସହରର ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ ଅନୁଷ୍ଠାନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଶତାଧିକ ମହିଳା, ପୁରୁଷ ସ୍ଥାନୀୟ ହାଟପଦାଠାରୁ ଶାନ୍ତିପୂର୍ଣ୍ଣ ଭାବେ ରାଲିରେ ଯାଇ ୪ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁ ଓ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପ୍ରଦାନ କରିଥିଲେ। ଦାବି ମଧ୍ୟରେ ହିଂସ୍ର ଦନ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ହାତୀ ଉପଦ୍ରବ ଯୋଗୁ ସମସ୍ତ ଗ୍ରାମରେ ସୋଲାର ଲାଇଟ୍ ଲଗାଇବା, ହାତୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ପରିବାରଙ୍କୁ ତୁରନ୍ତ କ୍ଷତପୂରଣ ପ୍ରଦାନ କରିବା ଓ କନ୍ଧମାଳ ଜିଲାରେ ତୁରନ୍ତ ସ୍ଥାୟୀ ରକ୍ଷକ ଦଳ ବା ରାପିଡ୍ ରେସପନସ ଟିମ୍ ନିଯୁକ୍ତି କରିବା ଆଦି ରହିଛି। ସୂଚନାଯୋଗ୍ୟ, ହିଂସ୍ର ଦନ୍ତା ଗତ ୨ ମାସ ହେଲା ଦନ୍ତା ଲୋକଙ୍କ ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗୁଛି। ଏପରିକି ସ୍ଥାନୀୟ ଅଞ୍ଚଳର ୩ ଜଣ ଲୋକଙ୍କୁ ଦଳିଚକଟି ମାରିଦେଇଥିବା ବେଳେ ପ୍ରାୟ ୯ଟି ଗାଈ ଜୀବନ ନେଇଛି। ଉକ୍ତ ଦନ୍ତାକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବନ ବିଭାଗ ଓ ଜିଲାପାଳଙ୍କୁ ଲୋକେ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏହାର ପ୍ରତିକାର ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବନ୍ଦ ଡାକରାରେ ସାମିଲ ହୋଇଥିଲେ। ସ୍ଥାନୀୟ ଥାନା ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମହିଳା ଓ ପୁରୁଷ ପୋଲିସ କର୍ମଚାରୀ ସହରର ବିଭିନ୍ନ ସ୍ଥାନରେ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ ହୋଇଛି।




**ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ**




# ବଜ୍ରପାତରେ ଚାଷୀ ମୃତ

ବନ୍ତ,୧୯।୮ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ କ୍ଷେଣ୍ଟିରା ପଞ୍ଚାୟତର ଚାରିପୋଖରୀଆ ଗ୍ରାମରେ ମଙ୍ଗଳବାର ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗୌରା ମୁଣ୍ଡା(୨୮)। ସୂଚନା ଅନୁଯାୟୀ, ଗୌରା ତାଙ୍କ ବିଲରେ କାମ କରୁଥିବା ବେଳେ ଅପରାହ୍ନ ୨ଟା ୩୦ ବେଳେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସେ ବିଲରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ ଥିବାବେଳେ ପରିବାର ବେସାହାରା ହୋଇଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ

କୋଲାବିରା,୧୯।୮ (ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ପରମାଣପୁର ପଞ୍ଚାୟତ ଅଧୀନ କାଲିବାହାଲ ଗ୍ରାମରେ ମଙ୍ଗଳବାର ବଜ୍ରପାତ ହେବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କାଲିବାହାଲ ଗ୍ରାମର ବୀର କିଷାନ ଓ ଦୁଃଖବନ୍ଧୁ ମାଝୀ। ବୀର ନିଜ ଚାଷଜମିରେ ଔଷଧ ପକାଇବାକୁ ଯାଇଥିଲେ। ଅପରପକ୍ଷରେ ହେଲ୍‌ପର କାମ କରୁଥିବା ଦୁଃଖବନ୍ଧୁ ଟ୍ରାକ୍ଟରରେ ଜମି କାଦୁଅ କରିବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ବର୍ଷା, ଘଡ଼ଘଡି ହେବାରୁ ସେମାନେ ଗ୍ରାମର ଏକ ମହୁଲ ଗଛମୂଳରେ ଛିଡା ହୋଇଥିଲେ। ହଠାତ୍ ବଜ୍ରପାତ ହେବାରୁ ସେମାନେ ଟଳି ପଡ଼ିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ମା'ଙ୍କୁ ମୁଖାଗ୍ନି ଦେଲେ ଝିଅ



ଲୋପାମୁଦ୍ରା ମା'ଙ୍କୁ ମୁଖାଗ୍ନି ଦେଉଛନ୍ତି।

ଉମରକୋଟ, ୧୯।୮ (ସନ୍ତୋଷ ଶତପଥୀ)

ସାଧାରଣତଃ ଘରେ ଝିଅ ଜନ୍ମ ହେଲେ ଅନେକେ ନାପସନ୍ଦ ଓ ଦୁଃଖ ପ୍ରକାଶ କରନ୍ତି। ଏବେବି ସେ ପୁରାତନ କାଳର ଧାରଣା ଲୋକଙ୍କ ମନରେ ରହିଛି ଯେ ଝିଅ ଜନ୍ମ କେବଳ ପରଘରକୁ। ପୁଅ ଥିଲେ ମୃତ୍ୟୁ ସମୟରେ ମୁଖାଗ୍ନି ଓ ପିଣ୍ଡଦାନ କରିବ। କିନ୍ତୁ ମଙ୍ଗଳବାର ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳରେ ଜଣେ ଝିଅ ତାଙ୍କ ମା'ଙ୍କ ମୃତ୍ୟୁ ପରେ ମୁଖାଗ୍ନି ଦେଇଛନ୍ତି। ଉମରକୋଟର ଖବରଦାତା ହରିହର ଶତପଥୀଙ୍କ ସ୍ତ୍ରୀ କୁନ୍ତଳାଙ୍କ ମଙ୍ଗଳବାର ମୃତ୍ୟୁ ହୋଇଥିଲା। ସାନ ଝିଅ ଲୋପାମୁଦ୍ରା ମୁଖାଗ୍ନି ଦେଇଥିଲେ। ସୂଚନାନୁଯାୟୀ କୁନ୍ତଳା ଶତପଥୀ ୮ ବର୍ଷ ହେଲା ବ୍ରେନ୍ ଟ୍ୟୁମରରେ ପୀଡ଼ିତ ହେବା ସହ ଶଯ୍ୟାଶାୟୀ ଥିଲେ। ତାଙ୍କର ୨ଟି ଝିଅ। କିଛିଦିନ ଆଗରୁ ବଡ଼ ଝିଅଙ୍କ ବିବାହ ହୋଇଥିଲା। ମଙ୍ଗଳବାର କୁନ୍ତଳାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର କେହି ପୁଅ ନ ଥିବାରୁ ସାନ ଝିଅ ହିଁ ମୁଖାଗ୍ନି ଦେବେ ବୋଲି ସ୍ଥିର ହୋଇଥିଲା। ଉମରକୋଟ ଶ୍ମଶାନରେ କୁନ୍ତଳାଙ୍କ ସତ୍କାର କରାଯାଇଥିଲା। ଲୋପାମୁଦ୍ରା ମୁଖାଗ୍ନି ଦେଇଥିଲେ। ପରମ୍ପରା ଓ ପୁରୁଣା ପ୍ରଥା ଅନୁଯାୟୀ ପୁରୁଷ ଲୋକ ହିଁ ପରିବାର ପରିଜନଙ୍କୁ ମୁଖାଗ୍ନି ଦେଇଥାନ୍ତି। କିନ୍ତୁ ଆମ ବଂଶରେ କେହି ପୁଅ ନାହାନ୍ତି ତେଣୁ ମା'ଙ୍କ ଶେଷକୃତ୍ୟ ସମୟରେ ପିଣ୍ଡଦାନ ସହ ଓ ମୁଖାଗ୍ନି ଦେଇଛି। ଆଗାମୀ ସମସ୍ତ କାର୍ଯ୍ୟ କରିବେ ବୋଲି ଲୋପାମୁଦ୍ରା କହିଛନ୍ତି। ପୂର୍ବ କାଳର ପ୍ରଥାକୁ ବଦଳାଇବାକୁ ଏହିଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ। ଝିଅ ଆଜି ଯାହା କରିଛି ତାହା ସମାଜ ପାଇଁ ଉଦାହରଣ ବୋଲି ଲୋପାମୁଦ୍ରାଙ୍କ ଦାଦା କହିଛନ୍ତି।

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା



# ଲିଭିଂ ଲାବ୍

ଜଳବାୟୁ ପରିବର୍ତ୍ତନ ଯୋଗୁ ଏବେ ବନ୍ୟା, ବାତ୍ୟା, ଭୂସ୍ଖଳନ ଓ ଜଙ୍ଗଲ ନିଆଁର ପ୍ରାବଲ୍ୟତା ଯେଉଁଭଳି ବୃଦ୍ଧି ପାଉଛି, ତାହା ଏବେ ଦେଶବ୍ୟାପୀ ସମସ୍ତେ ହୃଦ୍‌ବୋଧ କରୁଛନ୍ତି। ଓଡ଼ିଶାରେ ପୂର୍ବରୁ ମଧ ଏହିଭଳି ବାତ୍ୟା, ବନ୍ୟା ଓ ଠାଏ ଠାଏରେ ମରୁଡ଼ି ହୋଇ ଆସୁଛି। ସେ ସମ୍ପର୍କରେ ଆମେ ସମସ୍ତେ ଅଙ୍ଗେ ନିଭାଇ ଚାଲିଛୁ। ବିଶେଷକରି ସହରରେ ବର୍ଷାଜନିତ ବନ୍ୟା ସାଙ୍ଗକୁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ମନୁଷ୍ୟକୃତ ବିପର୍ଯ୍ୟୟର ଭୟାବହତାକୁ ସୂଚିତ କରିଛି। ନିକଟ ଅତୀତରୁ କେରଳଠାରୁ ଆରମ୍ଭ କରି ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ନାଗାଲାଣ୍ଡ, ମଣିପୁର ଭଳି ରାଜ୍ୟ ଏବଂ ଜମ୍ମୁ ଓ କଶ୍ମୀରରେ ନିୟମିତ ଭୂସ୍ଖଳନ ଯୋଗୁ ବ୍ୟାପକ ଧନଜୀବନ ହାନି ହେଉଛି। ଚଳିତ ମାସର ବିଗତ ୧୫ ଦିନକୁ ଦେଖିଲେ ୫ ଅଗଷ୍ଟରେ ଉତ୍ତରାଖଣ୍ଡର ଧରାଳି ପରେ ଜମ୍ମୁ ଓ କଶ୍ମୀରରେ ଗତ ସପ୍ତାହରେ ଦୁଇଥର ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ତେବେ ପ୍ରାକୃତିକ ବିପର୍ଯ୍ୟୟ ନେଇ ଆଗୁଆ ସୂଚନା ଦେବା ସହିତ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ କେରଳର କୁନ୍ନୁର ଜିଲା କାନିଚାର ଗ୍ରାମ ପଞ୍ଚାୟତ ପକ୍ଷରୁ ଏବେ ନିଆଯାଇଥିବା ଏକ ଅଭିନବ ପ୍ରୟାସ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭାରତରେ ପ୍ରଥମେ ଏହି ଗ୍ରାମ ପଞ୍ଚାୟତରେ 'ଲିଭିଂ ଲାବ୍' ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ରେ ଘଟିଥିବା ଭୂସ୍ଖଳନରେ ଏହି ଗ୍ରାମ ପଞ୍ଚାୟତର ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଶହ ଏକର ଚାଷଜମି ଉପରେ ପଥର ଓ ମାଟି ମାଡ଼ିଯାଇ ଲୋକଙ୍କ ଜୀବିକାକୁ ଘୋର ପ୍ରଭାବିତ କରିଥିଲା। ତେବେ ଜଳବାୟୁ ସମ୍ବେଦନଶୀଳତା ଓ ପ୍ରାକୃତିକ ବିପର୍ଯ୍ୟୟଜନିତ ଜଟିଳ ସ୍ଥିତିକୁ ମୁକାବିଲା କରିବା ସକାଶେ ଲୋକଙ୍କୁ ପୂର୍ବରୁ ସତର୍କ ସୂଚନା ଦେବାରେ ଲିଭିଂ ଲାବ୍ ବିଶେଷ ସହାୟକ ହେବ। ଗବେଷଣା ଓ ଅନୁଧ୍ୟାନ ଆଧାରରେ ନିର୍ଦ୍ଦିଷ୍ଟ ଅଞ୍ଚଳର ଭୌଗୋଳିକ ଓ ପାଣିପାଗଜନିତ ସ୍ଥିତି ସମ୍ପର୍କିତ ତଥ୍ୟ ସ୍ଥାନୀୟ ଅଧିବାସୀଙ୍କୁ ଜଣାଇବା ସହିତ ଅସ୍ୱାଭାବିକତାକୁ କିଭଳି ମୁକାବିଲା କରାଯାଇପାରିବ, ସେ ସଂକ୍ରାନ୍ତରେ ଲିଭିଂ ଲାବ୍ କାମ କରୁଥିବା ଜଣାପଡ଼ିଛି। ନେଦରଲାଣ୍ଡ୍‌ସରେ ଏହି ବ୍ୟବସ୍ଥା ପ୍ରଥମେ ବିକଶିତ କରାଯାଇଥିଲା। ସେହି ଅନୁଯାୟୀ କେରଳ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (କେଏସ୍‌ଡିଏମ୍‌ଏ) ଲିଭିଂ ଲାବ୍‌କୁ କାର୍ଯ୍ୟକାରୀ କରୁଛି। ଏଥିରେ ସରକାରୀ ସଂସ୍ଥା, ବିଶେଷଜ୍ଞ, ଘରୋଇ ସଙ୍ଗଠନ ଓ ଭଦ୍ର ସମାଜକୁ ସାମିଲ କରାଯାଇଛି। ଫଳରେ ଗ୍ରାମ ପଞ୍ଚାୟତରେ ସ୍ଥାପିତ ଏହି ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରରୁ ସମ୍ପୃକ୍ତ ଅଞ୍ଚଳର ଲୋକେ ପ୍ରତ୍ୟେକ ଦିନ ବର୍ଷା ଓ ପବନର ବେଗ ସମ୍ପର୍କରେ ତଥ୍ୟ ଜାଣିପାରୁଛନ୍ତି। ଭାରତ ପାଣିପାଗ କେନ୍ଦ୍ର (ଆଇଏମ୍‌ଡି)ର ଆଞ୍ଚଳିକ କାର୍ଯ୍ୟାଳୟ କେରଳରେ ଥିଲେ ମଧ ପଞ୍ଚାୟତ ସ୍ତରରେ ଏଭଳି ଅଭିନବ ପଦକ୍ଷେପ ନିଶ୍ଚିତ ଭାବେ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କୁ ପାଣିପାଗଜନିତ ସଦ୍ୟତମ ସୂଚନା ଦେବାରେ ଅଧିକ ପ୍ରଭାବଶାଳୀ ହେଉଥିବା ଦେଖାଯାଉଛି। ବିଶେଷକରି ୬୦ ସଦସ୍ୟ ବିଶିଷ୍ଟ ଏକ ଟିମ୍‌କୁ ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ସର୍ବଦା ଜାଗତିଆର ରଖାଯାଇଛି।

ଏଥିରୁ ବୁଝିବାକୁ ହେବ ଯେ, କେବଳ ପାଣିପାଗ ସୂଚନା ମିଳିଗଲେ ତାହାକୁ କିଭଳି ଭାବେ ବାସ୍ତବ ଜୀବନରେ ଉପଯୋଗ କରିହେବ, ସେ ସମ୍ପର୍କରେ ସାଧାରଣ ନାଗରିକ ସଚେତନ ନାହାନ୍ତି। ତେଣୁ ଖାଲି ସୂଚନା ନୁହେଁ, ତାହାର ବ୍ୟବହାରିକତା ଅଧିକ ଗୁରୁତ୍ୱ ବହନ କରୁଛି। ଏଥିସହିତ ଯେଉଁ ଅଞ୍ଚଳ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରହିଛି, ସେସବୁ ସ୍ଥାନରେ ଯେଭଳି ମନୁଷ୍ୟକୃତ ବିପଦ ସୃଷ୍ଟି ନ ହେବ ସେହି ଦିଗରେ ସ୍ଥାନୀୟ ଅଧିବାସୀଙ୍କୁ ସମ୍ପୃକ୍ତ କରାଇବାର ସମୟ ଆସିଲାଣି। ଏକ ପରିସଂଖ୍ୟାନ କୁହେ, ୨୦୧୫ରୁ ୨୦୨୨ ମଧରେ ସମଗ୍ର ଭାରତରେ ଦେଖାଦେଇଥିବା ଭୂସ୍ଖଳନର ପାଖାପାଖି ୬୦ ପ୍ରତିଶତ କେରଳରେ ଘଟିଥିଲା। ମନେପକାଇ ଦିଆଯାଇପାରେ ଯେ, ୨୦୨୪ ଜୁଲାଇ ୩୦ରେ କେରଳର ୱାୟନାଡାର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ୨୫୪ ଜଣଙ୍କ ମୃତ୍ୟୁ ହେବା ସହ ୧୧୮ ଲୋକ ନିଖୋଜ ହୋଇଥିଲେ। ଏଥିରେ ୩୯୭ ଆହତ ହୋଇଥିଲେ। ଏଭଳି ଭୂସ୍ଖଳନର କାରଣ ଖୋଜାଯିବା ପରେ ଜଣାପଡ଼ିଥିଲା ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ପ୍ରଚୁର ବର୍ଷାଜନିତ ବନ୍ୟାକୁ ରୋକିବା ପାଇଁ ଥିବା ଜଙ୍ଗଲ ସମୟକ୍ରମେ ମନୁଷ୍ୟକୃତ କ୍ଷତିକାରକ କାର୍ଯ୍ୟ ଯୋଗୁ ହ୍ରାସ ପାଇବାରେ ଲାଗିଛି। ଏଥିସହିତ ଯେଉଁଠିପାରେ ସେଇଠି ଅନିୟନ୍ତ୍ରିତ ନିର୍ମାଣ ଯୋଗୁ ପ୍ରାକୃତିକ ଜଳଉତ୍ସ ସଙ୍କୁଚିତ ହୋଇଯାଉଥିବା ବେଳେ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ନ ହୋଇ ବିପର୍ଯ୍ୟୟ ସୃଷ୍ଟି କରୁଛି। ସେହିପରି ପର୍ବତର କଠିନ ସ୍ତର ଦୁର୍ବଳ ହୋଇଯିବାରୁ ମାଟି ଅତଡ଼ା ଧସି ଜନଜୀବନକୁ ବିପଦରେ ପକାଉଛି। ଏହିଭଳି ବହୁବିଧ କାରଣ ଭୂସ୍ଖଳନ ସୃଷ୍ଟି କରୁଥିବାରୁ ସେଥିରୁ କିଭଳି ତ୍ରାହି ମିଳିବ, ସେଥିଲାଗି ସ୍ଥାନୀୟ ପ୍ରଶାସନ ନିର୍ଦ୍ଦିଷ୍ଟ ଅଞ୍ଚଳର ଅଧିବାସୀଙ୍କୁ ବିକାଶ ଯୋଜନାରେ ଯୋଡ଼ିବା ଦରକାର। ପ୍ରାକୃତିକ ଅବସ୍ଥିତି ବିଷୟରେ ସେହିମାନେ ହିଁ ଭଲ ଭାବେ ଅବଗତ ଥାଆନ୍ତି। ତେଣୁ ସେମାନେ ସେମାନଙ୍କ ଅଞ୍ଚଳରେ ପରିସଂସ୍ଥାନକୁ କ୍ଷତି ନ ପହଞ୍ଚାଇଲା ଭଳି କେଉଁଠି ସଡ଼କ, ଶିଳ୍ପ ତଥା ଅନ୍ୟାନ୍ୟ ନିର୍ମାଣ ହୋଇପାରିବ ସେହି ଦିଗରେ ପ୍ରସ୍ତାବ ଦେଇପାରନ୍ତେ। ସେଗୁଡ଼ିକୁ ବିଶେଷଜ୍ଞ ଓ ପ୍ରଶାସନ ତର୍ଜମା କରି ଆଗକୁ ବଢ଼ିଲେ ବିପର୍ଯ୍ୟୟ ହ୍ରାସ ପାଇପାରନ୍ତା। ବର୍ଷାଜନିତ ଭୂସ୍ଖଳନ ଓ ଅନ୍ୟାନ୍ୟ ବିପର୍ଯ୍ୟୟ ନେଇ କାନିଚାର ଗ୍ରାମ ପଞ୍ଚାୟତରେ ସ୍ଥାପନ କରାଯାଇଥିବା 'ଲିଭିଂ ଲାବ୍' ବ୍ୟବସ୍ଥା ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇପାରନ୍ତା। ଭୂସ୍ଖଳନ ନ ହେଲେ ମଧ ଓଡ଼ିଶାରେ ଅନେକ ଅତ୍ୟନ୍ତ କ୍ଷତିକାରକ ପ୍ରାକୃତିକ ବିପର୍ଯ୍ୟୟ ଦୀର୍ଘବର୍ଷ ଧରି ଘଟିଆସୁଛି। ଏବେ ଆଇଏମ୍‌ଡି ତରଫରୁ ମିଳୁଥିବା ତଥ୍ୟ ପୂର୍ବାପେକ୍ଷା ପାଖାପାଖି ଠିକ୍ ଆସିଲାଣି। ଏଭଳି ସ୍ପଷ୍ଟ ତଥ୍ୟ ସହିତ 'ଲିଭିଂ ଲାବ୍' ବ୍ୟବସ୍ଥା ମାଧମରେ ଜନସାଧାରଣଙ୍କୁ ନିଜର ସୁରକ୍ଷା ପାଇଁ ସମ୍ପୃକ୍ତ କରାଯାଇପାରନ୍ତା, ତାହା ହେଲେ ଏହି ରାଜ୍ୟର ଅନେକ ମଙ୍ଗଳ ଘଟିପାରନ୍ତା। ଏଥିସହିତ ହିମାଳୟ ସଂଲଗ୍ନ ରାଜ୍ୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ସହିତ ମନୁଷ୍ୟକୃତ ବିପଦ କିଭଳି ନ ହେବ ସେଥିଲାଗି ଆଗୁଆ ପଦକ୍ଷେପ ନେବାର ମଧ ସମୟ ଆସିଲାଣି। ଏଠାରେ ବିକାଶକୁ ବିରୋଧ କରାଯାଉ ନାହିଁ, କିନ୍ତୁ ପରିବେଶ ଅନୁକୂଳ ଉନ୍ନତି ଘଟିଲେ ପରିସଂସ୍ଥା ଅର୍ଥାତ୍ ଉଭୟ ଉଦ୍ଭିଦ ଓ ପ୍ରାଣିଜଗତ ତିଷ୍ଠି ରହନ୍ତା।

# ଜନସ୍ୱାର୍ଥ ପ୍ରତି ପ୍ରାଥମିକତା



ବୈକୁଣ୍ଠନାଥ ମିଶ୍ର

ବଡ଼ ବିଚିତ୍ର ଏ ରାଜନୀତି। ତା'ଠାରୁ ବିଚିତ୍ର ରାଜନେତାଙ୍କ ମତିଗତି। ବିରୋଧୀ ଦଳରେ ଥିବାବେଳେ ସରକାରର ସମସ୍ତ ଦୋଷ ଦୁର୍ବଳତାକୁ ନେଇ ବିଧାନସଭା ହୁଏ ରଣାଙ୍ଗନ। ବନ୍ଦ ପାଳନ, ଧର୍ମଘଟ ଓ ସତ୍ୟାଗ୍ରହ ମାଧ୍ୟମରେ ଜନତାଙ୍କ ମନରେ ପ୍ରତ୍ୟୟ ସୃଷ୍ଟିର ପ୍ରୟାସ କରାଯାଏ ଯେ ସରକାର ଅପାରଗ, ଜନସ୍ୱାର୍ଥ ବିରୋଧୀ, ଦୁର୍ନୀତିଗ୍ରସ୍ତ ଓ ଆଇନ ଶୃଙ୍ଖଳା ରକ୍ଷା କରିବାରେ ଅସମର୍ଥ। ଆମ ଦଳ କ୍ଷମତାକୁ ଆସିଲେ ରାଜ୍ୟ ତଥା ଜନତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ। ଆଇନ ଶୃଙ୍ଖଳା ସହ ଦୁର୍ନୀତିର ଶୂନ୍ୟ ସହନଶୀଳତାକୁ ପ୍ରାଧାନ୍ୟ ଦିଆଯିବ। ସମୟ ଚକ୍ର ଘୂରିଯାଏ। କାଲି ଯେ ବିରୋଧୀ ଭାବେ ସରକାର ବିରୋଧରେ ବିଷୋଦ୍‌ଗାର କରୁଥିଲେ ଆଜି ସରକାରୀ ଆସନରେ। ଆମେ ଜାଣିଛେ ଯେ ବିକ୍ରମାଦିତ୍ୟଙ୍କ ବତ୍ରିଶ ସିଂହାସନର ବିଶେଷତ୍ୱ ଥିଲା ଏହାକୁ ଯେ ଆରୋହଣ କରୁଥିଲେ ସେ ଯେତେ ଅନ୍ୟାୟୀ ହୋଇ ଥିଲେ ମଧ୍ୟ କେବଳ ସତ୍ୟଧର୍ମ ଓ ନ୍ୟାୟ ହିଁ ଆଚରଣ କରୁଥିଲେ। କିନ୍ତୁ ଆଜିର ଯୁଗରେ ରାଜନୀତି ସିଂହାସନର ମାହାତ୍ମ୍ୟ ହେଉଛି, ଏହାକୁ ଯେ ଦଖଲ କରିବ ସତ୍ୟ, ଧର୍ମ ଓ ନ୍ୟାୟ ତା'ଠାରୁ ଅନ୍ତର୍ହିତ ହୋଇ ସମସ୍ତ ବିପରୀତ ଗୁଣର ଅଧିକାରୀ ହେବ।

ଓଡ଼ିଶା ପରିପ୍ରେକ୍ଷୀରେ ଆଲୋଚନା ପ୍ରାସଙ୍ଗିକ ମନେହୁଏ। ଓଡ଼ିଶାରେ କଂଗ୍ରେସ ସରକାର ଅମଳରେ ନିଶ୍ଚିତ ଭାବେ ଅନୁଗୋଳ ନାଲ୍‌କୋ ପ୍ରକଳ୍ପ, ତାପଜ ବିଦ୍ୟୁତ୍ ଶିଳ୍ପ ପରି ଅନେକ ଲୋକହିତକର କାର୍ଯ୍ୟ ହୋଇଛି। ସମତାଳରେ କିଛି ଅରୁଚିକର ଘଟଣା ମଧ୍ୟ ଘଟିଛି। ଆମ ଲୋକଚରିତ୍ର ବୈଶିଷ୍ଟ୍ୟ ହେଲା– ଆମେ ଶହେ ଭଲକାମକୁ ଭୁଲିଯାଉ ଓ ଗୋଟିଏ ମନ୍ଦ କାମକୁ ଗଣ୍ଠିକରି ଧରୁ। ବିରୋଧୀଙ୍କର ଲକ୍ଷ୍ୟ ହେଲା ସରକାରକୁ ସବୁ କାର୍ଯ୍ୟରେ ବିରୋଧ କରିବା। ନାରୀ ନିର୍ଯାତନା ସବୁ ସରକାର ଅମଳରେ ଘଟେ। ଘଟଣା ଘଟିଲା ପରେ କିଭଳି କାର୍ଯ୍ୟାନୁଷ୍ଠାନ ହେଉଛି ତା' ଉପରେ ସମସ୍ତଙ୍କର ନଜର। କଂଗ୍ରେସ ସରକାର ସମୟରେ ଛବିରାଣୀ ବଳାତ୍କାର ଓ ହତ୍ୟା ଘଟଣା ଚାରିଦଶନ୍ଧି ପରେ ମଧ୍ୟ ଲୋକ ସ୍ମୃତିରେ ଉଜ୍ଜୀବିତ ଅଛି। ସେହିପରି ଅଞ୍ଜନାଙ୍କ ପ୍ରତି ବର୍ବରତା ସବୁ ସୀମା ଟପିଗଲା, ଯାହା ସରକାରର ପତନ ଘଟାଇଲା। ପରେ ଦୀର୍ଘ ୨୪ ବର୍ଷ ବିଜୁ ଜନତା ଦଳ ଓଡ଼ିଶାରେ ଶାସନ କରିବା ପରେ ୨୦୨୪ ନିର୍ବାଚନରେ ପରାସ୍ତ ହୋଇ କ୍ଷମତାରୁ ଓହରି ଯାଇଛି। ବିଜୁ ଜନତା ଦଳର ଭଲ କାମଗୁଡ଼ିକର



ତାଲିକା ଯେତିକି ଲମ୍ୱା ସମାଲୋଚନାର ଫର୍ଦ୍ଦ ମଧ୍ୟ ସେତିକି ଦୀର୍ଘ। କୁନ୍ଦୁଲି ପୀଡ଼ିତା, ଟିଙ୍କିରି ଘଟଣା, ବେବିନା, ଇତିଶ୍ରୀଙ୍କ ମାର୍ମିକ ବେଦନା, ପରୀ ନିଖୋଜ ଘଟଣା ଓ ସର୍ବୋପରି ମମିତା ମେହେରଙ୍କ ମର୍ମନ୍ତୁଦ ହତ୍ୟା ଘଟଣା ଗୋଟିଏ ଗୋଟିଏ କଳା ଫର୍ଦ୍ଦ। ଲୋକେ ଭୁଲିନାହାନ୍ତି ଫରେଷ୍ଟ ରେଞ୍ଜର ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ହତ୍ୟା ଓ ମାହାଙ୍ଗା ଡବଲ ମର୍ଡର ଘଟଣା। ସବୁଠାରୁ ଚର୍ଚ୍ଚିତ ଘଟଣା ହେଲା ନବ ଦାସଙ୍କ ପରି ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯିବା। ସେତେବେଳର ପ୍ରମୁଖ ବିରୋଧୀ ଦଳ ଭାରତୀୟ ଜନତା ପାର୍ଟିର ସ୍ଲୋଗାନ ଥିଲା ଦଳ କ୍ଷମତାକୁ ଆସିଲେ ଏ ସମସ୍ତ ଘଟଣାର ପର୍ଦ୍ଦାଫାଶ କରାଯାଇ ଦୋଷୀଙ୍କୁ ଦଣ୍ଡ ଦିଆଯିବ ଯେପରି ଆଉ କେହି ଏପରି ଘଟଣା ଘଟାଇବାର ସାହସ କରିବେ ନାହିଁ। ଚକ୍ର ଘୂରିଛି। କାଲିର ବିରୋଧୀ ଆଜିର ସରକାର। ଇତି ମଧ୍ୟରେ ଓଡ଼ିଶାରେ ଭାଜପା ସରକାର ୧ବର୍ଷ ପୂର୍ତ୍ତି ପାଳନ କରିସାରିଛି। କିନ୍ତୁ ଶାସନ ବ୍ୟବସ୍ଥା ସବୁ ଅଧାପନ୍ତରିଆ। ମନ୍ତ୍ରିମଣ୍ଡଳ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇପାରି ନାହିଁ, କର୍ପୋରେଶନଗୁଡ଼ିକର ପଦବୀ ପୂରଣ ହୋଇନାହିଁ। ଆଶା କରାଯାଏ ୨୦୨୫ ଶେଷ ସୁଦ୍ଧା ସେହିସବୁ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଗଲେ ସର୍ବାଦୌ ହିତକର ହେବ। ଅପର ପକ୍ଷେ ନୂତନ ସରକାର କିଛି ଜନକଲ୍ୟାଣ କାର୍ଯ୍ୟ ପ୍ରାକ୍ ନିର୍ବାଚନୀ ପ୍ରତିଶ୍ରୁତି ସ୍ୱରୂପ ସଫଳତାର ସହ କରିପାରିଛି। ଧାନର ବିକ୍ରିମୂଲ୍ୟ ଉପରେ ୮୦୦ଟଙ୍କାର ବୋନସ ପ୍ରଦାନ, ସୁଭଦ୍ରା ଯୋଜନାର ରୂପାୟନ, ୮୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ, ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ଓ ରତ୍ନଭଣ୍ଡାର ମରାମତି ଭଳି କାର୍ଯ୍ୟସମ୍ପନ୍ନ ହୋଇଛି। କିନ୍ତୁ ନୂତନ ସରକାରଠାରୁ ଲୋକେ ଆଶା କରୁଥିଲେ ଯେ ପୂର୍ବ ସରକାରର ଆର୍ଥିକ ଅନିୟମିତତା ଓ ଏଥିରେ ଜଡିତ ବ୍ୟକ୍ତି ବିଶେଷଙ୍କୁ ଲୋକଲୋଚନକୁ ଆଣିବା। ଅବଶ୍ୟ ମାଳ ମାଳ ଅସାଧୁ ସରକାରୀ ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାଯାଇ ବେଆଇନ ଓ ଆୟ ବହିର୍ଭୂତ ସମ୍ପତ୍ତିର ପର୍ଦ୍ଦାଫାଶ କରାଯାଉଛି। ମାତ୍ର ନାରୀ ନିର୍ଯାତନାର ଧାରା ଅବ୍ୟାହତ ରହିଛି। ଆଇନ ଶୃଙ୍ଖଳା ରକ୍ଷା ମଧ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଥିବା ପରି ଲୋକେ ଅନୁଭବ କରିପାରୁନାହାନ୍ତି। ପ୍ରତ୍ୟହ ନାରୀ ନିର୍ଯାତନାର କରୁଣ ଖବର ଗଣମାଧ୍ୟମରେ ପ୍ରକାଶ ପାଇ ଲୋକଙ୍କୁ ବ୍ୟଥିତ କରୁଛି। କିଟ୍‌ସ ବିଶ୍ୱବିଦ୍ୟାଳୟର ନେପାଳୀ ଛାତ୍ରୀ ଦୁହିଁଙ୍କର ଆତ୍ମହତ୍ୟା ବିଶ୍ୱରେ ଓଡ଼ିଶାର ଛବି ମଳିନ କରିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ହେଉ କିମ୍ବା ପୁରୀ ଜିଲା ବଳଙ୍ଗା ନାବାଳିକାଙ୍କୁ ଦହନ ଘଟଣା ପରି ମାଳମାଳ ହୃଦୟ ବିଦାରକ ଘଟଣା ସମାଜ ପ୍ରତି ଗୋଟିଏ ଗୋଟିଏ ଆହ୍ୱାନ।

ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ପୁରୀ ରାଜଭବନର ବରିଷ୍ଠ କର୍ମଚାରୀଙ୍କୁ ମାଡମାରି ଲହୁଲୁହାଣ କରିବା ପରି ଘଟଣା ଲୋକଲୋଚନ ଅଗୋଚରରେ ରହିଗଲା। ସରକାର କେବଳ ତଦନ୍ତ ନିର୍ଦ୍ଦେଶ ଦେଇ ନୀରବ ରହୁଛନ୍ତି। ପୂର୍ବ ଅଭିଜ୍ଞତାରୁ ଆମେ ଜାଣୁ ଯେ ଓଡ଼ିଶାରେ ବିଭିନ୍ନ ସମୟରେ ଯେଉଁସବୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ତା'ର ରିପୋର୍ଟ କେବେହେଲେ ସାର୍ବଜନୀନ ହୋଇନାହିଁ। ତଦନ୍ତ ନିର୍ଦ୍ଦେଶ ଏକ ଏପରି ଜିନିଷ ଯାହା କୌଣସି ସରକାରକୁ ଆସନ୍ନ ପ୍ରତିକୂଳ ପରିସ୍ଥିତିରୁ ରକ୍ଷା କରିବାର ଏକ ଶାଣିତ ଅସ୍ତ୍ର। ସବୁ ସରକାର ସମୟରେ ଯେତେସବୁ ଅଘଟଣ ଘଟିଛି ସରକାର ପ୍ରତିରକ୍ଷାତ୍ମକ ବ୍ୟବସ୍ଥା ମୁତାବକ ତଦନ୍ତ ନିର୍ଦ୍ଦେଶ ଦେଇ ଲୋକମତକୁ ପ୍ରଶମିତ କରିବାକୁ ଉଦ୍ୟମ କରିଛନ୍ତି। ସେପରି କୌଣସି ତଦନ୍ତ ରିପୋର୍ଟ ପ୍ରାୟତଃ ସାର୍ବଜନୀନ ହୋଇନାହିଁ। ସତୁରି ଦଶକଠାରୁ ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ପୁରୀ ଶ୍ରୀମନ୍ଦିର ସଂକ୍ରାନ୍ତରେ ୧୮ଟି ନ୍ୟାୟିକ କମିଶନ ବସାଯାଇଥିଲେ ମଧ୍ୟ ତା'ର ନିର୍ଯାସ ସାର୍ବଜନୀନ କରାଯାଇନାହିଁ। କିମ୍ବା କେହି ଦୋଷୀସାବ୍ୟସ୍ତ ହୋଇ ଦଣ୍ଡ ପାଇଥିବାର ସେପରି କୌଣସି ଉଦାହରଣ ସୃଷ୍ଟି କରାଯାଇନାହିଁ। ତତ୍କାଳୀନ ରାଜ୍ୟପାଳ ଭାଗବତ ଦୟାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ନୀତି କାନ୍ତିକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଢ଼ାଯାଇଥିଲା, ଯାହାର ରିପୋର୍ଟ ମଧ୍ୟ ସାର୍ବଜନୀନ ହୋଇପାରିଲା ନାହିଁ। ଏଥିରୁ ସ୍ପଷ୍ଟ ଯେ କୌଣସି ଦୁର୍ଘଟଣା ବା ଅନିୟମିତ କାର୍ଯ୍ୟାବଳୀ ବିରୋଧରେ ଜନମତକୁ ବିଭ୍ରାନ୍ତ କରିବା ପାଇଁ ଏକମାତ୍ର ଅସ୍ତ୍ର ହେଲା ତଦନ୍ତ କମିଶନ ନିଯୁକ୍ତି। କିନ୍ତୁ ତଦନ୍ତ ରିପୋର୍ଟ କାଳେ କାଳେ ଅପ୍ରକାଶିତ। ତଦନ୍ତ ସମ୍ବନ୍ଧରେ ଓଡ଼ିଶାର ସୁପ୍ରତିଷ୍ଠିତ କବି ତଥା ସମାଲୋଚକ ଗୋଦାବରୀଶ ମହାପାତ୍ରଙ୍କ ଉକ୍ତି ପ୍ରଣିଧାନ ଯୋଗ୍ୟ – ଓଡ଼ିଶାର ଚାରିଆଡ଼େ ଚାଲିଛି ତଦନ୍ତ –ତଦନ୍ତ ରିପୋର୍ଟ କିନ୍ତୁ ବିଗଳିତ ଦନ୍ତ। କାମୁଡ଼ିଲେ କାଟୁ ନାହିଁ ସତେକି ଚୁମ୍ବନ – ଜନତା ଆଖିକୁ ଦିଶେ ମହାବିଡ଼ମ୍ବନ। ଫସଲର ବାଡ଼ ଏଠି ପାଲଟିଛି ଗୋରୁ – ଯେ ଜଗୁଛି ସେ ଚୋର ଚୋର ଧରୁ । ସବୁ ସରକାର ସମାନ। କିନ୍ତୁ ଜନମତ ପ୍ରତି ଉଦାସୀନ ନ ରହି ଗୋଟିଏ ଜନପ୍ରିୟ ସରକାରର ଦାୟିତ୍ୱ ହେଲା ଜନସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ। ସରକାର ଜନସ୍ୱାର୍ଥ ପ୍ରତି ସଚେତନ ହେଲେ ଦୀର୍ଘ ସ୍ଥାୟୀ ହେବ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ:୯୯୩୭୪୫୦୫୪୦

# କଟକର ସାହିବାସିନ୍ଦା



ସୁଧାଂଶୁ ରଞ୍ଜନ ଦାସ

ଓଡ଼ିଶାର ସାଂସ୍କୃତିକ ଓ ବ୍ୟବସାୟିକ ରାଜଧାନୀ କଟକର ସାହିବାସିନ୍ଦାମାନେ ଆଜି ଅନେକ ସମସ୍ୟା ଭିତରେ ଗତିକରୁଛନ୍ତି। ଶହ ଶହ ବର୍ଷଧରି ଏହି ଏମାନେ କଟକର ଉନ୍ନତ ସାଂସ୍କୃତିକ ଓ ସାମାଜିକ ପରମ୍ପରାକୁ ବଞ୍ଚାଇ ରଖିବା ସହ କଟକରେ ବ୍ୟବସାୟ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଆସିଛନ୍ତି। ତେବେ ଭେଜାଲ ଖାଦ୍ୟ, ଖୋଲା ଜାଗାର ଅଭାବ, ଖୋଲା ନାଳ, କଂକ୍ରିଟ ଜଙ୍ଗଲର ବୃଦ୍ଧି, ଯାନବାହନ ସଂଖ୍ୟାରେ ଅତ୍ୟଧିକ ବୃଦ୍ଧି, ଜଳାଶୟଗୁଡିକର ବିଲୁପ୍ତୀକରଣ, ଫୁଟ୍‌ପାଥ୍‌ଗୁଡିକର ଅବରୋଧ, ଲୋକସଂଖ୍ୟାରେ ବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ଅବନତି ଇତ୍ୟାଦି କଟକର ସ୍ଥାୟୀ ବାସିନ୍ଦାମାନଙ୍କୁ ହନ୍ତସନ୍ତ କରିଦେଲାଣି। ଯଦି ଏହି ସମସ୍ୟାଗୁଡିକର ସ୍ଥାୟୀ ସମାଧାନ ନ ହୁଏ କଟକ ଆଉ ମନୁଷ୍ୟ ରହିବା ଉପଯୋଗୀ ହେବନାହିଁ।

ଯଦିଓ କଟକରେ ଭେଜାଲ ଖାଦ୍ୟ ଓ ଅନ୍ୟାନ୍ୟ ଭେଜାଲ ବସ୍ତୁ ତିଆରି କରୁଥିବା କମ୍ପାନୀଗୁଡ଼ିକ ଉପରେ ସରକାର ମଝିରେ ମଝିରେ ଚଢ଼ାଉ କରୁଛନ୍ତି, କିନ୍ତୁ ଏହି ଭେଜାଲ ବସ୍ତୁଗୁଡ଼ିକର ବିକ୍ରି ଦିନକୁ ଦିନ ବଢ଼ି ଚାଲିଛି। ସାଧାରଣ ଲୋକ ଏହି ଭେଜାଲ ଖାଦ୍ୟ ଖାଇ ରୋଗରେ ପଡୁଛନ୍ତି। ଏଇସିଏମ୍‌ଆର୍‌ର ଏକ ସର୍ଭେ ଅନୁସାରେ ଭାରତରେ ସବୁ ସହର ମଧ୍ୟର କଟକର ଲୋକମାନେ ସର୍ବାଧିକ ଷ୍ଟ୍ରୋକ୍‌ର ଶିକାର ହୋଇଥାନ୍ତି। ଯକୃତ ଓ ବୃକ୍କ ରୋଗରେ କଟକର ଅନେକ ଲୋକ ମଧ ଆକ୍ରାନ୍ତ ହୋଇଥାନ୍ତି। କଟକକୁ ଭେଜାଲ ମୁକ୍ତ କରିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବା ଉଚିତ।

କଟକର ବିଡ଼ାନାସୀ ଓ କ୍ୟାଣ୍ଟନମେଣ୍ଟ ରୋଡ୍ ଅଞ୍ଚଳଗୁଡିକ ଛାଡିଦେଲେ କଟକର ଅନ୍ୟ ସବୁ ସାହିରେ ଖୋଲା ଜାଗା, ଖେଳ ପଡ଼ିଆ, ଜଳାଶୟ ଓ ସବୁଜିମା ପ୍ରାୟ ଲୋପ ପାଇଗଲାଣି। ଫଳରେ ଯୁବପିଢ଼ି ଖେଳକୁଦର ସୁଯୋଗ ପାଇ ସ୍ମାର୍ଟ ଫୋନ, କମ୍ପ୍ୟୁଟର ଗେମ୍ ଓ ମାନସିକ ବ୍ୟାଧିର ଶିକାର ହେଉଛନ୍ତି। ଚିନ୍ତା, ମେଣ୍ଟାଲ ଷ୍ଟ୍ରେସ୍ ଓ ଶାରୀରିକ ବ୍ୟାୟାମର ଅଭାବ ମସ୍ତିଷ୍କ ଆଘାତର ଏକ ପ୍ରମୁଖ କାରଣ ବୋଲି କୁହାଯାଏ। କର୍ତ୍ତୃପକ୍ଷ ପୂର୍ବ ଓ ଉତ୍ତର କଟକରେ ପ୍ରତି ୨୦୦୦ ପରିବାର ପାଇଁ ଗୋଟିଏ ସାର୍ବଜନୀନ ଖେଳପଡିଆର ପ୍ରାବଧାନ କରିବା ଦରକାର।

ଦରଦାମ୍ ବୃଦ୍ଧି ଓ ବେରୋଜଗାର କଟକବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କଟକର ସ୍ଥାହିବାସିନ୍ଦା ଶହ ଶହ ବର୍ଷ ଧରି ନିଜ ଭିତରେ ଅନେକ କୌଶଳ ବିକାଶ କରିଛନ୍ତି। ରୁପା ତାରକସି କାମ, ମାଟି ମୂର୍ତ୍ତି କାମ, ଶିଙ୍ଗ କାମ ଓ ଅନେକ ସୁସ୍ୱାଦୁ ଖାଦ୍ୟ ତିଆରି କରିବାର କୌଶଳ



କଟକକୁ ସାରା ଭାରତରେ ପ୍ରସିଦ୍ଧ କରିଛି। ଏହି କୌଶଳଗୁଡ଼ିକର ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଏହାର ବିକ୍ରି ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ହେଲେ ଅନେକ ରୋଜଗାର ସୃଷ୍ଟି ହେବ।

ସାହିବାସିନ୍ଦାଙ୍କ ଭିତରେ ବିଭିନ୍ନ କୌଶଳର ବିକାଶ, ଉନ୍ନତ କର୍ମ ସଂସ୍କୃତି, ଶୃଙ୍ଖଳା, ବ୍ୟବସାୟ କୌଶଳ ଓ ନିଜ ନିଜ ଭିତରେ ଭ୍ରାତୃଭାବ କଟକବାସୀଙ୍କ ପାଇଁ ଅନେକ ଆର୍ଥିକ ଗତିବିଧିର ସୁଯୋଗ ସୃଷ୍ଟି କରିବ। କଟକର ବିଭିନ୍ନ ସ୍ଥାନରେ ଥିବା ଜଳାଶୟଗୁଡ଼ିକର ସୁରକ୍ଷା କରାଯାଇ ସେଠାରେ ମାଛଚାଷ କରାଯିବା ସଙ୍ଗେ ସଙ୍ଗେ ପର୍ଯ୍ୟଟନର ବିକାଶ କରାଯାଇପାରିବ। ବାରବାଟୀ ଦୁର୍ଗର ଚାରିପାର୍ଶ୍ୱରେ ଥିବା ଗଡ଼ଖାଇ ଏକ ମନୋରମ ପର୍ଯ୍ୟଟନ ସ୍ଥଳ ହୋଇପାରିବ। ପର୍ଯ୍ୟଟନସ୍ଥଳଗୁଡ଼ିକର ବିକାଶ କଲାବେଳେ ଏହାର ପ୍ରାକୃତିକ ପରିବେଶକୁ ସୁରକ୍ଷିତ ରଖିବା ସହ ଏହି ସ୍ଥାନଗୁଡିକୁ ଅଦରକାରୀ କଂକ୍ରିଟ ଢାଞ୍ଚାରୁ ମୁକ୍ତ କରାଯିବା ଦରକାର। ସହରରେ ଥିବା ପୁରାତନ ମଠ ମନ୍ଦିରଗୁଡ଼ିର ପୁନରୁଦ୍ଧାର ହେବା ଉଚିତ ନୁହେଁ। କଟକର ସାମାଜିକ, ସାଂସ୍କୃତିକ ଓ ବ୍ୟବସାୟିକ ପରିବେଶର ବିକାଶ ପାଇଁ ସ୍ୱଚ୍ଛତାର ଆବଶ୍ୟକତା ଅଛି।

ପ୍ରଥମେ କର୍ତ୍ତୃପକ୍ଷ କଟକର ସାହିଗୁଡ଼ିକରେ ଥିବା ନାଳସବୁ ଠିକ୍ ଭାବରେ ମରାମତି କରି ଏହା ଉପରେ ସିମେଣ୍ଟ ସ୍ଲାବ ପକାଇବା ଦରକାର। ନିଜ ସାହିଗୁଡ଼ିକରେ କିପରି ଉତ୍ତମ ରାସ୍ତା ଓ ସ୍ୱଚ୍ଛ ପରିବେଶ ସୃଷ୍ଟିହେବ ସେଥିପାଇଁ ସାହିମୁରବିମାନେ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବା ସଙ୍ଗେ ସଙ୍ଗେ ସାହିବାସିନ୍ଦାମାନଙ୍କୁ ମାର୍ଗଦର୍ଶନ ଦେବା ଉଚିତ। ସାହିଗୁଡ଼ିକରେ ଥିବା ମନ୍ଦିର, ଖୋଲା ଜାଗା ଓ ଜଳାଶୟଗୁଡିକର ଯେପରି ଅପବ୍ୟବହାର ନ ହୁଏ ସେଥିପାଇଁ କର୍ତ୍ତୃପକ୍ଷ ଓ ସାହିମୁରବିମାନେ ସଜାଗ ରହିବା ଉଚିତ। ରାସ୍ତା ତିଆରି ବେଳେ ରାସ୍ତା ଉଚ୍ଚା କରାଯିବାରୁ ଅନେକ ସାହିରେ ଲୋକଙ୍କ ଘରେ ନଳା ପାଣି ପଶୁଛି। ରାସ୍ତା କଣ୍ଟ୍ରାକ୍ଟରମାନେ ରାସ୍ତା ଉଚ୍ଚା ନ କରି ପ୍ରଥମେ ରାସ୍ତାକୁ ଖୋଳି ଏହା ଉପରେ ପିଚୁ ରାସ୍ତା କରିବା ଉଚିତ। କେବଳ ଛୋଟ ଛୋଟ ଅଣଓସାରିଆ ଗଳିଗୁଡ଼ିକରେ ଟାଇଲ୍ ପକାଯାଇ ରାସ୍ତା କରାଯିବା ଦରକାର। କଟକରେ ଅନେକ ଟାଇଲ୍ ରାସ୍ତା ବର୍ଷେ ଭିତରେ ନଷ୍ଟ ହୋଇଯାଉଥିବାର ଦେଖାଯାଉଛି। ଟିକସଦାତାଙ୍କ ଅର୍ଥକୁ ଉପଯୁକ୍ତ ବିନିଯୋଗ କରିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। କଟକବାସୀଙ୍କ ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ଏହି ଲୋକମାନଙ୍କର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ। ଓଡ଼ିଶାର ବିଭିନ୍ନ ଗାଁରୁ ଲୋକମାନେ କଟକକୁ ରୋଜଗାର ପାଇଁ ଅନେକ ହଜାର ସଂଖ୍ୟାରେ ଆସୁଥିବାର ଦେଖାଯାଉଛି। ଗାଁଗୁଡିକରେ ରୋଜଗାର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରାଗଲେ ଲୋକେ ନିଜ ଗାଁ ଛାଡି ଆଉ ସହରମୁଖା ହେବେନାହିଁ।

ମୋ:୭୭୦୨୩୮୩୮୮୦

## ଏଇ ଭାରତରେ

ଗୁରୁଗ୍ରାମସ୍ଥିତ ଏକ ଆଶ୍ରୟସ୍ଥଳୀରେ ୧,୨୦୦ ଅସହାୟ ଲୋକଙ୍କୁ ରଖି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି ଜାସ୍ କାଲ୍‌ରା। ଏହା ସହ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ମଧ ସେ ପୂରଣ କରୁଛନ୍ତି। ବର୍ତ୍ତମାନ ଜାସ୍‌ଙ୍କ ବୟସ ୨୫। ସେ ରାସ୍ତାକଡ଼ରେ ଅସହାୟ ଭାବେ ଜୀବନ ବିତାଉଥିବା ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀକୁ ଆଣୁଛନ୍ତି। ଏଠାରେ ୫,୦୦୦ ଲୋକ ରହିବା ଭଳି ବ୍ୟବସ୍ଥା ରହିଛି। ଏହା ବିଶ୍ୱର ସବୁଠୁ ବଡ଼ ମାଗଣାରେ ସେବା ଯୋଗାଉଥିବା ଆଶ୍ରୟସ୍ଥଳୀ। ଏହା 'ଆର୍ଥ ସର୍ଭାଇବର ଫାଉଣ୍ଡେଶନ' ଅଧୀନରେ ଚାଲୁଛି, ଯାହାର ମୁଖ୍ୟ ହେଉଛନ୍ତି ଜାସ୍। ଏହି ସଂସ୍ଥା ମାଧମରେ ମଧ ହସ୍ପିଟାଲ କିମ୍ବା ରାସ୍ତାରେ ମୃତ୍ୟୁ ଘଟୁଥିବା ପରିଚୟହୀନ ମୃତଦେହ ଦାହ କରାଯାଉଛି। ତେବେ ଜାସ୍ ଉଦ୍ଧାର କରୁଥିବା ବ୍ୟକ୍ତିଙ୍କ ପରିଚୟ ଖୋଜି ଅନେକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରୁଛନ୍ତି। ଏବେ ସୁଦ୍ଧା ୩୦୦୦ରୁ ଅଧିକ ଲୋକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇ ସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୭୬

- ଆନ୍ନା ଆର୍. ମାଲହୋତ୍ରାଙ୍କ କେନ୍ଦ୍ର କୃଷି ମନ୍ତ୍ରଣାଳୟର ପ୍ରଥମ ମହିଳା ଅତିରିକ୍ତ ଶାସନ ସଚିବ ରୂପେ ଦାୟିତ୍ୱ ଗ୍ରହଣ।
- ପ୍ରସିଦ୍ଧ ଉର୍ଦ୍ଦୁ କବି ତଥା ଚଳଚ୍ଚିତ୍ର ପ୍ରଯୋଜକ ଜାନ ନିସାର ଅଖତରଙ୍କ ପରଲୋକ।
- ଭୀଷଣ ବର୍ଷାରେ ନୂଆଦିଲ୍ଲୀର ଏକ କୋଠାଘର ଭୁଶୁଡ଼ି ପଡ଼ିବାରୁ ୧୧ ମୃତ।

## ଚିରନ୍ତନୀ

ପଉଷ ଉଷା ଜିଣି ଶୀତ ତା'ର ପରଶଟି
କୁହେଳି ସମ ଛାୟା
ରଚି ମାୟା ଆସେ ଘୋଟି ।
ବହୁତ ସାଧନାର ଅଧରର ହାସ ଟିକ
ନିଭାଇ ଦେବା ପାଇଁ
ଆସେ ଧାଇଁ ସଜନି ଗୋ !
–(ମରଣ ପାଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 1 | | | | | | |
| | | | 6 | | | | 3 | 5 |
| | 7 | | | 8 | | | | |
| | 6 | 2 | | | | | 9 | |
| | | | | | 7 | | | |
| 9 | | | | 2 | 5 | 4 | | |
| | 2 | 9 | | | 4 | | 5 | |
| | | | | | | | | |
| | | | 7 | 1 | | 6 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 1 | 4 | 9 | 6 | 8 | 5 | 7 |
| 5 | 7 | 6 | 2 | 8 | 3 | 9 | 1 | 4 |
| 9 | 8 | 4 | 7 | 5 | 1 | 6 | 3 | 2 |
| 8 | 5 | 3 | 6 | 7 | 4 | 2 | 9 | 1 |
| 1 | 6 | 9 | 5 | 3 | 2 | 4 | 7 | 8 |
| 2 | 4 | 7 | 8 | 1 | 9 | 3 | 6 | 5 |
| 4 | 1 | 2 | 3 | 6 | 7 | 5 | 8 | 9 |
| 7 | 3 | 8 | 9 | 2 | 5 | 1 | 4 | 6 |
| 6 | 9 | 5 | 1 | 4 | 8 | 7 | 2 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଭୋଟ ଚୋରି ଓ କ୍ଷମତା ରାଜନୀତି

ମହାଶୟ,

ଦେଶ ଓ ରାଜ୍ୟଗୁଡ଼ିକର ସାଧାରଣ ନିର୍ବାଚନ ସମୟରେ ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ବହୁମତ ହାସଲ କରି କ୍ଷମତା ସିଂହାସନ ଦଖଲ କରିବା ପାଇଁ କଳାଧନ ଓ ବାହୁବଳର ପ୍ରୟୋଗ କରିବା ସହିତ ଭୋଟ ଚୋରି ମଧ କରୁଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସପ୍ରମାଣ କେନ୍ଦ୍ର ସରକାରଙ୍କ ବିରୋଧରେ ଭୋଟ ଚୋରିର ଅଭିଯୋଗ ଲଗାଇଛନ୍ତି, ଯାହାକି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଏହା ସତ୍ୟ ପ୍ରମାଣିତ ହୁଏ, ତେବେ ଦୁର୍ନୀତିଗ୍ରସ୍ତ ନେତ୍ରୀନେତାଙ୍କର ଅବସ୍ଥା ସାଙ୍ଘାତିକ ହୋଇଯିବ। ବର୍ତ୍ତମାନ ଦେଶର ବହୁଦେଶୀୟ କମ୍ପାନୀଗୁଡ଼ିକର ମାଲିକମାନେ କେତେକ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକୁ ସାଧାରଣ ନିର୍ବାଚନ ସମୟରେ ଅନେକ ହଜାର କୋଟି ଟଙ୍କାର କଳାଧନ ଦେଇ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରାଉଛନ୍ତି ଓ ସରକାର ଗଠନ ପରେ ଜନସାଧାରଣଙ୍କୁ ତତ୍କାଳୀନ ଶୋଷଣ କରୁଛନ୍ତି। ବର୍ତ୍ତମାନ ଦେଶର ନିର୍ବାଚନ କମିଶନ ସଂପୂର୍ଣ୍ଣ ନିରପେକ୍ଷ ଭାବେ କାର୍ଯ୍ୟ କରୁନାହିଁ ବୋଲି ଦେଶର ଜାତୀୟ କଂଗ୍ରେସ ଭାଜପା ସରକାର ବିରୋଧରେ ଅଭିଯୋଗ କରିବା ଉଦ୍‌ବେଗଜନକ। ସୁତରାଂ, ଦେଶର କେନ୍ଦ୍ର ସରକାର ଭାରତବର୍ଷର ସମସ୍ତ ଜନସାଧାରଣଙ୍କୁ ଏନେଇ ତୁରନ୍ତ ସ୍ପଷ୍ଟୀକରଣ ଦେବା ଉଚିତ। ଦେଶର ସର୍ବୋଚ୍ଚ ଅଦାଲତ ମଧ ଲୋକ ସଭାର ବିରୋଧୀ ଦଳ ନେତାଙ୍କ ଭୋଟ ଚୋରି ଅଭିଯୋଗର ତର୍ଜମା କରିବା ଦରକାର।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିଚ୍ଛାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦାଦନ ଶ୍ରମିକଙ୍କ ତଥ୍ୟ ଲିପିବଦ୍ଧ କରିବେ ପିଇଓ

**ନବରଙ୍ଗପୁର,୧୯।୮(ସଦାଶିବ ପ୍ରହରାଜ)**

**ସଙ୍କଟକାଳୀନ ପ୍ରବାସ ହ୍ରାସ ନେଇ ଜିଲାସ୍ତରୀୟ ସମନ୍ୱୟ ବୈଠକ**

■ ଶ୍ରମିକ ସହାୟତା ନମ୍ବର ରାଜ୍ୟ ଭିତରେ ୧୫୫୩୬୮, ରାଜ୍ୟ ବାହାରେ ୧୮୦୦୩୪୫୬୭୦୩



ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲାରେ ଶ୍ରମିକଙ୍କ ସଙ୍କଟକାଳୀନ ପ୍ରବାସକୁ ହ୍ରାସ କରିବା ନିମନ୍ତେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ଅନେକ ଲୋକ ତେଲଙ୍ଗାନା, ତାମିଲନାଡୁ, କର୍ନାଟକ, କେରଳ ଆଦି ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କାର୍ଯ୍ୟସ୍ଥଳରେ ଠିକାଦାରମାନଙ୍କ ଦ୍ୱାରା ଶୋଷଣର ଶିକାର, ବିଭିନ୍ନ ଅସୁବିଧାର ସମ୍ମୁଖୀନ, ରୋଗ, ଦୁର୍ଘଟଣାର ଶିକାର, ଅକାଳ ମୃତ୍ୟୁ, କମ୍ ମଜୁରି ପାଇବା ଓ ନିଜର ସୁରକ୍ଷା, ଅଧିକାର ସମ୍ବନ୍ଧରେ ଅଜ୍ଞତା ଯୋଗୁ ପ୍ରତାରଣାର ଶିକାର ହେଉଛନ୍ତି। ଏହିସବୁ ଅସୁବିଧା ବିଷୟରେ ଆଲୋଚନା ସହ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ( ନିଯୁକ୍ତି ନିୟନ୍ତ୍ରଣ ଓ ସେବାସର୍ତ୍ତ) ଆଇନ ୧୯୭୯ରେ ବିଭିନ୍ନ ବ୍ୟବସ୍ଥା, ଶ୍ରମିକ ଠିକାଦାର ଲାଇସେନ୍ସ ଉପରେ ଆଲୋଚନା ହୋଇଥିଲା।

ପ୍ରତ୍ୟେକ ଶ୍ରମିକଙ୍କୁ ଲାଇସେନ୍ସ ଠିକାଦାର ଏକ ପରିଚୟ ପତ୍ର ଦେବେ। ଯେଉଁଥିରେ ଶ୍ରମିକଙ୍କ ନାମ, ମୋବାଇଲ ନମ୍ବର, ସମ୍ପୂର୍ଣ୍ଣ ଠିକଣା, କାର୍ଯ୍ୟସ୍ଥଳର ବିବରଣୀ, ନିଯୁକ୍ତି ତାରିଖ, କେତେଦିନ ପାଇଁ ଯିବେ, କେବେ ଫେରିବେ ଏହିସବୁ ତଥ୍ୟ ରହିବ। ସ୍ତ୍ରୀ ଓ ପୁରୁଷଙ୍କର ସମାନ କାମ ପାଇଁ ସମାନ ମଜୁରି, ରହିବା ପାଇଁ ଉପଯୁକ୍ତ ବାସଗୃହ, ଶୌଚାଳୟ, ପାନୀୟ ଜଳ, ଶୋଷଣର ଶିକାର ହେଲେ ନିଜ ଜିଲାର ଶ୍ରମ ଅଧିକାରୀ କିମ୍ବା ସେହି ରାଜ୍ୟର ଶ୍ରମ ଅଧିକାରୀଙ୍କୁ ଜଣାଇବା, ଶ୍ରମିକଙ୍କ ଦୁର୍ଘଟଣା,ଦେହ ଅସୁସ୍ଥ ହେଲେ ସଙ୍ଗେ ସଙ୍ଗେ ଚିକିତ୍ସା ବ୍ୟବସ୍ଥା, ଠିକାଦାରଙ୍କ ଦ୍ୱାରା ଯାତାୟାତ ଓ ଖାଇବା ଖର୍ଚ୍ଚ ବହନ ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହି ବିଷୟ ଯେଭଳି ପଞ୍ଚାୟତସ୍ତରରେ ପହଞ୍ଚିପାରିବ ସେ ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ନିଃଶୁଳ୍କ ଶ୍ରମିକ ସହାୟତା ନମ୍ବର ୧୫୫୩୬୮( ରାଜ୍ୟ ଭିତରେ) ଏବଂ ରାଜ୍ୟ ବାହାରେ ସହାୟତା ନମ୍ବର ୧୮୦୦୩୪୫୬୭୦୩ ସମସ୍ତଙ୍କୁ ଅବଗତ କରାଯିବ।

ଜିଲା ସାରା ସଚେତନତା ରଥ,ପୋଷ୍ଟର, ବ୍ୟାନର, ଲିଫ୍‌ଲେଟ, ଶ୍ରମ କାର୍ଡ, ପଞ୍ଚାୟତସ୍ତରରେ ମାଇକିଂ ଉପରେ ଗୁରୁତ୍ୱ ଦେଇ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜିଲାପାଳ ସ୍ୱାଇଁ ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବ୍ଲକ୍‌ରେ ପିଇଓମାନେ ଶ୍ରମ ରେଜିଷ୍ଟର ପ୍ରସ୍ତୁତକରି ବ୍ଲକ୍‌ରୁ କେତେ ଶ୍ରମିକ ଦାଦନ ଯାଉଛନ୍ତି ତା'ର ସମସ୍ତ ତଥ୍ୟ ଲିପିବଦ୍ଧ କରିବେ। ଏଥିପାଇଁ ସହ ଶ୍ରମ ଅଧିକାରୀମାନେ ବ୍ଲକ୍‌କୁ ଯାଇ କାମ ତଦାରଖ ସହ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଭଳି ଜିଲା ଶ୍ରମ ଅଧିକାରୀ ପୋଲିସର ସାହାଯ୍ୟ ନେଇ ଦୂର ରାଜ୍ୟକୁ ଅବୈଧଭାବେ ଦାଦନ ଶ୍ରମିକ ଚାଲାଣ ହେଉଥିବା ବସ୍‌କୁ ଅଚାନକ ତନଖି କରି ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ରିପୋର୍ଟ ପ୍ରତି ମାସରେ ଦେବାକୁ କୁହାଯାଇଛି। ଜିଲାରେ ଅନେକ ନିର୍ମାଣ, ବ୍ୟବସାୟିକ ଶିଳ୍ପ ଅନୁଷ୍ଠାନ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ଲଗାଯାଇଥିବା ଅଭିଯୋଗ ଆସୁଛି। ତାକୁ ତଦନ୍ତକରି ରିପୋର୍ଟ ଦେବାକୁ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଡିଆଇପିଆର୍‌ଓ, ଅତିରିକ୍ତ କୃଷି ଅଧିକାରୀ, ନିର୍ବାହୀ ଅଧିକାରୀ, ପୌରପାଳିକା, ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଞ୍ଚୟ, ନିବେଶ ସହ ବୀମା ସମ୍ପର୍କରେ ଆଲୋଚନା

**ନବରଙ୍ଗପୁର,୧୯।୮(ସଦାଶିବ ପ୍ରହରାଜ)**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ନବରଙ୍ଗପୁର ପକ୍ଷରୁ ସାନମସିଗାଁ ଓ ଡାବୁଗାଁ ଏସ୍‌ବିଆଇ ପକ୍ଷରୁ ବୋରିଗାଁ ପଞ୍ଚାୟତରେ ଜନ ସୁରକ୍ଷା ଯୋଜନା ଅଧୀନରେ ଗ୍ରାମ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ କିପରି ଖାତା ଖୋଲିବା, ନିଷ୍କ୍ରିୟ ହୋଇଥିବା ଖାତାର ପୁନଃ ପ୍ରମାଣୀକରଣ, ଆର୍ଥିକ ଯୋଜନା ପ୍ରସ୍ତୁତି ସହ ସଞ୍ଚୟ ଓ ନିବେଶ କିପରି କରିବେ ସେ ନେଇ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ବୀମା ଯୋଜନା ଯାହାକି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ବାର୍ଷିକ ୪୩୬ ଟଙ୍କାରେ ୨ ଲକ୍ଷ ଟଙ୍କା ଆର୍ଥିକ ରାଶି ବୟସ ସୀମା ୧୮ ରୁ ୫୦ ବର୍ଷ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଦୁର୍ଘଟଣାଜନିତ ବୀମା ରାଶି ବାର୍ଷିକ ୨୦ ଟଙ୍କାରେ ୨ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ରାଶି ବୟସ ସୀମା ୧୮ ରୁ ୭୦ ବର୍ଷ, ଅଟଳ ପେନ୍‌ସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନାରେ କିପରି ସମସ୍ତେ ଅନ୍ତର୍ଭୁକ୍ତ ହୋଇପାରିବେ ସେ ନେଇ ଆଲୋଚନା ହୋଇଛି। ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ୍, ବିଭିନ୍ନ ପ୍ରକାର ଠକେଇ, ଋଣ ସମ୍ବନ୍ଧରେ, ଏବଂ ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡିଜିଏମ୍ ଭି. ରାଜା, ଏଜିଏମ୍ ଅଜିତ ସାହୁ, ମୁଖ୍ୟ ଅଗ୍ରଣୀ ଜିଲା ପ୍ରବନ୍ଧକ ଗୋପାଳକୃଷ୍ଣ ପଣ୍ଡା, ଏଲ୍‌ଡିଓ ଅବିନାଶ ରାଉତ, ଆର୍‌ଏସ୍‌ଇଟି ଡିରେକଟର, ନବରଙ୍ଗପୁର ଏସ୍‌ବିଆଇ ମ୍ୟାନେଜର ରଜତ ପାତ୍ର, ଡାବୁଗାଁ ଏସ୍‌ବିଆଇ ମ୍ୟାନେଜର ରାଜ ନାରାୟଣ ଦିଗଲ, ବୋରିଗାଁ ସରପଞ୍ଚ ଶୁକ୍ର ଭତ୍ରା, ଧାନ ଫାଉଣ୍ଡେଶନ ସିଏଫ୍‌ଏଲ୍ କୋଅର୍ଡିନେଟର ରଞ୍ଜନା ପାଢ଼ୀ, କୋଷାଗୁମୁଡ଼ା ସିଏଫ୍‌ଏଲ୍ କୋଅର୍ଡିନେଟର, ଆସୋସିଏଟ ଭୂଷଣ ବେନିଆ, ମନ ଭତ୍ରା, ବ୍ୟାଙ୍କ ମିତ୍ର, ଏମ୍‌ବିକେ, ସିଆର୍‌ପି, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

**ADMISSION NOTICE-2025**

Centre for Distance & Online Education (DDCE, Utkal University)

Centre for Distance and Online Education (CDOE)
(D.D.C.E., UTKAL UNIVERSITY)
BHUBANESWAR-751010
NAAC A+

Management & Computer Science Courses
(NOC from AICTE, New Delhi)

- Bachelor of Business Administration (3 Years)
- Master of Business Administration (2 Years)
- Master of Computer Application (2 Years)

(Contact MBA / BBA- 9437103110 / MCA - 9437074110 during office hour )

POST GRADUATE COURSES

- M.Com.
- M.S.W.
- M.A. in Odia
- M.A. in Hindi
- M.A. in History
- M.A. in English
- M.A.in Public Administration
- M.A. in Political Science
- M.A. in Economics
- M.A. in Sanskrit
- M.A. in Sociology
- M.A. in Education

(For more contact - 9437156110 during office hour )

Salient Features.
- Online Admission Process
- Free Registration & No charges for appearing admission test for Mgt. & Comp. Sc. Courses.
- Provision for Online verification of forms & online payment

For Course details, availability of seats , eligibility, fees structure, selection process and important date lines visit our website : www.ddceutkal.ac.in

Last Date of Admission Extended to : 20.09.2025

DIRECTOR

## ଲଗାଣ ବର୍ଷାରେ ଭାଙ୍ଗିଲା କାନ୍ଥ

**ପାପଡ଼ାହାଣ୍ଡି, ୧୯।୮(ସ୍ୱପ୍ନଜିତ ପଟ୍ଟନାୟକ)**


ହରି ହରିଜନଙ୍କ ଭାଙ୍ଗିଯାଇଥିବା ଘର ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦରରେ ଲଘୁଚାପଜନିତ ବର୍ଷା ଲାଗି ରହିଛି। ଫଳରେ ଗୋଟି ସାହିରେ ମଙ୍ଗଳବାର ହରି ହରିଜନଙ୍କ ଘରର କାନ୍ଥ ପଡ଼ିଯାଇଛି। ଘର ଭିତରେ ପାଣି ପଶିଯିବା ଯୋଗୁ ପରିବାର ବହୁ ଦୟନୀୟ ଅବସ୍ଥାରେ ଅଛନ୍ତି। ହରି ଅଟୋ ଚଲାଇ ପରିବାର ଚଳାନ୍ତି। ଏହି ଘରେ ତାଙ୍କ ପରିବାରର ୧୨ଜଣ ସଦସ୍ୟ ରହୁଥିଲେ। କାନ୍ଥ ଭାଙ୍ଗିବା ସହ ଘରେ ପାଣି ପଶି ବହୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ଶୀଘ୍ର ସରକାରୀ ସହାୟତା ପ୍ରଦାନ ଲାଗି ସେ ନିବେଦନ କରିଛନ୍ତି। ସେହିପରି ଘାଟଗୁଡ଼ାଠାରେ ଘର ଉପରେ ଗଛ ପଡି ୨ଟି ଟିଣ ନଷ୍ଟ ହୋଇଯାଇଛି। ଘରଟି ଯମୁନା ସିଂଙ୍କର ବୋଲି ଜଣାପଡ଼ିଛି।

## ବିଭିନ୍ନ ବିଭାଗର ସମୀକ୍ଷା କଲେ ଜିଲା ନୋଡାଲ ଅଧିକାରୀ

**ନବରଙ୍ଗପୁର,୧୯।୮(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାପରିଷଦ ବୈଠକ ଗୃହରେ ନିୟୋଜନ ନିର୍ଦ୍ଦେଶକ ତଥା ଓଏସ୍‌ଡିଏ ସିଇଓ, ଜିଲା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ରଶ୍ମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ(ସାଧାରଣ), ଅତିରିକ୍ତ ଜିଲାପାଳ ବିଶ୍ୱଜିତ୍ ବର୍ମନ (ରାଜସ୍ୱ), ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଜିଲା ନୋଡ଼ାଲ ଅଧିକାରୀ ପଣ୍ଡା ବିଭିନ୍ନ ବିଭାଗୀୟ ଯୋଜନାର ସମୀକ୍ଷା କରିଥିଲେ।

ନବରଙ୍ଗପୁର ମହାବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜର କର୍ତ୍ତୃପକ୍ଷଙ୍କୁ ଛାତ୍ରୀଛାତ୍ରମାନଙ୍କ ପାଇଁ ଜୀବିକା ପରାମର୍ଶ ଓ ନିଯୁକ୍ତି ଅବସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ ବିଭାଗର ଆୟୁଷ୍ମାନ ଭାରତ, ବୟୋବନ୍ଦନା କାର୍ଡ ବିତରଣ, ଗ୍ରାମୀଣ ପାନୀୟ ଜଳ ଯୋଗାଣ, ମେଗା ପାନୀୟ ଜଳ ଯୋଜନାରେ କେତୋଟି ଗାଁ ଅନ୍ତର୍ଭୁକ୍ତ, ପ୍ରତ୍ୟେକ ଘରକୁ ପିଇବା ପାଣି, ଶିକ୍ଷା ବିଭାଗର ଛାତ୍ରୀଛାତ୍ରଙ୍କ ପାଠ, ମ୍ୟାଟ୍ରିକ୍ ପାସ୍‌ହାର, ଛାତ୍ରୀଛାତ୍ରଙ୍କୁ ସମ୍ଭାବ୍ୟ ଜୀବିକା ପରାମର୍ଶ, ପିଏମ୍ ଶ୍ରୀ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ଜିଲା ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ଗଣ୍ଡି ଓ ଭତରା ଭାଷାରେ ପ୍ରାରମ୍ଭିକ ସ୍ତରରେ ଶିକ୍ଷା ପ୍ରଣାଳୀକୁ ଭିଡିଓ ମାଧ୍ୟମରେ ପ୍ରଦର୍ଶନ ଉପରେ ପଚାରି ବୁଝିଥିଲେ। ଜିଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ନବରଙ୍ଗପୁର ଜିଲାର ଭାମିନିଠାରେ ଥିବା ମକା ପ୍ରୋସେସିଂ ୟୁନିଟ, ଗୋଖାଦ୍ୟ ପ୍ରସ୍ତୁତି ୟୁନିଟ କାର୍ଯ୍ୟକ୍ଷମ ନେଇ ପଚାରି ବୁଝିଥିଲେ। ଉଦ୍ୟାନ କୃଷି ବିଭାଗର ଷ୍ଟବେରି ଚାଷ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀଙ୍କ ସଫଳତା ଉପରେ ପଚାରି ବୁଝିଥିଲେ। ଗୋପାଳନ, ଘାସ ଚାଷ କିଭଳି ବୃଦ୍ଧି କରିବେ ସେ ନେଇ ଜିଲା ପ୍ରାଣୀ ସମ୍ପଦ ବିଭାଗ ପରାମର୍ଶ ଦେଇଥିଲେ। ଡିଆଇପିଆର୍‌ଓ ମନୋଜ କୁମାର ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ମାଣ୍ଡିଆ ଘନତା ପ୍ରଣାଳୀ ପ୍ରଶିକ୍ଷଣ ଶିବିର

**ଝରିଗାଁ,୧୯।୮(କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତ ଚାରକୁଟିଆଗୁଡ଼ା ଗ୍ରାମରେ ଶ୍ରୀ ଅନ୍ନ ଅଭିଯାନରେ ମାଣ୍ଡିଆ ପ୍ରଣାଳୀ ଘନତା ଉପରେ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ମଣ୍ଡିଆ ବାଜରାର ଗୁରୁତ୍ୱ, ବିହନ ଚିକିତ୍ସା, ନର୍ସରୀ ପ୍ରସ୍ତୁତି ଆଦି କିପରି କରାଯାଇପାରିବ ସେଥିପ୍ରତି ତାଲିମ୍ ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ କୃଷକଙ୍କ ଦକ୍ଷତା ବୃଦ୍ଧି ସହ ସ୍ଥାୟୀ ମିଲେଟ ଆଧାରିତ ଚାଷକୁ ପ୍ରୋତ୍ସାହିତ କରିବ ବୋଲି ପ୍ରଶିକ୍ଷକମାନେ କହିଛନ୍ତି। ଏଥିରେ ହର୍ଷ ଟ୍ରଷ୍ଟ ସଙ୍ଗଠନ ବ୍ଲକ ପ୍ରୋଗ୍ରାମ ସଂଯୋଜକ ବିଭୁତି ଭୂଷଣ ସ୍ୱାଇଁ, ସିଆର୍‌ପି ଅର୍ଜ୍ଜୁନ ଭତ୍ରା, ଛବିଲାଲ ଭତ୍ରା, ଚନ୍ଦ୍ରଶେଖର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।


ତାଲିମ ଶିବରରେ ଅଧିକାରୀ ଓ ଚାଷୀ।

## ନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଡାବୁଗାଁ, ୧୯।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଗତ ୧୬ ତାରିଖରୁ ନିଖୋଜ ଥିବା କରଣ୍ଡି ଗ୍ରାମର ଦଇମନ ଭତ୍ରା (୩୫)ଙ୍କ ମୃତଦେହ ଡାବୁଗାଁ ଥାନା ଅଧୀନ ଦରଗୁଲା ଗ୍ରାମ ନିକଟ ନଦୀରୁ ମଙ୍ଗଳବାର ମିଳିଛି। ମଙ୍ଗଳବାର ଅପରାହ୍ନରେ ଦରଗୁଲା ନିକଟ ଅଙ୍ଗୀ ନଦୀରେ କେତେଜଣ ଲୋକ ମାଛ ଧରୁଥିବାବେଳେ ମୃତଦେହ ଭାସୁଥିବା ଦେଖି ଡାବୁଗାଁ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରିବାର ଲୋକେ ଦଇମନଙ୍କ ମୃତଦେହ ଚିହ୍ନଟ କରିଥିଲେ। ମୃତକଙ୍କ ବାପା ଘନସାଇ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ଏତଲା ଆଧାରରେ କେସ୍ ନଂ ୨୪/୨୫ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଏସ୍‌ଆଇ ବିକ୍ରମ କିଶୋର ସାହୁ ଘଟଣାର ତଦନ୍ତ କରୁଛନ୍ତି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

## ଦିନେ ଖଟୁଥିଲେ ଦାଦନ, ଏବେ ନିଟ୍ ପରୀକ୍ଷାରେ ସଫଳ

**ନବରଙ୍ଗପୁର,୧୯।୮(ସଦାଶିବ ପ୍ରହରାଜ)**

■ ଦାଦନ ଟଙ୍କାରେ ସ୍ମାର୍ଟ ଫୋନ୍ କିଣି ୟୁଟ୍ୟୁବ୍‌ରୁ ପଢୁଥିଲେ

■ ଏବେ ଡାକ୍ତରୀ ପଢ଼ିବାକୁ ଅର୍ଥ ସାଜିଛି ବାଧକ

■ ସହାୟତା କାମନା କରିଛନ୍ତି ଛାତ୍ର, ତାଙ୍କ ମା'


ମା' କାଞ୍ଚନଙ୍କ ସହ ଧବଳେଶ୍ୱର।

ଇଚ୍ଛା ଓ ନିଷ୍ଠାର ସହ ଉଦ୍ୟମ କଲେ ଯେକୌଣସି କାମରେ ସଫଳତା ମିଳିବ। ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଭତରା ସାହିର ଧବଳେଶ୍ୱର ପୂଜାରୀଙ୍କ ନିକଟରେ। ଉଚ୍ଚ ଅଧିକାରୀ ହେବା ଆଶା ରଖି ଧବଳେଶ୍ୱର ପିଲାଟି ଦିନରୁ ପଢୁଥିଲେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ଆନ୍ଧ୍ର ଯାଇ ଦାଦନ ଖଟିଛନ୍ତି। ଏହାପରେ ୟୁଟ୍ୟୁବ୍‌ରୁ ପଢ଼ି ଏବେ ଧବଳେଶ୍ୱର ନିଟ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ହେଲେ ଏବେ ଡାକ୍ତରୀ ପଢ଼ିବା ପାଇଁ ଅର୍ଥ ସାଜିଛି ବାଧକ। ଆର୍ଥିକ ସହାୟତା ପାଇଁ ଧବଳେଶ୍ୱର ଓ ତାଙ୍କ ମା' କାଞ୍ଚନ ନିବେଦନ କରିଛନ୍ତି।

ଧବଳେଶ୍ୱରଙ୍କୁ ୩ ବର୍ଷ ହୋଇଥିବାବେଳେ ବାପା କୃଷ୍ଣ ପୂଜାରୀ ମା' କାଞ୍ଚନ ଓ ତାଙ୍କୁ ଛାଡ଼ି ଅନ୍ୟତ୍ର ଚାଲିଯାଇଥିଲେ। କାଞ୍ଚନ ଧବଳେଶ୍ୱରଙ୍କୁ ନେଇ ତେନ୍ତୁଲିଖୁଣ୍ଟି ଭତରା ସାହିରେ ବାପାଙ୍କ ଜାଗାରେ ଘର କରି ରହୁଛନ୍ତି। ଧବଳେଶ୍ୱର ପିଲାଟିବେଳୁ ମେଧାବୀ। କାଞ୍ଚନ ପର ଘରେ ବାସନ ମାଜିବା ସହ ଦିନ ମଜୁରିଆ ଭାବେ କାମ କରି ଯାହା ରୋଜଗାର କରୁଥିଲେ, ସେଥିରେ ଚଳିବା ସହ ପୁଅକୁ ପଢ଼ାଉଥିଲେ। ଧବଳେଶ୍ୱର ମାଟ୍ରିକ୍ ପରୀକ୍ଷାରେ ୮୦% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପାଖରେ ସମ୍ବଳ ନଥିବାରୁ ଆଗକୁ ଆଉ ପାଠ ପଢ଼ାଇ ପାରିବେ ନାହିଁ ବୋଲି କାଞ୍ଚନ ଅସାମର୍ଥ୍ୟ ଦେଖାଇଥିଲେ। ଧବଳେଶ୍ୱରଙ୍କ ପଢ଼ା ପ୍ରତି ରୁଚି ଦେଖି କୋଷାଗୁମୁଡା ବ୍ଲକର ଜଣେ ସହୃଦୟ ବ୍ୟକ୍ତି ତାଙ୍କୁ ଜୟପୁରସ୍ଥିତ ଡିଏଭି କଲେଜରେ ପଢ଼ିବା ପାଇଁ ସମସ୍ତ ବନ୍ଦୋବସ୍ତ କରିଥିଲେ। ଯୁକ୍ତ ୨ ବିଜ୍ଞାନରେ ୮୮% ନମ୍ବର ରଖି ଧବଳେଶ୍ୱର ପାସ୍ କରିଥିଲେ। ୨୦୨୧ରେ ଘରର ଆର୍ଥିକ ସମସ୍ୟା ଯୋଗୁ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ୭ ମାସ ଦାଦନ ଖଟି ଯାହା ରୋଜଗାର କରିଥିଲେ, ସେହି ଟଙ୍କାରେ ଗୋଟିଏ ସ୍ମାର୍ଟ ଫୋନ, ବହି ଖାତା କିଣି ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। ବିନା କୋଚିଂରେ କେବଳ ୟୁଟ୍ୟୁବ୍‌ରୁ ପଢ଼ି ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେ ତୃତୀୟ ପ୍ରୟାସରେ ୩୭୬ ନମ୍ବର ରଖି ସଫଳତା ପାଇଛନ୍ତି। ଇତିମଧ୍ୟରେ କାଉନ୍‌ସେଲିଂ ଶେଷ ହୋଇଥିବାବେଳେ ଧବଳେଶ୍ୱରଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ସିଟ୍ ମିଳିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ମେଡିକାଲ କଲେଜରେ ନାମଲେଖା ପାଇଁ ଧବଳେଶ୍ୱରଙ୍କ ନିକଟରେ ଅର୍ଥ ନାହିଁ। ଆଡ୍‌ମିଶନ ପାଇଁ ୩୭ ହଜାର ୯୫୦ ଟଙ୍କା ଏବଂ ହଷ୍ଟେଲ ଫି' ବାବଦକୁ ୧୪ ହଜାର ଟଙ୍କାର ଆବଶ୍ୟକତା ରହିଛି। ସେହିପରି ୟୁନିଫର୍ମ, ବହି ଖାତା, ଡାକ୍ତରୀ ସରଞ୍ଜାମ ଏବଂ ମେସ୍ ଚାର୍ଜ ୧୦ ହଜାର ଟଙ୍କା ଦରକାର ପଡୁଛି, ଯାହାକି ୫ବର୍ଷର ଡାକ୍ତରୀ ପଢ଼ା ପାଇଁ ହାରାହାରି ପ୍ରାୟ ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। କୋଉଠୁ ଏତେ ଟଙ୍କା ଯୋଗାଡ଼ ହେବ ତାହାକୁ ନେଇ ମାଆ ଓ ପୁଅ ଚିନ୍ତିତ। ସରକାର, ପ୍ରଶାସନିକ ଅଧିକାରୀ ଓ ସହୃଦୟ ବ୍ୟକ୍ତି ସାହାଯ୍ୟ ସହଯୋଗ କରିବାକୁ ମା'ପୁଅ ନିବେଦନ କରିଛନ୍ତି। ଅନ୍ୟପଟେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଧବଳେଶ୍ୱରଙ୍କୁ ଘରକୁ ଡାକି ନାମଲେଖା ଓ ଆଗକୁ ଯାହା ବି ଅସୁବିଧା ହେବ ତାହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

DSPL-214

**ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ**

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0028/2526

# ପାନୀୟ ଜଳ ଯୋଗାଣ ଦାବିରେ ରାସ୍ତାରୋକୋ

**୪ ଘଣ୍ଟା ଯାନବାହନ ଚଳାଚଳ ଠପ୍**

କଲ୍ୟାଣସିଂହପୁର,୧୯।୮ (ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ସାହିକୁ ପାନୀୟ ଜଳଯୋଗାଣ ଦାବିରେ ମଙ୍ଗଳବାର ସକାଳ ୮ଟାରେ ସାହିର ମହିଳାମାନେ ଗରା, ବାଲ୍ଟି ରଖି କଲ୍ୟାଣସିଂହପୁରରୁ କାଶୀପୁର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଗ୍ରାମକୁ ପିଇବା ପାଣିର ସୁବିଧା ନ ହେବା ଯାଏଁ ଆମେ ରାସ୍ତାରୁ ନ ଉଠିବୁ ନାହିଁ ବୋଲି ଅଡ଼ି ବସିଥିଲେ। ମହିଳାଙ୍କ ରାସ୍ତାରୋକୋ ଯୋଗୁ କଲ୍ୟାଣସିଂହପୁରଠାରୁ କାଶୀପୁର ଓ କୋରାପୁଟକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ୪ ଘଣ୍ଟା ଧରି ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। କବପରାଇ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରମେଶ ମିଞ୍ଜ, କଲ୍ୟାଣସିଂହପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରା, ଜିପିଓ ଶତୋମନ ପ୍ରଧାନୀ, କଲ୍ୟାଣସିଂହପୁର ଭାଜପା ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଖୁବ୍‌ଶୀଘ୍ର ପାଣି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା।

ଶିକରପାଇ ପଞ୍ଚାୟତର ଡଙ୍ଗରିଆ ସାହିରେ ପ୍ରାୟ ୧୫୦ ପରିବାର ବସବାସ କରୁଛନ୍ତି। ହେଲେ ପାନୀୟ ଜଳ ପାଇଁ ପ୍ରଶାସନ ପକ୍ଷରୁ ସାହିରେ ଗୋଟିଏ ମାତ୍ର ନଳକୂପର ବ୍ୟବସ୍ଥା କରାଯାଇଛି। ବାରମ୍ବାର ଦାବି ପରେ ମଧ ସୋଲାର ମାଧ୍ୟମରେ ପାନୀୟ ଜଳଯୋଗାଣ ହୋଇନାହିଁ। ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ପାଣି ଯୋଗାଇବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପାଣି ଟାଙ୍କି ଖୋଲା ଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ କରାଯାଉନାହିଁ। ଫଳରେ ଗ୍ରାମୀୟ ବାସିନ୍ଦା ପାଣି ପାଇଁ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶେଷରେ ଉତ୍ତେଜିତ ହୋଇ ରାସ୍ତାରୋକୋ କରିଥିବା ଗ୍ରାମବାସୀ କହିଛନ୍ତି।


ମହିଳାମାନେ ଗରା, ବାଲ୍ଟି ରଖି ରାସ୍ତା ଅବରୋଧ କରିଛନ୍ତି।

# ପଞ୍ଜୀକରଣ ତ୍ରୁଟି ନେଇ ସମବାୟ ସମିତି ଆଗରେ ଉତ୍ତେଜନା


ଲ୍ୟାମ୍ପସ୍ ଏମ୍‌ଡି ଏବଂ ଚାଷୀଙ୍କ ମଧ୍ୟରେ କଥା କଟାକଟି ହେଉଛି।

କଲ୍ୟାଣସିଂହପୁର,୧୯।୮ (ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦର ମଣ୍ଡିରେ ଚାଷୀଙ୍କ ନାମ ପଞ୍ଜୀକରଣରେ ତ୍ରୁଟିକୁ ନେଇ ମଙ୍ଗଳବାର ସମବାୟ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ଦେଖାଦେଇଛି। ପ୍ରକୃତ ଚାଷୀଙ୍କ ନାମକୁ ପଞ୍ଜୀକରଣରେ ତ୍ରୁଟିଦର୍ଶାଇ ଫେରାଇଦେବା ପରେ ସେହି ଜମିରେ ଅନ୍ୟତ୍ର ନକଲି ଚାଷୀଙ୍କ ନାଁରେ ପଞ୍ଜୀକରଣ ହୋଇଥିବା ଅଭିଯୋଗକରି ପ୍ରକୃତ ଚାଷୀ ଗଣ୍ଡଗୋଳ କରିଥିଲେ। ଚାଷୀମାନେ କଲ୍ୟାଣସିଂହପୁର ଭାଜପା ମଣ୍ଡଳ ସଭାପତି ଅଜିତ କୁମାର ପାଣିଗ୍ରାହୀ, ନିରଞ୍ଜନ ମହାନନ୍ଦିଆ, ଶିବ ପଟ୍ଟନାୟକଙ୍କ ସହ ସମବାୟ କାର୍ଯ୍ୟାଳୟକୁ ଆସି ଏଭଳି ତ୍ରୁଟି କାହା ସ୍ୱାର୍ଥରେ ହୋଇଛି ବୋଲି ଲ୍ୟାମ୍ପସ୍ ଏମ୍‌ଡିଙ୍କୁ ପ୍ରଶ୍ନ କରିବା ସହ ଯୁକ୍ତିତର୍କ କରିଥିଲେ।

ସୂଚନାଯୋଗ୍ୟ, ଜଣେ ଚାଷୀ ଅଲେନୋ କାଡ୍ରାକା ନିଜ ଜୀବିତ ଥିବା ବେଳେ ବାପାଙ୍କ ଘୋଷଣାନାମା ପତ୍ର ଏବଂ ଜମିପଟ୍ଟା ସହ ମଣ୍ଡିରେ ନାମ ପଞ୍ଜୀକରଣ ନିମନ୍ତେ ସମବାୟ କାର୍ଯ୍ୟାଳୟକୁ ଆସିଥିଲେ। ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ତାଙ୍କ କାଗଜପତ୍ରରେ ତ୍ରୁଟି ଥିବା ଦର୍ଶାଇ ତାଙ୍କୁ ଫେରାଇ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କ କାଗଜକୁ ନେଇ ଚକ୍ରାନ୍ତକାରୀ ନକଲି ଚାଷୀଙ୍କ ନାଁରେ ପଞ୍ଜୀକରଣ କରାଯାଇଛି। ଏହି ଘଟଣାକୁ ନେଇ ଚାଷୀ ଏବଂ ଲ୍ୟାମ୍ପସ ଏମ୍‌ଡିଙ୍କ ମଧ୍ୟରେ ବଚସା ହେବାପରେ ଏମ୍‌ଡି ନିଜ ଭୁଲ୍‌କୁ ସ୍ୱୀକାର କରିବା ସହ ନକଲି ଚାଷୀଙ୍କ ନାଁରେ ପଞ୍ଜୀକରଣ ଖାରଜ କରିବା ପ୍ରକ୍ରିୟା ଆରମ୍ଭ କରିଥିଲେ। ୨୪ ଘଣ୍ଟା ପରେ ଅସଲି ଚାଷୀଙ୍କ ନାମରେ ପଞ୍ଜୀକରଣ କରାଇବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଉତ୍ତେଜନା କମିବା ସହ ପରିସ୍ଥିତି ଶାନ୍ତ ପଡ଼ିଥିଲା। ୨୪ ଘଣ୍ଟା ପରେ ଯଦି ମୋ ନାମରେ ପଞ୍ଜୀକରଣ ନ ହୁଏ ତେବେ ସେ ସମବାୟ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣା ଦେବା ନିମନ୍ତେ ଚାଷୀ ଅଲେନୋ କାଡ୍ରାକା ଚେତାବନୀ ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କୁ ଟି-ଶାର୍ଟ ଦେଲେ ଆର୍ମି କର୍ଣ୍ଣେଲ


ଛାତ୍ରୀଛାତ୍ର ପାଇଥିବା ଟି- ଶାର୍ଟ ଦେଖାଉଛନ୍ତି।

ରାୟଗଡ଼ା,୧୯।୮ (ଆଶିଷ ରଞ୍ଜନ ପଣ୍ଡା)

କ୍ରୀଡ଼ା କ୍ଷେତ୍ରରେ ଉନ୍ନତମାନର ପ୍ରଦର୍ଶନ ଓ ପ୍ରତିଭା ଦେଖାଇଥିବା କାରଣରୁ ପାହାଡ଼ିଆନ ଏକାଡେମୀ ସଭାପତି ତଥା ଇଣ୍ଡିଆନ୍ ଆର୍ମିର ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ବିଜୟାନନ୍ଦ ଦାଶ କଲ୍ୟାଣସିଂହପୁର ବ୍ଲକ ପଲମା ଏସ୍‌ଏସ୍‌ଡି ଉଚ୍ଚବିଦ୍ୟାଳୟର ୧୨ଜଣ ଛାତ୍ରୀ ଓ ୧୨ଜଣ ଛାତ୍ରଙ୍କୁ ଟି-ଶାର୍ଟ ପ୍ରଦାନ କରିଛନ୍ତି । ସ୍କୁଲର କ୍ରୀଡ଼ା ଶିକ୍ଷକ ବାବୁଲା ମେଲକାଙ୍କ ସହିତ ଯୋଗାଯୋଗ କରି କର୍ଣ୍ଣେଲ ଦାଶ ଏହି ସବୁ ଟି-ଶାର୍ଟ ପୋଷ୍ଟାଲ ମାଧ୍ୟମରେ ପଠାଇଥିବା ଜଣାପଡ଼ିଛି। ଛାତ୍ରୀଛାତ୍ର ଟି-ଶାର୍ଟ ପାଇବା ପରେ ଉତ୍ସାହିତ ହେବା ସହିତ କର୍ଣ୍ଣେଲ ଦାଶ ଓ କ୍ରୀଡ଼ା ଶିକ୍ଷକ ବାବୁଲାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଗୁଣିଗାରେଡ଼ି ସନ୍ଦେହରେ ପୁଣି ଜଣଙ୍କୁ ଆକ୍ରମଣ

- ଗ୍ରାମବାସୀଙ୍କ ମାଡ଼ରେ ବ୍ୟକ୍ତି ଗୁରୁତର
- ଅଭିଯୁକ୍ତଙ୍କୁ ପୋଲିସ ନୋଟିସ କରି ଛାଡ଼ିଦେବା ଘଟଣାକୁ ନିନ୍ଦା

ରାୟଗଡ଼ା,୧୯।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ୍ ଶେଷଖାଲ ଥାନା ଅଞ୍ଚଳରେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସକୁ ନେଇ ଅପରାଧ ବଢ଼ିବାରେ ଲାଗିଛି। ଗୁଣିଗାରେଡ଼ି ସନ୍ଦେହରେ ଗତ ୮ତାରିଖରେ ଶେଷଖାଲା ଥାନା ଅନ୍ତର୍ଗତ ବଡ଼ଆଲୁବାଡ଼ି ପଞ୍ଚାୟତ ବୁରୁସୁବାଡ଼ି ଗ୍ରାମର ରାମାରାଓ ଜିଲାକାରାଙ୍କୁ ଲୋକେ ବିଷ ପିଆଇ ପୋଡ଼ି ହତ୍ୟା କରିଥିଲେ। ଏହି ମାମଲାରେ ପୋଲିସ ୧୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ଶେଷଖାଲ ଥାନା ଅଧୀନ ବୈରାଗୀ ହାଲୁଆ ପଞ୍ଚାୟତର ବଡ଼ଲୁକୁଟି ଗ୍ରାମରେ ମଙ୍ଗଳବାର ପୁଣି ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଗୁଣିଗାରେଡ଼ି ସନ୍ଦେହରେ ବାସା କଣ୍ଡାଗରି (୫୦)ଙ୍କୁ ଗ୍ରାମର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

ଘଟଣାରୁ ପ୍ରକାଶ, ଗାଁର ଜଣେ ବ୍ୟକ୍ତି କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବାସା ଗୁଣିକରି ତାଙ୍କୁ ରୋଗାକ୍ରାନ୍ତ କରିଥିବା ତାଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ। ଏ ନେଇ ଗ୍ରାମର କେତେଜଣ ଯୁବକ ବାସାଙ୍କୁ ତାଙ୍କ ଘରୁ ଉଠାଇନେଇ ଗାଁ ଦାଣ୍ଡରେ ବାନ୍ଧି ନିର୍ଘୁମ୍ ପିଟିଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ । ହେଲେ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ଏ ନେଇ ବାସାଙ୍କ ପରିବାର ଅଗଷ୍ଟ ୧ ତାରିଖରେ ଶେଷଖାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ. ୬୯।୨୫ରେ ମାମଲା ରୁଜୁକରି ଗ୍ରାମର ରାମ କଣ୍ଡାଗରି, ଗୌରୀ କଣ୍ଡାଗରି ଓ ଜଗନ୍ନାଥ କଣ୍ଡାଗରିଙ୍କୁ ପଚରାଉଚୁରା କରି ଧାରା ୪୧ରେ ନୋଟିସ କରି ଛାଡ଼ିଦେଇଛି। ଏହାକୁ ଆହତଙ୍କ ପରିବାର ଲୋକେ ନିନ୍ଦା କରିବା ସହ ମରଣାନ୍ତକ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ ପରିବର୍ତ୍ତେ କିଭଳି ନୋଟିସ ଦେଇ ଛାଡ଼ି ଦେଇଛି ବୋଲି ପ୍ରଶ୍ନ କରିଛନ୍ତି। ପୋଲିସ କାହିଁକି ବାସା ଓ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନରେ ବିଳମ୍ବ କରୁଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ଶେଷଖାଲ ଥାନା ଆଇଆଇସି ମୁନି ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ ଛୁଟିରେ ଅଛନ୍ତି ଏବଂ ଆକ୍ରମଣକାରୀଙ୍କୁ ଧାରା ୪୧ରେ ନୋଟିସ କରାଯାଇଛି ବୋଲି ସେ କହିଛନ୍ତି । ତେବେ ଆଧୁନିକ ଯୁଗରେ ଲୋକେ ଡିଜିଟାଲ ମୁହାଁ ହୋଇଥିଲେ ମଧ ସଚେତନତା ଅଭାବ କାରଣରୁ ଆଜି ବି ଲୋକେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଆପରାଧିକ କାର୍ଯ୍ୟକଳାପ କରୁଛନ୍ତି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି ।


ଆହତ ବ୍ୟକ୍ତି ।

# ବିପର୍ଯ୍ୟୟ କ୍ଷେତ୍ରରେ ମହିଳାଙ୍କ ଅନ୍ତର୍ଭୁକ୍ତୀକରଣକୁ ନେଇ ଆଲୋଚନା


କର୍ମଶାଳାରେ କିଶୋରୀ, ମହିଳାଙ୍କୁ ସଚେତନ କରାଯାଉଛି।

ରାୟଗଡ଼ା,୧୯।୮ (ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାୟଗଡ଼ା ବ୍ଲକ୍ ଶେଷଖାଲଠାରେ ସୋମବାର ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିପର୍ଯ୍ୟୟ କ୍ଷେତ୍ରରେ ମହିଳାଙ୍କ ଅନ୍ତର୍ଭୁକ୍ତୀକରଣ ସମ୍ପର୍କିତ ଆଲୋଚନା ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସ୍‌ଡମାର ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୋଷ ରଞ୍ଜନ ଜେନା, ଓସ୍‌ଡମାର ତାଲିମ ପ୍ରଦାନକାରୀ ଦଳ, ପିଏ ଗୋପାଳ ପଣ୍ଡା, ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର ଏମ୍. ମାଙ୍ଗାମା ଶିଶୁ, ମାତୃ ଓ କିଶୋରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ବିଷୟରେ କହିଥିଲେ। ଆଗାମୀ ଦିନରେ କିଶୋରୀଙ୍କୁ ନେଇ ୨ଦିନିଆ ତାଲିମ ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା । ଶେଷଖାଲ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ୱାର୍ଡ ସଦସ୍ୟ, ଜୀବିକା ମିଶନର ସିଆର୍‌ପି, ଏମ୍‌ବିକେ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ସମିତି ସଭ୍ୟ କ୍ରିଷ୍ଟା କଲାକା, ଶେଷଖାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ପଣ୍ଡା, ନିର୍ବାହୀ ଅଧିକାରୀ ମନୋଜ ଜିଲାକାରା ଉପସ୍ଥିତ ଥିଲେ ।

# ମିଟ୍‌ସରେ ଦୀକ୍ଷାରମ୍ଭ, ଓରିଏଣ୍ଟେସନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କଲେଜ କର୍ତ୍ତୃପକ୍ଷ।

ରାୟଗଡା,୧୯।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକର ଭୁଜବଲସ୍ଥିତ ମିଟ୍‌ସ କଲେଜ ପରିସରରେ ଥିବା ବସନ୍ତ ଅଡିଟୋରିୟମରେ ମଙ୍ଗଳବାର ଦୀକ୍ଷାରମ୍ଭ ଓ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷାନୁଷ୍ଠାନରେ ନୂତନ ଭାବେ ଯୋଗଦେଇଥିବା ଛାତ୍ରୀଛାତ୍ର ପାଇଁ ଦୀକ୍ଷାରମ୍ଭ-୨୦୨୫ ଓ ବିଟେକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ସେଣ୍ଟ୍ରାଲ ଟୁଲ ରୁମ ଏବଂ ଟ୍ରେନିଂ ସେଣ୍ଟରର ବରିଷ୍ଠ ପରିଚାଳକ ଡ. କେ.ଏମ. ରାଜନ ଯୋଗଦେଇ ଛାତ୍ରୀଛାତ୍ର କ୍ୟାରିଅର୍ ଲକ୍ଷ୍ୟ ସ୍ଥିର କରିବା, ବିଭ୍ରାନ୍ତିକୁ ଚିହ୍ନଟ କରିବା, ଅତ୍ୟାବଶ୍ୟକ ଦକ୍ଷତାକୁ ସମ୍ମାନ ଦେବା ଏବଂ ସେମାନଙ୍କ ପସନ୍ଦ କ୍ଷେତ୍ରରେ ଶୀର୍ଷ ସ୍ଥାନ ହାସଲ ପାଇଁ ପ୍ରୟାସ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଚାର୍ଟର୍ଡ ଇଞ୍ଜିନିୟର ଏ. ହେମନ୍ତ କୁମାର, ମିଟ୍‌ସର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା, ନିର୍ଦ୍ଦେଶକ ପ୍ରଫେସର ଡ. ସି.ଭି. ଗୋପୀନାଥ, ଅଧ୍ୟକ୍ଷ ପ୍ରଫେସର ରାମାନୁଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଛାତ୍ରମାନେ ମିଟ୍‌ସ ଶିକ୍ଷାନୁଷ୍ଠାନରେ ସେମାନଙ୍କର ଅଭିଜ୍ଞତା କହିବା ସହ ନୂତନ ପିଲାଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ରାମାନୁଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଡିପିଏଚ୍‌ଓଙ୍କ ଖିଲାମଣ୍ଡା ବାଳିକା ବିଦ୍ୟାଳୟ ପରିଦର୍ଶନ

ପଦ୍ମପୁର,୧୯।୮ (ପ୍ରଶାନ୍ତ କର)

ରାୟଗଡ଼ା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିପିଏଚ୍‌ଓ) ମମତା ସାହୁ ମଙ୍ଗଳବାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାମଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କୁମ୍‌କୁମ୍ ସାହୁଙ୍କ ସହ ଆଲୋଚନାକରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ସମସ୍ୟା ଉପରେ ପଚାରି ବୁଝିବା ସହ ସ୍ୱାସ୍ଥ୍ୟ ବିଭାଗର ଅମ୍ଳାନ ଯୋଜନା ଓ ଏନ୍‌ଡିଡି ଯୋଜନା ଉପରେ ତଦାରଖ କରିଥିଲେ। ଏହି ସମୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମ୍ୟାଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରି, ସ୍ୱାସ୍ଥ୍ୟ ଅଧିକାରୀ ଉଦୟ ଚନ୍ଦ୍ର ଶବରଙ୍କ ସହ ସ୍କୁଲର ସମସ୍ତ ଶିକ୍ଷକ, କର୍ମଚାରୀମାନେ ଉପସ୍ଥିତ ଥିଲେ।।


ଏଡିପିଏଚ୍‌ଓ ମମତା ସାହୁଙ୍କ ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଅନ୍ୟମାନେ।

# ଗଜଲକ୍ଷ୍ମୀଙ୍କ ପୂଜା ପ୍ରସ୍ତୁତି ବୈଠକ

ଗୁଣପୁର,୧୯।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଅଫିସ ସମ୍ମୁଖରେ ଜାଗୃତି ସାଂସ୍କୃତିକ ସଂଗଠନ ପକ୍ଷରୁ ହେଉଥିବା ମା’ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସମେଶର ସାମଲଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୬ରେ ପାଳିତ ହେବାକୁ ଥିବା ମା’ ଗଜଲକ୍ଷ୍ମୀଙ୍କ ପୂଜା ପରିଚାଳନା ପାଇଁ ଏକ ନୂତନ କମିଟି ଗଠିତ ହୋଇଥିଲା। ସଭାପତି ରାଜେନ୍ଦ୍ର ସାହୁକାର, ଉପସଭାପତି ସମେଶର ସାମଲ, କାର୍ଯ୍ୟକାରୀ ସଭାପତି ମିନକେତନ ପଣ୍ଡା, ସମ୍ପାଦକ ଶିବ ପ୍ରାସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ କମଳାକାନ୍ତ ଖୁଣ୍ଟିଆ, କୋଷାଧ୍ୟକ୍ଷ ଭାବେ ବଳରାମ ପାଣିଗ୍ରାହୀ ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ମୋନୋ ରଞ୍ଜନ ରଥ, ସୂର୍ଯ୍ୟ ନାରାୟଣ ରଥ, ଗୋପାଳ କୃଷ୍ଣ ପାଣିଗ୍ରାହୀ, ଭଗବାନ ନିଶଙ୍କ, ରବି ନାରାୟଣ ଶତପଥୀ, ଅଜିତ ପଣ୍ଡା, ରବୀନ୍ଦ୍ର ସାହୁ, ମୁନା ପାଢ଼ୀ, ସୁରେଶ ଚୌଧୁରୀ, ପ୍ରସାଦ ପାଇଟାଳ ଚୟନ ହୋଇଥିଲା। ନବ ନିର୍ବାଚିତ ସଦସ୍ୟଙ୍କୁ ସୂର୍ଯ୍ୟ ନାରାୟଣ ଶପଥ ପାଠ କରାଇଥିଲେ । ଆସନ୍ତା ୨୯ରେ ଶୁଭ ଖୁଣ୍ଟି ସ୍ଥାପନ କରାଯିବାକୁ ଧାର୍ଯ୍ୟ କରାଯାଇଥିଲା । ପୂଜାରେ କର୍ତ୍ତା ଭାବେ ରାଧାକୃଷ୍ଣ ପଣ୍ଡାଙ୍କୁ ଚୟନ କରାଯାଇଥିଲା।

# ଟିସୁ କଲ୍‌ଚର ଚାଷ ଉପରେ ଗୁରୁତ୍ୱଦେବାକୁ ପରାମର୍ଶ

ପଦ୍ମପୁର,୧୯।୮ (ପ୍ରଶାନ୍ତ କର)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ଜଳ ଯୋଗାଣ ବିଭାଗ କମିଶନର ତଥା ସଚିବ ଗିରିଶ ଏସ୍‌ଏନ୍ ପଦ୍ମପୁର ଗସ୍ତକରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପଦ୍ମପୁର ଖମାପଦରରେ ନିର୍ମାଣ ଚାଲିଥିବା ଅମୃତ ସରୋବରର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଖୁବ୍‌ଶୀଘ୍ର ସାରିବାକୁ ପରାମର୍ଶ ଦେଇଥିଲେ। ଉଦ୍ୟାନ କୃଷି ମାଧ୍ୟମରେ ଟିସୁ କଲ୍‌ଚର ଚାଷ ଉପରେ ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ପଦ୍ମପୁର ଦେବହୂତି ଷଡ଼ଙ୍ଗୀ ଏବଂ ବିନ୍ଧ୍ୟବାସିନୀଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଜଗନ୍ନାଥ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପରିଚାଳିତ ଆକାଂକ୍ଷା ହାଟ ପରିଦର୍ଶନକରି ଖୁସିବ୍ୟକ୍ତ କରିବା ସହ ସୁଭଦ୍ରା ଯୋଜନା ଉପରେ ଆଲୋଚନା କରିଥିଲେ। ଏହି ସମୟରେ ପଦ୍ମପୁର ଉନ୍ନୟନ ପରିଷଦ ତରଫରୁ ରମେଶ ଚନ୍ଦ୍ର ପଣ୍ଡା ପଦ୍ମପୁରକୁ ଏନ୍‌ଏସି ଘୋଷଣା ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସଚିବ ଗିରିଶ ସେଠାରୁ ଡିବିରିସିଙ୍ଗ ଗ୍ରାମକୁ ଯାଇ ଅନ୍ତ୍ୟୋଦୟ ଘର ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ସହ ଆଲୋଚନାକରି ତୁରନ୍ତ ଘରକାର୍ଯ୍ୟ ସାରିଲେ ସରକାରଙ୍କ ପ୍ରୋତ୍ସାହନ ସୁବିଧା ଉପରେ କହିଥିଲେ। ଅପରାହ୍ନରେ ସଚିବ ପଦ୍ମପୁର ଶ୍ରୀରାମ ମନ୍ଦିରରେ ସନ୍ଧ୍ୟା ଆରତି ଦର୍ଶନ କରିଥିଲେ। ଏହି ସମୟରେ ପଦ୍ମପୁରର ବରିଷ୍ଠ ଆଇନଜୀବୀ ସରୋଜ ପାଣିଗ୍ରାହୀ, ବିଜେଡି ନେତା ଦୁର୍ଗା ସାହୁ, ଭାଜପା ନେତା ହରେକୃଷ୍ଣ ପାଢ଼ୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ଗୁଣପୁର ଉପଜିଲାପାଳ ବୁଧାଲ ଅଭିଷେକ ଦିଲୀପ, ଗୁଣପୁର ବିଡିଓ ସ୍ୱସ୍ତିକ ଜମାଦାର, ପଦ୍ମପୁର ବିଡିଓ କୁରେଶୁ ଜାନୀ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଗୋଷ୍ଠୀ ମହିଳା ସଂଘର ସଭାପତି ମମତା ପାଣିଗ୍ରାହୀ, ବିପିଷି ମିଶନ ଶକ୍ତିର କାନ୍ତି କୁମାର ପାଢ଼ୀ,ଏଡିଇଓ ଗଙ୍ଗା ସୁରେଶ କୁମାର, ପଦ୍ମପୁର ବ୍ଲକ୍ ଯନ୍ତ୍ରୀ ଇସ୍‌ମାଇଲ ଶବର, ଅଂଶୁମାଳି ସାହୁ, ନରକେତନ ଶବର, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଅଜୟ ମାଝୀ, ପଦ୍ମପୁର ପିଇଓ ପ୍ରତିଭା ଶବର,ଜିପିଓ ଗୌରାଙ୍ଗ କାଦମ୍ବୁଲ, ମିଶାରା ସୀମାରାଓ, ଯାଜ୍ଞସେନୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।


ସଚିବ ଗିରିଶ ଏସ୍‌ଏନ୍‌ଙ୍କ ସହ ଗୁଣପୁର ଉପଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

# ତେନ୍ତୁଳି, ସପୁରି ପ୍ରୋସେସିଂ ୟୁନିଟ୍ ବୁଲିଲେ ସଚିବ ଗିରିଶ ଏସ୍‌ଏନ୍

**ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ସଚିବଙ୍କ ବିଷମକଟକ ଗସ୍ତ**

ବିଷମକଟକ,୧୯।୮ (ପ୍ରସନ୍ନ କୁମାର ପଣ୍ଡା)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଗିରିଶ ଏସ୍‌ଏନ ମଙ୍ଗଳବାର ଅପରାହ୍ନ ୨ଟାରେ ବିଷମକଟକ ବ୍ଲକ୍ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରଛନ୍ତି। ସଚିବ ଗିରିଶ ବିଷମକଟକରେ ପହଞ୍ଚି ପ୍ରଥମେ ଚାଟିକଣାଠାରେ ଥିବା ଆଦିମ ଜନଜାତି ଡଙ୍ଗରିଆଙ୍କ ଶାଲ୍ ବୁଣା ତାଲିମକେନ୍ଦ୍ର ଯାଯାବର ପରିଦର୍ଶନକରି ଡଙ୍ଗରିଆ ମା’ମାନଙ୍କ ସହ ଆଲୋଚନାକରି ସେମାନଙ୍କ ବ୍ୟବସାୟ କେମିତି ଚାଲିଛି ପଚାରି ବୁଝିଥିଲେ। ତା’ପରେ ଓର୍‌ମାସର ତେନ୍ତୁଳି ପ୍ରୋସେସିଂ ୟୁନିଟ୍ ଓ ସପୁରି ପ୍ରୋସେସିଂ ୟୁନିଟ୍ ପରିଦର୍ଶନକରି ଏହାକୁ କିପରି ଅଧିକରୁ ଅଧିକ ୟୁନିଟ୍ ଖୋଲାଯାଇପାରିବ ତା’ ଉପରେ ଆଲୋକପାତ କରିଥିଲେ । ଏହି ସମୟରେ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ସେ ପଚାରି ବୁଝିଥିଲେ। ଏହା ପରେ କୁଲି ପଞ୍ଚାୟତର ଖମ୍ବେସି ଗ୍ରାମକୁ ଯାଇ ନୂତନ ଭାବେ ନିର୍ମାଣ ଚାଲିଥିବା ପିଏମ୍ ଆୱାସ ଘରଗୁଡ଼ିକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ତୁରନ୍ତ ମିସ୍ତ୍ରି ସମସ୍ୟା ଦୂରକରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଷମକଟକ ବ୍ଲକର ଥୁଆପଡ଼ିଠାରେ ଥିବା ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଦର୍ଶନକରି ବକେୟା କାମ ସବୁ ଶୀଘ୍ର ସାରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ରାୟଗଡ଼ା ସଦର ବ୍ଲକ୍‌କୁ ଗସ୍ତକରି କୁଲି ପଞ୍ଚାୟତ ଅନ୍ତର୍ଗତ ଥିବା ଶିଶୁ ଉଦ୍ୟାନ (ପାର୍କ) ଏବଂ କଲ୍ୟାଣ ମଣ୍ଡପ ପରିଦର୍ଶନକରି ଫେରିଥିଲେ। ସଚିବଙ୍କ ଗସ୍ତ ସମୟରେ ରାୟଗଡା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲାପାଳ ବୁଧାଲ ଅଭିଷେକ ଦିଲୀପ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ସଚିବ ଗିରିଶ ଏସ୍‌ଏନ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

## ସଂକ୍ଷେପରେ

### ସୁନୁ ଟ୍ରେନ୍ ଲାଇନରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ

କୋରାପୁଟ,୧୯।୮(ଅମିତାଭ ବେହେରା)

କୋରାପୁଟ ଷ୍ଟେସନ ନିକଟ ସୁନୁ ଟ୍ରେନ୍ ଲାଇନରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ରେଲୱେ ପୋଲିସ ଜବତ କରିଛି। ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ଶହୀଦ ଲକ୍ଷଣ ନାୟକ ମହାବିଦ୍ୟାଳୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସୋମବାର ସନ୍ଧ୍ୟାରେ ଏକ ଟ୍ରେନ ସମ୍ମୁଖ ବ୍ୟକ୍ତିଙ୍କୁ ଧକ୍କା ଦେବାରୁ କୋଲାବ ନଦୀ ଉପରେ ଥିବା ରେଲୱେ ବ୍ରିଜ ଉପରେ ଜଣେ ବ୍ୟକ୍ତି ପଡ଼ିଥିବା ବେଳେ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହ ଶବାଗାରରେ ରଖାଯାଇଥିବା ସୂଚନା ମିଳିଛି। ବ୍ୟକ୍ତିଙ୍କ ବୟସ ୫୫ ବର୍ଷ ଅନୁମାନ କରାଯାଉଥିବା ବେଳେ ସେ କଳା ରଙ୍ଗର ପ୍ୟାଣ୍ଟ ଓ ସୁଇଟର ପିନ୍ଧିଥିଲେ। ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଏସଆଇ ଅମର ସେଠୀ ତଦନ୍ତ କରୁଛନ୍ତି।

### ସହରର ବିଭିନ୍ନ ଲଜ୍ ଉପରେ ଚଢ଼ାଉ

ଜୟପୁର,୧୯।୮(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରର ସମସ୍ତ ହୋଟେଲ ଓ ଲଜ୍‌ଗୁଡ଼ିକରେ ଜୟପୁର ଟାଉନ ଓ ସଦର ପୋଲିସ ମିଳିତ ଭାବେ ଚଢ଼ାଉ କରି ଯାଞ୍ଚ କରୁଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସହରର ହୋଟେଲ ଶିବା,ମାଉଣ୍ଟଭ୍ୟାଲି, ଗୋପିନାଥ, ଗୋଲଡ଼ି ପ୍ରିମିୟମ ଆଦି ହୋଟେଲଗୁଡ଼ିକ ପୋଲିସ ସଦଳବଳେ ଯାଞ୍ଚ କରିଛନ୍ତି। ହୋଟେଲର ରେଜିଷ୍ଟର ସହ ରହୁଥିବା ଯାତ୍ରୀଙ୍କ ତାଲିକା ଯାଞ୍ଚ କରାଯାଇଛି। ସୋମବାର ମଧ୍ୟ ରାତ୍ରି ପର୍ଯ୍ୟନ୍ତ ହୋଟେଲଗୁଡ଼ିକରେ ଯାଞ୍ଚ କରାଯିବ। ନିୟମିତ ଭାବେ ଯାଞ୍ଚ କରାଯିବ ବୋଲି ସଦର ଥାନା ଅଧିକାରୀ ସନ୍ତି ପ୍ରଧାନ ଓ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ କହିଛନ୍ତି।

### ଓଡ଼ିଶା ଡ୍ରାଇଭର ମହାସଂଘର କର୍ମକର୍ତ୍ତା ଚୟନ

ଜୟପୁର,୧୯।୮(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଓଡ଼ିଶା ଡ୍ରାଇଭର ମହାସଂଘ ଶାଖାର କର୍ମକର୍ତ୍ତା ମଙ୍ଗଳବାର ଚୟନ କରାଯାଇଛି। ଜୟପୁର ଜଗନ୍ନାଥସାଗର ଏକ କଲ୍ୟାଣ ମଣ୍ଡପରେ ଓଡ଼ିଶା ଡ୍ରାଇଭର ମହାସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମେକ୍ଷ୍ଟ ଓ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଭାବେ ଧନୁ ବେହେରା, ଉପସଭାପତି ମୋହନ ସଗରିଆ, ସମ୍ପାଦକ ମାଧବ ବିଶୋୟୀ, ସହସମ୍ପାଦକ ସୁଜିତ ବେହେରା, କୋଷାଧ୍ୟକ୍ଷ କାଳିଦାସ ପଟ୍ଟନାୟକଙ୍କୁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାର ୧୪ ବ୍ଲକ୍‌କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ନିଶାରୁ ଦୂରେଇ ରହିବାକୁ ଓ ଡ୍ରାଇଭର ଡ୍ରେସ କୋଡ୍ ପିନ୍ଧି ଗାଡ଼ି ଚଲାଇବାକୁ ରାଜ୍ୟ ସଭାପତି ପରାମର୍ଶ ଦେଇଥିଲେ।

### ବର୍ଷାରେ ଗଛ ଉପୁଡ଼ି ଭାଙ୍ଗିଲା କ୍ୱାର୍ଟର୍ସ

ମାଲକାନଗିରି,୧୯।୮(ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲାରେ ଲଗାଣ ବର୍ଷା ଯୋଗୁ ସର୍ବଶିକ୍ଷା ଅଭିଯାନ ମେଡ଼ିଆ ସଂଯୋଜକ ତଥା ଅନ୍ତ ନିର୍ବେଶି ଶିକ୍ଷା ସଂଯୋଜକ ସମେନ୍ଦ୍ର କିଶୋର ମହାପାତ୍ରଙ୍କ ସରକାରୀ କ୍ୱାର୍ଟର ଉପରେ ଏକ ବଡ ଆକାଶୀ ଗଛ ଉପୁଡ଼ି ପଡିବାରୁ ଘର ଭାଙ୍ଗି ଯାଇଛି। ଅନ୍ୟ କୋଠରୀରେ ପରିବାର ଲୋକେ ଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅଗ୍ନିଶମ ବିଭାଗକୁ ଫୋନ କରିବାରୁ କର୍ମଚାରୀମାନେ ପହଞ୍ଚି ଗଛ କାଟି ଘର ଉପରୁ ହଟାଇବା ପରେ ପଲିଥିନ୍ ପକାଯାଇଛି। ଘରର ଦୁଇଟି କାନ୍ଥ ଓ ଛାତ ଭାଙ୍ଗିଯାଇଛି ।

# ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କ କୋଟିଆ ପରିଦର୍ଶନ

ପଟ୍ଟାଙ୍ଗି,୧୯।୮(ଶରତ କୁମାର ଧଳ)

ରାଜ୍ୟ ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଦିନିକିଆ କୋରାପୁଟ ଜିଲା ଗସ୍ତରେ ଆସିଛନ୍ତି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସହ ଆଲୋଚନା କରି ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ଗସ୍ତ କରିଥିଲେ। ଥୁରିଆ ଟାଉପଦର ଗ୍ରାମର ମାଲକି ପାଙ୍ଗୀ ଏବଂ ବାଙ୍ଗୁରୁ ପାଙ୍ଗୀ ୨ ଚାଷୀଙ୍କ ନିଜସ୍ୱ ଜମିରେ ଜଳଧାରା ପ୍ରକଳ୍ପ ଦ୍ୱାରା ହୋଇଥିବା ବନ୍ଧ ଦେଖିଥିଲେ। ବନ୍ଧର ପାଣିରେ ମାଛ ଚାଷ କରିବା ସହ ଉକ୍ତ ପାଣିକୁ ନେଇ ନିକଟରେ ଥିବା ଅନ୍ୟ ଚାଷ ଜମିରେ ମଧ୍ୟ ବ୍ୟବହାର କରି ଏହାକୁ ଦ୍ୱିଗୁଣିତ କରିବାକୁ ନିର୍ଦ୍ଦେଶକ ପଣ୍ଡା ପରାମର୍ଶ ଦେଇଥିଲେ। ସିଲଭର ଓ କଫି ଗଛ ଲଗାଇବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଦିଆଯିବ ବୋଲି କହିଥିଲେ। ୧୦ଜଣଙ୍କୁ ଉକ୍ତ ଗଛ ଲଗାଇବାକୁ ପଟ୍ଟା ପ୍ରଦାନ କରିଥିଲେ। ଏହାପରେ ଜାନିଗୁଡା ଗ୍ରାମର ବାସନା ଗେମେଲ୍‌ଙ୍କ ଜମିରେ ସିଲଭର ଗଛ ପ୍ଲାଣ୍ଟେସନ୍ ଦେଖି କିଛି ଗଛ ଲଗାଇଥିଲେ। ଏହି ସମୟରେ ଜମିରେ ଲାଗିବାକୁ ଥିବା ୩୦ ହଜାର ଗଛର ଯତ୍ନ ନେବା ନେଇ ଉକ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ସୀମାନ୍ତବାସୀଙ୍କ ସହ ବୈଠକ କରିଥିଲେ। ବିଭାଗ ପକ୍ଷରୁ ପଞ୍ଚାୟତର ସୀମାନ୍ତ ଗ୍ରାମଗୁଡ଼ିକରେ ହେଉଥିବା କାର୍ଯ୍ୟ ନେଇ ଆଲୋଚନା ମାଧ୍ୟମରେ ବୁଝାଇଥିଲେ। ଏହାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ୧୩ଜଣଙ୍କୁ ଗଛ ଲଗାଇବା ପାଇଁ ପଟ୍ଟା ପ୍ରଦାନ କରିଥିଲେ। ଜାନିଗୁଡା ଗ୍ରାମର ଗିନ୍ଦେ ଗେମେଲ୍ ଓ ସୁକାନ୍ତ ଗେମେଲଙ୍କୁ ୧ ଲକ୍ଷ ୫୫ ହଜାର ୬୩୭ ଟଙ୍କାର ଜଳଧାରା ପ୍ରକଳ୍ପରେ ଚାଷ ଜମିରେ ବନ୍ଧ ଖୋଳିବା ପାଇଁ ୨ଟି ଚେକ୍ ପ୍ରଦାନ କରିଥିଲେ। ଏହି ସମୟରେ ସରପଞ୍ଚ ଲିୟୁ ଗେମେଲ୍, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଶିବ ଚରଣ ଜେଠି, ଉପନିର୍ଦ୍ଦେଶକ କଫି ଉନ୍ନୟନ ସଚିତା ନନ୍ଦ ସ୍ୱାଇଁ, ସହାୟକ ନିର୍ଦ୍ଦେଶକ ଜଳ ବିଭାଜିକା ସୁମନ ରାଉତ, ଉଦ୍ୟାନ ଉପନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ, ସହକାରୀ ଉଦ୍ୟାନ ଅଧିକାରୀ ଅମିତା ରାଣୀ ନାୟକ ଓ ସ୍ୱେଚ୍ଛାସେବୀ ରଞ୍ଜିତ ପାଙ୍ଗୀ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ବିଭାଗ ବି.ପାର୍ଥ ସାରଥୀ, କିରଣ କୁମାର ରଥ, ବିଶ୍ୱ ମୋହନ ପ୍ରଧାନ ଓ ଯୁଧିଷ୍ଠିର ପାତ୍ର ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ରାଜ୍ୟ ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଚାଷୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।


### ସିଲ୍‌ଭର, କଫି ଗଛ ଲଗାଇବାକୁ ପଟ୍ଟା ପ୍ରଦାନ

# ଜିଲାପାଳଙ୍କ ନିର୍ଦ୍ଦେଶରେ ବଦଳିଲେ ବିଆର୍‌ସିସି

### ଶିକ୍ଷକଙ୍କୁ ଏବିଇଓଙ୍କ ବଦଳି ଧମକ ଘଟଣା

ନନ୍ଦପୁର,୧୯।୮ (ବୃନ୍ଦାବନ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ଶିକ୍ଷକଙ୍କୁ ଫୋନ ଯୋଗେ ଏବିଇଓଙ୍କ ବଦଳି ଧମକ, ଶିକ୍ଷକ ପକ୍ଷାଘାତରେ ଆକ୍ରାନ୍ତ ଘଟଣାରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବିଆର୍‌ସିସି ବଦଳିଥିବା ଜଣାପଡ଼ିଛି। ବ୍ଲକ୍ ଶିକ୍ଷକ ସଂଘର ବିଇଓଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯୋଗ ଓ ଜିଲା ଅତିରିକ୍ତ ଶିକ୍ଷାଧିକାରୀଙ୍କ ନନ୍ଦପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତଦନ୍ତ ପରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତମେଲି ମଜୁମଦାରଙ୍କ ପ୍ରଦତ୍ତ ତଦନ୍ତ ରିପୋର୍ଟ ଆଧାରରେ ଜିଲାପାଳଙ୍କ ନିର୍ଦ୍ଦେଶରେ ନନ୍ଦପୁର ବ୍ଲକରେ କାର୍ଯ୍ୟରତ ବିଆର୍‌ସିସି ଗୁରୁନାଥ ମାଝିଙ୍କୁ ହଟାଇ ଏବିଇଓ ମମତାଜ ଗମାଙ୍ଗଙ୍କୁ ବିଆର୍‌ସିସି ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୭୮୩/ପିଇଡି-୨୦୨୫ ତା.୧୮।୮।୨୫ରେ ଏବିଇଓ ଏବଂ ବିଆର୍‌ସିସି ଦାୟିତ୍ୱ ଗମାଙ୍ଗଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଧିକ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ଶିକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଗମାଙ୍ଗ ପୂର୍ବରୁ ବ୍ଲକ୍ ଅଧୀନ ସମସ୍ତ ବିଦ୍ୟାଳୟର ଏମ୍‌ଡିଏମ୍ ତଦାରଖ ଓ ପରିଚାଳନା ଦାୟିତ୍ୱ ତୁଲାଉଥିଲେ। ବିଆର୍‌ସିସି ଦାୟିତ୍ୱ ମଧ୍ୟ ସୁଚାରୁ ରୂପେ ତୁଲାଇବେ ବୋଲି ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ ଓ ବ୍ଲକ୍ ଶିକ୍ଷକ ସଂଘ ସଭାପତି ସନିଆ ମୁଦୁଲି କହିଛନ୍ତି। ଅଭିଯୋଗ ଆଣିଥିବା ଶିକ୍ଷୟିତ୍ରୀ,ଶିକ୍ଷକ ଓ ଶିକ୍ଷକ ସଂଘର କର୍ମକର୍ତ୍ତା ଜିଲା ଶିକ୍ଷା ବିଭାଗର ତଦନ୍ତ ଏବଂ ଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ସମସ୍ତେ ଆସ୍ଥା ରଖିଥିଲେ ବୋଲି କହିଛନ୍ତି।


DISTRICT PROJECT OFFICE
SAMAGRA SHIKSHA, KORAPUT, ODISHA, PIN-764020
E-mail-dpckoraputssa.opepa@nic.in

Letter No. 2483 Ped/2025 IX-PED-15 /25 Date. 18/08/2025

OFFICE ORDER

The following Assistant Block Education Officers are hereby assigned with the responsibility of BRCC of the blocks as mentioned against their names and will be designated as ABEO-cum-BRCC with immediate effect in pursuance of Para-22 of Government Letter No.6545/SME dated. 27.03.2014 of Commissioner-cum-Secretary to Government, S&ME Deptt, Odisha, Bhubaneswar for smooth functioning of SSA activities.

| Sl No | Name of the ABEO | Designation | Block | Remarks |
| --- | --- | --- | --- | --- |
| 01 | Smt. Mamataz Gomango | ABEO | Nandapur | Assigned with charges of ABEO-cum-BRCC |
| 02 | Sri K. Gopal | L-III, HM | Jeypore | Assigned with charges of ABEO-cum-BRCC I/C |

Further, consequent upon assigning of charges of ABEO-cum-BRCC to Smt Mamataz Gomango in Nandapur block, Sri Gurunath Majhi, is hereby reverted back to his parent post as ABEO of that block with immediate effect.

By the Order of Collector-cum-Chairman,
DEO-cum-DPC,
Samagra Shiksha, Koraput

Memo No. 2484 /Ped./25 Date. 18/08/2025
Copy to person concerned through the Block Education Officer, Nandapur and Jeypore for information and necessary action.

DEO-cum-DPC,
Samagra Shiksha, Koraput

Memo No. 2485 /Ped./25 Date. 18/08/2025
Copy to the Block Education Officer, Nandapur and Jeypore for information and necessary action. They are requested to ensure taking over and handing over the charges of BRCC immediately and report compliance to this office.

DEO-cum-DPC,
Samagra Shiksha, Koraput

ଜିଲା ଶିକ୍ଷାଧିକାରୀଙ୍କ ପତ୍ର।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ବିଜାପଦର ଗ୍ରାମବାସୀ

### ମନ୍ଦିର ଜମି ଅନ୍ୟ ଜଣଙ୍କ ନାଁରେ ରେକର୍ଡଭୁକ୍ତ

ମାଲକାନଗିରି,୧୯।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ୍ ପାଣ୍ଡ୍ରିପାଣି ପଞ୍ଚାୟତ ଅନ୍ତର୍ଗତ ବିଜାପଦର ଗ୍ରାମବାସୀ ମନ୍ଦିର ଜମି ଅନ୍ୟ ଜଣକ ନାଁରେ ରେକର୍ଡଭୁକ୍ତ ହୋଇଥିବା ନେଇ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

ଏଥିରେ ଉଲ୍ଲେଖ ରହିଛି, ଆଜକୁ ପ୍ରାୟ ୧୦୦ ବର୍ଷ ପୂର୍ବେ ବିଜାପଦର ଗ୍ରାମର ଗୋଟିଏ ସ୍ଥାନରେ ଗଛ ତଳେ ପଥରମୂର୍ତ୍ତି ରଖି ପୂଜାର୍ଚ୍ଚନା ଆସୁଥିଲେ। ତେବେ ଉକ୍ତ ସ୍ଥାନରେ ବର୍ତ୍ତମାନ ପୂଜା ପୂଜାର୍ଚ୍ଚନା ଚାଲିଥିବା ବେଳେ ପୂର୍ବ ସରକାରଙ୍କ ପକ୍ଷରୁ ଏଠାରେ ମନ୍ଦିର ନିର୍ମାଣ କରିବା ନିମନ୍ତେ ୭ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ତେବେ ଏଠାରେ ମନ୍ଦିର ନିର୍ମାଣ କରିବା ଲାଗି ତହସିଲଦାରଙ୍କ ସହ ଜମି ଚିହ୍ନଟ କରିବାକୁ ଆବେଦନ କରିଥିଲୁ । ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ଆଦେଶ ଦେଲାପରେ ଜମି ନିକଟକୁ ଆସି ନକ୍ସା ଦେଖିଲା ପରେ ଏହି ଜମିର ପ୍ରାୟ ୩ ଏକର ୨୦ ସେଣ୍ଟ ଖାତା ନଂ. ୫୪, ପ୍ଲଟ୍ ନଂ. ୫୫୭ ରକବା ହେକ୍ଟର ୧.୩୦୦ ଆର୍ ଜମି ମଦନ ଖରା, ସୁନ୍ଦର ଖରା ଓ ସଇତା ଖରାଙ୍କ ନାମରେ ରେକର୍ଡଭୁକ୍ତ ହୋଇଛି। ଏଥିପୂର୍ବେ ସରକାରଙ୍କ ଅଧୀନରେ ଖାତା ନଂ. ୪୧ ମୌଜା ବିଜାପଦରରେ ଅନ୍ତର୍ଭୁକ୍ତ ହୋଇଥିଲା । ସରକାରଙ୍କ ଅଧୀନରେ ଥିବା ଏହି ଜମିକୁ ମନ୍ଦିର ନିର୍ମାଣାର୍ଥେ ଚିହ୍ନଟକରିବା ସହ ମନ୍ଦିର ନାମରେ ପଟ୍ଟା ପରିବର୍ତ୍ତନ କରାଇବାରେ ପଦକ୍ଷେପ ନେବା ଲାଗି ଜିଲାପାଳଙ୍କୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଜାପଦର ଗ୍ରାମର ଲବ ଦୁରା, ପୀତାମ୍ବର ଗୋଟେ, କୃଷ୍ଣ ଦୋରା, ମଙ୍ଗଳା ଗୋଟେ, ଖଗପତି ହରିଜନ, ତ୍ରିନାଥ ଗୋଟେ, ସଙ୍କର ଦୋରା ଓ ଲଛୁମୁ ଦୋରାଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।


ଦାବିପତ୍ର ଦେବାକୁ ଆସିଥିବା ବିଜାପଦର ଗ୍ରାମବାସୀ ।

## ଚୋରି ମାମଲାରେ ୨ ଗିରଫ



ଜୟପୁର,୧୯।୮(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ଏକ ଚୋରି ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହାଟପଦାର ରିଙ୍କୁ ବେନିୟା(୨୩) ଓ ବାବୁ ସୁନିରି କୋଲନି ମୁନିଗୁଡା ସୁଶାନ୍ତ ପଦ୍ମପାନ(୨୮)। ସୂଚନା ଅନୁଯାୟୀ, ଜୟପୁର ପାୱାର ହାଉସ ଅଞ୍ଚଳର ବାବୁଜି ପଟ୍ଟନାୟକ ହାଇଦ୍ରାବାଦ ଝିଅ ଘରକୁ ଯାଇଥିବା ବେଳେ ତାଙ୍କ ଘରେ ଚୋରି ହୋଇଥିବା ନେଇ ପଡ଼ୋଶୀ ତାଙ୍କୁ ଜଣାଇଥିଲେ। ଏ ନେଇ ଅଗଷ୍ଟ ୨ରେ ଟାଉନ ଥାନାରେ ସେ ଲିଖିତ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜ ଆଧାରରେ ରିଙ୍କୁ ଓ ତାଙ୍କ ସହଯୋଗୀ ସୁଶାନ୍ତ ଚୋରି କରିଥିବା ଜଣାପଡ଼ିଥିଲା। ଏ ନେଇ ପୋଲିସ ୨୮୫/୨୫ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ସୁନା ବିସ୍କୁଟ, କାନଫୁଲ, ୨ରୁପା ଦୀପ ଷ୍ଟାଣ୍ଡ, ୨ ରୁପା ପ୍ଲେଟ୍, ଡାଳ, ୨୦ ହଜାର ଟଙ୍କା, ବାଇକ୍, କାର ଓ ୨ ଲୁହା ରଡ୍ ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ଦଶନ୍ତପୁରର ବଦଳିକୁଡୁମାରେ ଚୋରି କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ କାରରେ ବ୍ୟବହାର କରି ଚୋରି କରୁଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କୁ ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

## ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର,୧୯।୮(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ୨ ଅଭିଯୁକ୍ତ ହେଲେ ସାନଜିଉନା ଗ୍ରାମର ଭଗବତୀ ନାୟକ(୫୨) ଓ ରାଣିପୁଟର ତ୍ରିନାଥ ମୁଦୁଲି(୫୫)। ସାନଜିଉନା ଓ ରାଣିପୁଟ ଗାଁ ରାସ୍ତାରେ ଚଢ଼ାଉ କରି ୧୭ ଲିଟର ଦେଶୀ ମଦ ଜବତ କରାଯାଇଛି। ୨ ଅଭିଯୁକ୍ତଙ୍କୁ ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ ସୂଚନା ଦେଇଛନ୍ତି।

# ରାଗିଂ ବିରୋଧରେ ସଚେତନତା ସୃଷ୍ଟି ଲକ୍ଷ୍ୟ



କାର୍ଯ୍ୟକ୍ରମରେ ସିୟୁଓର ଭାରପ୍ରାପ୍ତ କୁଳପତି ଏନ୍.ସି. ପଣ୍ଡା, ଅତିରିକ୍ତ ଏସ୍‌ପି ମନୋବ୍ରତା ଶତପଥୀ, ଓ ଅନ୍ୟମାନେ।

### ସିୟୁଓରେ ଆଣ୍ଟି ରାଗିଂ ସପ୍ତାହ

କୋରାପୁଟ,୧୯।୮(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏକ ସପ୍ତାହ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ସହ ଆଣ୍ଟି ରାଗିଂ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରାଗିଂ ବିରୋଧରେ ବିଶ୍ୱବିଦ୍ୟାଳୟ ପରିସରରେ ସଚେତନତା ସୃଷ୍ଟି କରିବା ଓ ଏକ ସୁରକ୍ଷିତ, ସମାବେଶୀ ଶିକ୍ଷାନୁକୂଳ ପରିବେଶ ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ।

ଏହି ଅବସରରେ କୋରାପୁଟ ଜିଲା ପୋଲିସ ଦ୍ୱାରା ଅପରେଶନ ଦୁର୍ଗା: ନାରୀ ସୁରକ୍ଷା ନାମକ ଏକ ବିଶେଷ ସଚେତନତା ଅଭିଯାନ ଆରମ୍ଭ କରାଯାଇଥିଲା। ନାରୀ ଓ ଶିଶୁମାନେ ସାଧାରଣ ସ୍ଥାନରେ ସୁରକ୍ଷିତ ଅନୁଭବ କରିବାକୁ ପୋଲିସ ଓ ଲୋକଙ୍କ ମଧ୍ୟରେ ଏକ ସକ୍ରିୟ କାର୍ଯ୍ୟକ୍ରମ କରିବା ଏହି ରାଷ୍ଟ୍ରୀୟ ପଦକ୍ଷେପର ଉଦ୍ଦେଶ୍ୟ। ଭାରପ୍ରାପ୍ତ କୁଳପତି ପ୍ରଫେସର୍ ଏନ୍.ସି. ପଣ୍ଡା ଅଧ୍ୟକ୍ଷତାରେ କୋରାପୁଟ ଅତିରିକ୍ତ ପୋଲିସ ଅଧିକ୍ଷକ ମନୋବ୍ରତା ଶତପଥୀ, ପ୍ରଫେସର୍ ରଥୀକାନ୍ତ କୁମାର(ଅର୍ଥନୀତି ବିଭାଗ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟ ଆଣ୍ଟି ରାଗିଂ କମିଟି ଅଧ୍ୟକ୍ଷ), ମହିଳା କାଉନ୍‌ସିଲର ରତ୍ନପର୍ଣ୍ଣା ରାୟ ଓ ସୁନାବେଡ଼ା ଥାନା ଆଇଆଇସି ସୁସମା କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ଶାସ୍ତ୍ର ବିଭାଗର ସହଯୋଗୀ ପ୍ରଫେସର ଡା.ଦୀପ୍ତି ଶଙ୍କର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ପଣ୍ଡା ରାଗିଂର ଗଭୀର ମାନସିକ ଓ ଶାରୀରିକ ପ୍ରଭାବ ନେଇ ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ର ଏଭଳି ଘଟଣା ଦେଖିଲେ ପ୍ରକ୍ରିୟା ଅନୁସରଣ କରି ଅଭିଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଡା. ସୌରଭ ଗୁପ୍ତା, ପ୍ରଫେସର୍ ଭରତ କୁମାର ପଣ୍ଡା, ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡା. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମହତ୍ୟାରୁ ଦୂରେଇ ରହିବାକୁ ପରାମର୍ଶ

ସୁନାବେଡ଼ା/ସେମିଳିଗୁଡ଼ା, ୧୯।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ଡେମୋନଷ୍ଟ୍ରେଟର ଡ଼.ସୁକାନ୍ତ କୁମାର ପ୍ରଧାନ ଯୁବବର୍ଗଙ୍କୁ ଆତ୍ମହତ୍ୟାଠାରୁ ଦୂରେଇ ରହିବାକୁ ସଚେତନ ଅଣ୍ଟା ଭିଡ଼ିଛନ୍ତି। ଏକାଧିକ ସ୍ଥାନରେ ଯୁବତୀ ଓ ଯୁବକଙ୍କୁ ନେଇ କର୍ମଶାଳା ଆୟୋଜନ କରି ଏହି ଚରମ ନିଷ୍ପତ୍ତିଠାରୁ ଦୂରେଇ ରହିବାକୁ ପ୍ରବର୍ତ୍ତାଇଛନ୍ତି। ସମସ୍ୟାକୁ ଦୃଢ଼ତାର ସହ ମୁକାବିଲା କରିପାରିବା ନେଇ ପ୍ରଶିକ୍ଷଣ ଦେଉଛନ୍ତି। ଆତ୍ମହତ୍ୟା ହେଉଛି ଏକ ହୀନ ମାନସିକ। ବିପଦକୁ ସାମ୍ନା କରିବା କ୍ଷମତା ନ ଥିବା ଲୋକେ ଏଭଳି ନିଷ୍ପତ୍ତି ନେଉଥିବା ଡ. ପ୍ରଧାନ କହିଛନ୍ତି। ସମାଜରୁ ଏହାକୁ ଦୂର କରିବାକୁ ସମସ୍ତେ ପ୍ରୟାସ କରିବା ଆବଶ୍ୟକ ଓ ସରକାର ଏଥିପ୍ରତି ଯତ୍ନବାନ ହେବା ଦରକାର ବୋଲି କହିଛନ୍ତି। କିଛି ସାମାଜିକ ଗଣମାଧ୍ୟମ ଅନେକଗୁଡ଼ିଏ ନିରୀହ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା କହିଛନ୍ତି। ଏହାକୁ ମନୋବିଜ୍ଞାନ ଭାଷାରେ କପି କ୍ୟାଟ୍ ସୁଇସାଇଡ କୁହାଯାଏ। ଛାତ୍ରୀଛାତ୍ର ଅନୁକରଣ କରିଥାନ୍ତି ଓ ଆତ୍ମହତ୍ୟା ଭଳି ଜଘନ୍ୟ ଅପରାଧ କରିବାକୁ ବାଧ୍ୟ ହେଇଥାନ୍ତି। ଗଣମାଧ୍ୟମ ପରୋକ୍ଷରେ ଅସୁରକ୍ଷିତ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ। ସାମାଜିକ ଗଣମାଧ୍ୟମ ଅଧିକ ଆତ୍ମହତ୍ୟା ଜନିତ ଘଟଣାଗୁଡ଼ିକର ପ୍ରଚାର ପ୍ରସାର କରୁଥିବାରୁ ଛାତ୍ରୀଛାତ୍ରଙ୍କ ମସ୍ତିଷ୍କ ଉପରେ ଏହାର ପ୍ରଭାବ ପଡ଼ିଥାଏ। ଏହା ପଛରେ ନ୍ୟୁରୋ ସାଇନ୍ସ କାମ କରିଥାଏ ବୋଲି କହିଛନ୍ତି। ଆତ୍ମହତ୍ୟା ଜନିତ ଖବରଗୁଡ଼ିକୁ ବିଶଦ ଭାବେ ବର୍ଣ୍ଣନା ନ କରି ସଂକ୍ଷେପରେ ଜଣାଇବାକୁ ଓ ଏହାର ନିରାକରଣ ନେଇ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି।

# ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ଧର୍ମ ରକ୍ଷା ଦିବସ


ବୈଠକରେ ଧର୍ମ ଜାଗରଣ ମଞ୍ଚ କର୍ମକର୍ତ୍ତା ।

ମାଲକାନଗିରି,୧୯।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଯୋଗ ସଭାଗୃହରେ ଧର୍ମ ଜାଗରଣ ସମନ୍ୱୟ ତରଫରୁ ଧର୍ମ ରକ୍ଷା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଜିଲା ସମ୍ପାଦକ ବାଲାରାଜୁ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଓ ନବରଙ୍ଗପୁର ବିଭାଗ ଧର୍ମଜାଗରଣ ସମନ୍ୱୟ ପ୍ରମୁଖ ପ୍ରଭାତ କୁମାର ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦ ମାଲକାନଗିରି ସଭାପତି ନୀଳମଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମ, ସଂସ୍କୃତି ତଥା ଜନଜାତିଙ୍କ ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ତମ ସ୍ମୃତି ସମାରୋହକୁ ଧର୍ମରକ୍ଷା ଦିବସ ଭାବେ ପାଳନ କରାଯାଇଛି। ଅତିଥିମାନେ ଧର୍ମର ପ୍ରଚାର ଓ ଜନଜାତିଙ୍କ ସୁରକ୍ଷା ଆଦି ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ ବହୁ ଜନଜାତିଙ୍କୁ ଅନ୍ୟ ସମ୍ପ୍ରଦାୟ ବ୍ୟକ୍ତିମାନେ ଧର୍ମାନ୍ତରୀକରଣ କରିବା ସହ ସେମାନଙ୍କୁ ବିଭିନ୍ନ ଲୋଭ ଦେଖାଇ ଧର୍ମ ବଦଳାଉଛନ୍ତି। ଏହି ପନ୍ଥା ପରିବର୍ତ୍ତନ କରିବା ଦରକାର । ଜନଜାତି ଲୋକମାନେ ମଧ୍ୟ ଏଥିରେ ସଚେତନ ହେବାର ଆବଶ୍ୟକତା ରହିଛି । ତେଣୁ ଜନଜାତିମାନେ କିପରି ସଚେତନ ହେବେ ନିଜ ଧର୍ମ ଓ ପରମ୍ପରାକୁ ବଜାୟ ରଖିବେ ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।

# ଏକକ ବ୍ୟବହାର ପ୍ଲାଷ୍ଟିକ୍ ଉପରେ ସଚେତନତା

କାଳିମେଳା,୧୯।୮(ଜୀବନକୃଷ୍ଣ ଦାସ)

କାଳିମେଳା ବ୍ଲକ୍ କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସଚେତନତା ପାଇଁ ଏକ ରାଲି ସହ ବିଭନ୍ନ ନାରା ଦେଇଥିଲେ। ପରିବେଶ ଶିକ୍ଷା କେନ୍ଦ୍ର ଭୁବନେଶ୍ୱର ତରଫରୁ ଏହି ଅଭିନବ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ପରିବେଶ ମନ୍ତ୍ରଣାଳୟ ପ୍ରୋଜେକ୍ଟ ଅଫିସର ଡ.ରାଜେଶ କୁମାର ମହାନ୍ତ, ସମ୍ମାନିତ ଅତିଥି ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ସୁଶାନ୍ତ ଲେଙ୍କା, ବ୍ଲକ୍ କଲୋନି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଜେନା, ସହକାରୀ ଶିକ୍ଷକ ଧ୍ରୁବ ଚରଣ ନାୟକ, ସହକାରୀ ଶିକ୍ଷୟିତ୍ରୀ ମିନତିବାଳା ଦତ୍ତ, ମମତା ମହାପାତ୍ର, ସାବିତ୍ରୀ ଲେଙ୍କା, ରାଧାରାଣୀ ମହାପାତ୍ର ଓ ଖେଳ ଶିକ୍ଷକ ଭୀମା ପଡିଆମି ପ୍ରମୁଖ ଉପସ୍ଥିତ ଥିଲେ । ଏଥିପାଇଁ ମାଲକାନାଗିରି ଜିଲାର ୪ ବିଦ୍ୟାଳୟ ମନୋନୀତ ହୋଇଛନ୍ତି। ଉକ୍ତ ବିଦ୍ୟାଳୟଗୁଡିକ ବ୍ଲକ କଲୋନୀ ଉଚ୍ଚ ବିଦ୍ୟାଳୟ, ଯୱାନପାଲ୍ଲୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନାଗିରି ଓ ସରକାରୀ ଆଶ୍ରମ ଉଚ୍ଚ ବିଦ୍ୟାଳୟ, ପଦ୍ମଗିରି। ଏହି ବିଦ୍ୟାଳୟରେ ଏକକ ପ୍ଲାଷ୍ଟିକ ବ୍ୟବହାର ଫଳରେ ପରିବେଶ କିପରି ନଷ୍ଟ ହୋଇ ଜୀବଜଗତ ଉପରେ ତା'ର କୁପ୍ରଭାବ ପଡ଼ିବା ଦ୍ୱାରା ପ୍ରାଣୀ ଓ ଉଦ୍ଭିଦ ପ୍ରଭାବିତ ହୋଇଛନ୍ତି। ଏଥିରୁ ନିବୃତ୍ତ ରହିବା ପାଇଁ ବିଦ୍ୟାଳୟରେ ଭିଡିଓ ପ୍ରଦର୍ଶନ, ଚିତ୍ରାଙ୍କନ, ବକ୍ତୃତା, ରାଲି ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଏକକ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ।



ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ପ୍ଲାଷ୍ଟିକ୍ ବର୍ଜନ ସଚେତନତା ରାଲିରେ ଯାଉଛନ୍ତି।

# ବାଲିମେଳା ସହରରେ ଲୋକଙ୍କ କବ୍‌ଜାରେ ଡ୍ରେନ୍, ରାସ୍ତା

### ନିଷ୍କାସନ ହୋଇପାରୁନି ଆବର୍ଜନା ପାଣି

କୋରୁକୋଣ୍ଡା,୧୯।୮(ଶିବଦତ୍ତ ସାହୁ)

ବାଲିମେଳା ସହର ତଥା ଏନ୍‌ଏସିରେ ଥିବା ୧୨ ୱାର୍ଡରେ ଅଧିକାଂଶ ଡ୍ରେନ୍ ଓ ରାସ୍ତା ଲୋକଙ୍କ କବ୍‌ଜାରେ ରହିଛି। ଲୋକମାନେ ବାଲି, ଇଟା, ମେଟାଲ ଓ ଚିପ୍ସ ରାସ୍ତା ଉପରେ ଦୀର୍ଘମାସ ଧରି ଜମାକରି ରଖୁଛନ୍ତି। ଫଳରେ ଯାତାୟାତରେ ସମସ୍ୟା ହେଉଛି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି।

ଏଥିଯୋଗୁ ଡ୍ରେନ୍‌ଗୁଡ଼ିକ ଠିକ୍ ଭାବେ ସଫା ହୋଇପାରୁନାହିଁ। ବର୍ଷା ହେଲେ ଜଳ ନିଷ୍କାସନ ହୋଇପାରୁନାହିଁ। ସହରର କେତେଜଣ ବ୍ୟକ୍ତି ଡ୍ରେନ୍‌କୁ ବେଆଇନ ଭାବେ ଜବରଦଖଲକରି ଘର ବଢ଼ାଇଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଜବରଦଖଲରେ ଥିବା ଡ୍ରେନ୍‌ଗୁଡ଼ିକୁ ସଫା କରିବା ପାଇଁ କର୍ମଚାରୀମାନେ ସେଠାକୁ ଯାଉଛନ୍ତି, ହେଲେ ସେମାନେ ନ ହଟିବାରୁ ସଫା କରିବା ସମ୍ଭବ ହେଉନାହିଁ। ଫଳରେ ବର୍ଷା ହେଲେ ଜଳ ନିଷ୍କାସନ ନ ହୋଇ ମୁଖ୍ୟ ରାସ୍ତାରେ ଭାସୁଥିବା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ପୂର୍ବରୁ ଅଞ୍ଚଳବାସୀ ବହୁବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ଦୋରାଙ୍କୁ ପଚାରିବାରୁ ରାସ୍ତା ଓ ଡ୍ରେନ୍ ଅବରୋଧ କରିଥିବା ଲୋକଙ୍କୁ ଚିହ୍ନଟ କରାଯାଇଛି। ସେଗୁଡିକୁ ହଟାଇବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ସେମାନଙ୍କୁ ଅବଗତ କରାଯିବ। ଯଦି ସେମାନେ ନିଜେ ନିଜେ ଜବରଦଖଲ କରିଥିବା ସ୍ଥାନକୁ ନ ଛାଡ଼ନ୍ତି କିମ୍ବା ବାଲି, ଇଟା, ପଥର, ମେଟାଲ, ଚିପ୍ସ ନ ଉଠାନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ରାସ୍ତାକଡ଼ ଡ୍ରେନ୍ ଉପରେ ଜମାହୋଇ ରହିଥିବା ବାଲି, ଗୋଡ଼ି ଓ ମେଟାଲ ।

# ଲଗାଣ ବର୍ଷାରେ ଭାଙ୍ଗିଲା ୧୮ ଘର

ଜୟପୁର/ନନ୍ଦପୁର/ପାତ୍ରୁଆ,୧୯।୮
(ପବନ ପାଣିଗ୍ରାହୀ/କୃଷ୍ଣାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲ୍ଲା ଜୟପୁର ତହସିଲରେ ଲଘୁଚାପ ଜନିତ ବର୍ଷା ପ୍ରଭାବରେ ମଙ୍ଗଳବାର ୧୩ ଘର



ନନ୍ଦପୁରରେ ବର୍ଷା ଯୋଗୁ ଜଣଙ୍କ ଘର କାନ୍ଥ ଭାଙ୍ଗି ପଡ଼ିଛି।

ଭାଙ୍ଗିଯାଇ ଛପର ଉଡିଯାଇଥିବା ଜଣାପଡ଼ିଛି। ସୋମବାର ରାତିରେ ଜୟପୁର ତହସିଲ ଅଧୀନ କଙ୍ଗା ପଞ୍ଚାୟତ ଖୁଣ୍ଟୁଗୁଡା ଗ୍ରାମର ସୁଭଦ୍ରା ଗେଡ, ଗୁପ୍ତେଶ୍ୱରଗୁଡାର ଉର୍ମିଳା ସାନ୍ତ, ଫାଗୁଣାର ହରି ଭୂମିଆ, କଳାଗୁଡାର ଅଶ୍ୱିନୁ ପୂଜାରୀ, ଜାମୁଣ୍ଡା ପଞ୍ଚାୟତ ମାଳିକମଗୁଡା ଗ୍ରାମର ମଞ୍ଜୁଳା ହରିଜନ, ପୂଜାରୀଗୁଡାର ଦୀନବନ୍ଧୁ ଭତରା, ପୁତ୍ରାର ଧନପତି ଭତରା, ବାଲି ପୂଜାରୀପୁଟ ଗ୍ରାମର କାର୍ତ୍ତିକ ଚଲାଣ, କଳସାଭାଣ୍ଡିର ଖଗେଶ୍ୱର ବାରିକ, ଆମ୍ବାଗୁଡାର ସାମୁଏଲ ହରିଜନ,ଦଳେଇଗୁଡା ଗ୍ରାମର କୈଳାଶ ଗାଦବା, ସୋନୁ ଗାଦବା, ଧନପୁର ପଞ୍ଚାୟତର ଗୌରୀ ହରିଜନଙ୍କ ଘର ଭାଙ୍ଗିଯାଇଛି। ଅତିରିକ୍ତ ତହସିଲଦାର ଚିରଞ୍ଜନ ପଟ୍ଟନାୟକ କ୍ଷୟକ୍ଷତିର ଆକଳନ କରିବା ସହ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ପ୍ରଦାନ କରିଥିଲେ। ଏହି ସମୟରେ ତହସିଲ କାର୍ଯ୍ୟାଳୟର ସୁପର ଭାଇଜର ହରିହର ଶତପଥୀ, ଜିଲାପ କୁମାର ପ୍ରଧାନ ଓ ରାଜସ୍ୱ ନିରୀକ୍ଷକ ଦିପ୍ତିମୟ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବର୍ଷା ଯୋଗୁ ନନ୍ଦପୁର ତହସିଲ ଅନ୍ତର୍ଗତ ୩ ରାଜସ୍ୱ ମଣ୍ଡଳରେ ୫ ଘର ଭାଙ୍ଗିଥିବା ସୂଚନା ମିଳିଛି। ନନ୍ଦପୁର ତହସିଲ କାର୍ଯ୍ୟାଳୟର ସୂଚନା ମୁତାବକ ପାଡୁଆ ରାଜସ୍ୱ ମଣ୍ଡଳ ଅଧୀନ ପାଲ୍ଲାଙ୍ଗ ପଞ୍ଚାୟତର ମୁଣ୍ଡା ପମା, କୁଲାରସିଂ ପଞ୍ଚାୟତର ପର୍ଶୁରାମ ବୁରୁଡ଼ି, ଖିନ୍ଦୁଙ୍ଗ ଗ୍ରାମର ଗୋଟିଏ ଓ ନନ୍ଦପୁର ରାଜସ୍ୱ ମଣ୍ଡଳରେ ସମରା ଖରା ଓ ପ୍ରହ୍ଲାଦ ନାୟକଙ୍କ ମାଟି ଘରର କାନ୍ଥ ଭାଙ୍ଗିଛି। ସମସ୍ତ ପରିବାରଙ୍କୁ ପଲିଥିନ ରାଜସ୍ୱ ନିରୀକ୍ଷକମାନେ ପ୍ରଦାନ କରିଥିବା ତହସିଲଦାର ଦେବବ୍ରତ ମହାରଣା ସୂଚନା ଦେଇଛନ୍ତି। କ୍ଷୟକ୍ଷତି ଆକଳନ କରି ଜିଲ୍ଲା ପ୍ରଶାସନକୁ ଅବଗତ କରାଯିବ ଓ ଘରଭଙ୍ଗା ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ସାବେରୀ ନଦୀ ପୋଲ ଉପରେ ୩ ଫୁଟ୍ ପାଣି



ସୁକ୍ମା ଜିଲ୍ଲା ସାବେରୀ ନଦୀ ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି।

ମାଲକାନଗିରି,୧୯।୮ (ଦୁର୍ଯ୍ୟୋଧନ ପାତ୍ର)

**ମାଲକାନଗିରି-ଛତିଶଗଡ଼ ଯୋଗାଯୋଗ ବିଚ୍ଛିନ୍ନ**

ଗତ ୨ଦିନ ଧରି ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବ ସୀମାନ୍ତ ଛତିଶଗଡ଼ ଉପରେ ମଧ୍ୟ ପଡ଼ିଛି। ଫଳରେ ମାଲକାନଗିରିରୁ ଛତିଶଗଡ଼ ସୁକ୍ମା ଜିଲାକୁ ଯିବା ରାସ୍ତାରେ ପଡୁଥିବା ସାବେରୀ ନଦୀ ପୋଲ ଉପରେ ୩ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରିରୁ ଛତିଶଗଡ ସୁକ୍ମା ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହା ପ୍ରଭାବରେ ସାବେରୀ ନଦୀର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଛି। ଏଥିଯୋଗୁ ଯାତ୍ରୀବାହୀ ବସ୍‌ଗୁଡିକ ଚଳାଚଳ ମଧ୍ୟ ଠପ୍ ହୋଇଯାଇଛି। ମାଲକାନଗିରିରୁ ଜଗଦଲପୁର, ରାୟପୁର, ହାଇଦ୍ରାବାଦ ଆଦି ଅଞ୍ଚଳକୁ ବହୁ ବସ୍ ଚଳାଚଳ କରୁଥିବା ବେଳେ ମଙ୍ଗଳବାର ବନ୍ଦ ହୋଇଯାଇଛି।

# ଖବରଦାତା ସମ୍ମିଳନୀରେ ତଦନ୍ତ, କାର୍ଯ୍ୟାନୁଷ୍ଠାନ ଦାବି

ଜୟପୁର,୧୯।୮(ପବନ ପାଣିଗ୍ରାହୀ)

ଓଡ଼ିଶା ଅମଲା ସଂଘର ବେଆଇନ ଭାବେ ବ୍ୟାନର ବ୍ୟବହାର କରାଯାଉଥିବା ସଂଘ ଅଭିଯୋଗ ଆଣିଛି। ଏଥିସହ ରାଜ୍ୟରେ ଚାଲିଥିବା ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓଡ଼ିଶା ଅମଲା ସଂଘ ସମର୍ଥନ କରୁଥିବା ନେଇ ପ୍ରଚାରପ୍ରସାର କରାଯାଉଛି ତାହାକୁ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଓଡ଼ିଶା ଅମଲା ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏପରି କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ଜିଲ୍ଲା ଶାଖା ସମ୍ପାଦକ ଶଶିଭୂଷଣ ଦାଶ ସୂଚନା ଦେଇଛନ୍ତି, ବିଭିନ ଦାବି ନେଇ ରାଜ୍ୟ ରାଜସ୍ୱ ଅମଲା ସଂଘ ପକ୍ଷରୁ ଅଗଷ୍ଟ ୧୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଏଥିରେ ଓଡ଼ିଶା ଅମଲା ସଂଘ ସାମିଲ ହୋଇ ନ ଥିବା ଏବଂ ବିରୋଧ କରୁଥିବା ନେଇ ପୂର୍ବରୁ ସୂଚନା ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ କିଛି କୁଚକ୍ରାନ୍ତକାରୀ ଓଡ଼ିଶା ଅମଲା ସଂଘର ବ୍ୟାନରକୁ ବ୍ୟବହାର, ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ କରିବା ସହ ସାମିଲ ହୋଇଥିବା ନେଇ ସୂଚନା ଦେଉଛନ୍ତି। ଏ ନେଇ ଓଡ଼ିଶା ଅମଲା ସଂଘର ରାଜ୍ୟ ସମ୍ପାଦକ କୋରାପୁଟ ଜିଲ୍ଲାପାଳଙ୍କୁ ଅବଗତ କରିବା ସହ ଯେଉଁମାନେ ଏଭଳି କୁଚକ୍ରାନ୍ତରେ ସାମିଲ ହୋଇଛନ୍ତି ସେମାନଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ରବିବାର ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଉପଦେଷ୍ଟା କୈଳାସ ସାମନ୍ତରାୟ, ବରିଷ୍ଠ ସଦସ୍ୟ ଜଗନାଥ ଦାଶ, ଓ୍ୱାର. ଶ୍ରୀନିବାସ ରାଓଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟକାରୀ ଯନ୍ତ୍ରୀ/ସି/ଇ-ଟେଣ୍ଡର ... ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ... ୱେବସାଇଟ http://www.ireps.gov.in ... (PR-535)

**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**

4th CORRIGENDUM

TENDER REFERENCE No.- RCD/DUMKA/975

PR 354584 Road(25-26):D, PR 355582 Road (25-26)_D, PR 358355 Road (25-26)D and PR 359406 Road (25-26)_D

NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73

CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 04.10.2025 Up to 12.00 Noon in place of 23.09.2025 Up to 12.00 Noon. |
| 5 | Date of Publication of Tender on website | 30.08.2025 at 10.30 A.M in place of 19.08.2025 at 10.30 A.M |
| 6 | Pre Bid Meeting | 08.09.2025 at 10.30 A.M in place of 25.08.2025 at 10.30 A.M |

Other terms and conditions shall remain unchanged.

Executive Engineer
Road Construction Department, Road Division, Dumka

PR 359797 Road(25-26).D

**Government of Odisha "e" Procurement Notice**

No.3760, Dated 12.8.25
e-mail ID: rw_sambalpur@yahoo.co.in,
Phone No.0663-2401850
No.O-608
Bid Identification No.TENDER ONLINE SBPR-02 OF 25-26

1. Name of the Work : Building Works as per DTCN available in the website www.tendersodisha.gov.in
2. Total No. of Work : 1 No. (One) No.
3. Estimated Cost : Varies from Rs.31.08 Lakhs
4. Period of Completion : 06 (Six) Calendar Months
5. Period and time of availability of bid document in the portal for bidding : 25.08.2025 at 11.00 AM to 08.09.2025 upto 5.00 P.M.
6. Date and Time of Opening of Tender : 09.09.2025 at 11.00 AM
7. Name and address of the Officer Inviting Bid : S.E.R.W. Divn., Sambalpur

(1) Other details can be seen from detailed notice inviting tenders, available in website www.tendersodishagov.in
(2) Corrigendum if any shall only be published in the website www.tenderodisha.gov.in.

Sd./- Executive Engineer
OIPR-25076/11/0027/2526 Rural Works Division, Sambalpur

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–आलम मोहम्मद, उम्र करीब–30 वर्ष, रंग–गोरा, ऊँचाई–05 फीट 5 ईंच, पहनावा–सादा चेक कमीज एवं कथा रंग का ट्राउजर पहने हुए है।

उपरोक्त लापता व्यक्ति आलम मोहम्मद, उम्र–30 वर्ष, पिता–हिकायत मियाँ, सा0–पोखर टोली, थाना–एयर पोर्ट, जिला–राँची जो दिनांक–11.07.2025 को अपने घर से बगैर बताए कहीं चली गई जो आजतक अपने घर वापस नहीं आई है। जिसके संबंध में एयर पोर्ट थाना सनहा संख्या–14 / 2025, दिनांक–24.07.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती / दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, हटिया, राँची। – 9431706143
थाना प्रभारी एयर पोर्ट, राँची। – 8987790623

पुलिस उप–महानिरीक्षक–सह–वरीय पुलिस अधीक्षक, राँची।
PR.NO.359819 Police(25-26):D

**SAMBALPUR DISTRICT CO-OPERATIVE CENTRAL BANK LTD.**

HEAD OFFICE : BARGARH-768028
Phone : (06646) 233157/232634, Fax : (06646) 232696
Email : headoffice@sambalpurdccbl.com
Ref. No.__/TCN/CB/Estt./2025-26 Date :______

Tender Call Notice

Notice for inviting tender of contract for providing services of Armed Guards, Drivers and Support Staffs to S.D.C.C. Bank Ltd. Bargarh.

Sealed tenders are invited under two bid system from manpower providing agencies / service providers registered under Partnership / Companies Act to provide services of Support Staff, Armed Guards and Drivers for their deployment in Head office and different Branches of the Bank on outsourced basis from September 2025 for a period of one year or till regular recruitment is made in Drivers and Support Staff grade in the Bank, whichever comes earlier. The detailed information for outsourcing the service of the aforesaid personnel has been given in the tender documents, which may be obtained in person from the Premises Officer of the Bank at our Head Office on production of a D.D. of Rs.5,000/- (Rupees Five thousand) (non-refundable) in favour of "Sambalpur DCCB Ltd., Bargarh" drawn on any Commercial Bank on any working day between 11.00 AM to 4.00 PM. The Tender documents should be submitted to the Manager, Establishment Section, Head Office, through Speed Post only. The last date and time for submission of Tender documents is 30.08.2025 by 2.00 PM. The documents submitted through any other mode shall not be accepted and documents received after the scheduled date and time shall not be entertained.

The undersigned reserves the right to accept or reject any or all quotations without assigning any reason thereof.
For more details please visit our website: https//sambalpurdccb.com
E-mail: headoffice@sambalpurdccb.com

Sd./- Chief Executive Officer

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR**

No.A-524
Email Address:cemech.eicwr.od@gmail.com
e-Procurement Notice - Bid Identification No.CEM/MDS-07/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/MSME for Irrigation Shutters/Hydro mechanical gates.
4. Bid Identification No. : CEM/MDS-07/2025-26
5. Estimated Cost : Rs.40,89,299.00
6. Period of Completion : 3 (Three) Calendar Months
7. Date & Time of availability of bid documents in the portal : From dt.25.08.2025 (10.00 AM) to dt.08.09.2025 (5.30 PM)
8. Last date/time for receipt of bid in the portal : dt.08.09.2025 (upto 5.30 PM)
9. Date and Place of Opening of Technical Bid : dt.09.09.2025 (12.00 Noon onwards in the O/o the undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o the E.I.C.,Water Resources, Odisha Bhubaneswar.

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief,
OIPR-32520/11/0065/2526 Secha Sadan, Bhubaneswar

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS ELECTRICAL CIRCLE, BHUBANESWAR**

E-Mail: serw.elect@yahoo.in
No.O-602 No.525, Dt.16.8.2025
e-Procurement Notice No.SERWELBBSR-01/2025-26

| | | |
|---|---|---|
| 1 | Name of the Work | SHIFTING AND CONSTRUCTION OF 3Ph 3W 11KV LINE AND 3Ph 4W LT LINE FOR IMPROVEMENT TO KANKADAHADA (PWD) ROAD TO BANKUAL MAJHISAHI ROAD UNDER MMSY UNDER RWES DHENKANAL |
| 2 | Estimated Cost | 50.332 Lakhs (Excluding GST) |
| 3 | Period of Completion | 120 Days |
| 4 | Bid Identification No. | SERWELBBSR-01/2025-26 |
| 5 | Date and time of availability of bid documents in the portal | From Dt.25.08.2025 at 12.30 PM to Dt.09.09.2025 upto 5.00 PM |
| 6 | Date & Time of opening of Tender | Dt.10.09.2025 at 11.30 AM |
| 7 | Date & Time of opening of Financial bid | To be intimated later on |
| 8 | Procurement officer/ Name and address of the Officer Inviting Bids | Superintending Engineer, R.W. Elect. Circle, BBSR, MI Colony, Unit-9 (Fiat), BBSR-22 |

Further detail can be seen from the Govt. Website www.tenderorissa.gov.in
Sd./- Superintending Engineer
OIPR-25192/11/0002/2526 Rural Works Electrical Circle, Bhubaneswar

See Career Appointment on every Wednesday & Saturday

**INVITATION FOR BIDS (IFB)**
**BID IDENTIFICATION NO.02/2025-26**

No.-280: Block Development Officer, Tihidi, Bhadrak on behalf of the Panchayat Samiti, Tihidi invites Bids in single sealed cover system to be eventually drawn up in PWD form P1 for the works as detailed in the table below from eligible contractors ... Further details ... Tender Documents ...

| Sl. No. | Name of the Work | Amount put to Tender (Rs.) | EMD (Rs.) | Time for Completion | Class of Contractor | Cost of Documents (Rs.) |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1 | CONSTRUCTION OF NON-RESIDENTIAL BUILDING (1st FLOOR) AT BLOCK HEAD QUARTERS, TIHIDI | Rs.22,13,417 | Rs.22,134 | 06 Calendar Months | B & C | Rs.6,000 |
| 2 | CONSTRUCTION OF JUBILEE HALL CUM CLASS ROOM EXAMINATION HALL SCIENCE LABORATORY (1st FLOOR) AT R.N. HIGH SCHOOL, DOLASAHI | Rs.12,27,540 | Rs.12,275 | 06 Calendar Months | C & D | Rs.6,000 |
| 3 | CONSTRUCTION OF TOILET AND BOUNDARY WALL OF AWC ATTACHED TO GOPAMAHALIK SAHI PRY. SCHOOL | Rs.9,48,749 | Rs.9,487 | 06 Calendar Months | C & D | Rs.4,000 |

OIPR-19115/11/0003/2526 Sd./- Block Development Officer, Tihidi

**Govt. of Jharkhand**
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

e-Procurement Very Short Notice
e-Tender Reference No.-RCD/FSD/AP/RAN/09/25-26 Dated 18.08.2025

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report for Widening and Strengthening/Reconstruction of 1) Kajra more (PWD road) to Pabiya (A.D.B road) via Mohanpur, Bena, Kashitand Road 2) Asanhariya (PWD road) to Basti Palajori (A.D.B road) via Laibani, Nawakol Road. 3) Karmatand bazar bypass Road including replacement of culverts and bridges, proposal of new culverts and bridges etc., complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Jamtara District in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 35 Km |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | Cost of Tender Document - Rs 5,000/- (Rupees Five Thousand) (Non-Refundable) through online mode only. EMD :- Rs 70,000/- (Rupees Seventy Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 21.08.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 28.08.2025, 12.30 PM |
| 7- | Date and Timing of Bid opening | 29.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

Executive Engineer
Field Survey Division, A.P
PR 359851 Road (25-26)_D Road Construction Department, Ranchi

**GOVERNMENT OF ODISHA** No.O-601
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE,SUNDARGARH**

AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com
No.Tender Online-RWCCESNG-10 of 2025-26, Letter No.1995/ Dtd.14.08.2025
e-Procurement Notice

1. Type of the Work: Bridge Work. 2. Class of Contractor: As specified in the column-7 of the Annexure. 3. Time of Completion: As specified in the column-6 of the Annexure. 4. Detail Project: As per Annexure attached. 5. Estimated Cost: As specified in the column-5 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of seeking tender clarification | Date & Time of Opening of tender: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-10 of 2025-26 | 25.08.2025 11.00 AM | 09.09.2025 5.00 PM | 08.09.2025 5.00 PM | 10.09.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in
Sd./- Chief Construction Engineer
OIPR-25133/11/0062/2526 Rural Works Circle, Sundargarh

**GOVERNMENT OF ODISHA** No.C-911
**OFFICE OF THE ENGINEER-IN-CHIEF, PUBLIC HEALTH, ODISHA, BHUBANESWAR**

NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB) Dtd.12.08.2025

| Sl. No. | Name of Work | Bid Identification No. | Estimated Cost (Rs.in Lakh) | Class of Contractor | Period of Completion | Availability of Bid document for Online Bidding From | To |
|---|---|---|---|---|---|---|---|
| 1 | Improvement of Water Supply to Paradeep Municipality under BASUDHA | EICPH-02/2025-26 | 1408.05 | 'A' Class & Special Class | 18 (Eighteen) Months | 11.00 Hrs. of 22.08.2025 | 17.00 Hrs. of 12.09.2025 |

Name & Address of Officer Inviting Bid : The Engineer-In-Chief (PH), Office of the Engineer-in-Chief, PH, 1st Floor, Unnati Bhawan, Satyanagar, Bhubaneswar,Odisha-751007 Phone:#91-674-2575309, e-mail: eicphodisha@gmail.com

❖ Further details can be seen from the e-procurement portal "https://www.tendersodisha.gov.in"
❖ All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.

Sd./- ENGINEER-IN-CHIEF (PH)
OIPR-10243/11/0002/2526

**E-Procurement cell**
**Office of the Executive Officer**
**Nagar Panchayat Mahagama, Jharkhand,Urban Development & Housing Department**

8th Call
e-procurement Notice
Very short E-Tender notice
NIT No. – RE-UDD/NPM/05/2024-25, Date:-19-08-2025

| Sl. No | E-TENDER REF NO. | NAME OF WORK | TENDER VALUE | TIME OF COMPLETION | EARNEST MONEY DEPOSIT | BID DOCUMENT FEES |
|---|---|---|---|---|---|---|
| 1 | UDD/NPM/05/2024-25 | Construction & Commissioning of Faecal Sludge Treatment Plant of Capacity 4 KLD at Mahagama town (Jharkhand) followed by Operation and Maintenance including desludging operations for 5 years | Construction Cost: ₹ 1,95,75,938.00 Operation & Maintenance Cost: ₹ 85,75,397.00 Total: ₹ 2,81,51,335.00 | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP s | ₹ 2,81,500 | ₹ 10,000/- (Rupees Ten Thousand Only); non-refundable |
| 2 | Date of Publication of tender on website | | | 25-08-2025 | | |
| 3 | Closing date and time for receipt of tender on website | | | 06-09-2025 Up to 03:00 PM | | |
| 4 | Opening date and time of opening of technical bid | | | 08-09-2025 Up to Up to 05:00 PM | | |
| 5 | Name and address of office inviting tender | | | Office of Executive Officer, Nagar Panchayat Mahagama. | | |
| 6 | Helpline number of e-procurement cell | | | +91 9891351803 | | |

NOTE: AUTHORITY RESERVES THE RIGHT TO CANCEL TENDER WITHOUT ASSIGNING ANY REASON THEREOF. FURTHER DETAILS CAN BE SEEN ON WEBSITE http://jharkhand tenders.gov.in

Executive Officer
PR 359829 Urban Development(25-26).D Nagar Panchayat Mahagama

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**

E-Mail ID: serw_balasore@yahoo.in, Ph.No.-06782/260318, Balia, Balasore
"e" Procurement Notice for Bridge Work
Identification No.Online Tender- Bridge NCB No. 24 of 2025-26
Letter No. 2893/ WE Date:16.08.2025

No.O-609: 1. Name of the Work: Bridge Works. 2. Total No. of Work: As per annexure. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No | Availability of Tender online for bidding From | To | Last Date & Time of seeking tender Clarification | Date & Time of Opening of Tender in O/o C.C.E.R.W. Circle, Balasore: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No-24 of 2025-26 | 25.08.2025 at 11.00 AM | 09.09.2025 Upto 5.00 P.M. | 08.09.2025 upto 5.00 P.M. | 10.09.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in

Sd./- Er. Durjyodhan Behera
OIPR-25105/11/0072/2526 Chief Construction Engineer, R.W. Circle, Balasore

## ସଂକ୍ଷେପରେ

## ନାବାଳିକାଙ୍କ ବିବାହର ବୈଧତାକୁ ଚ୍ୟାଲେଞ୍ଜ

### ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୧୯।୮

ମୁସଲମାନ ଯୁବତୀଙ୍କ ବିବାହର ସର୍ବନିମ୍ନ ବୟସ ପ୍ରସଙ୍ଗରେ ଜାତୀୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଦାଖଲ କରିଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଜଣେ ୨୧ ବର୍ଷୀୟ ମୁସଲମାନ ଯୁବକ ଜଣେ ୧୬ ବର୍ଷୀୟା ବାଳିକାଙ୍କୁ ପ୍ରେମ ବିବାହ କରିଥିବାବେଳେ ମୁସ୍‌ଲିମ୍ ପର୍ସନାଲ ଲ'ର ବ୍ୟବସ୍ଥା ଅନୁଯାୟୀ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏହାକୁ ବୈଧ ଘୋଷଣା କରିଥିଲେ। ବାଳିକା କୁମାରିତ୍ୱ ପ୍ରାପ୍ତହେଲେ କିମ୍ବା ଅନ୍ୟୁନ ୧୫ ବର୍ଷ ବୟସର ହେଲେ ମୁସ୍‌ଲିମ୍ ଆଇନ ଅନୁଯାୟୀ ତାଙ୍କ ବିବାହ ବୈଧ ହୋଇପାରିବ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟକୁ ଏନ୍‌ସିପିସିଆର୍ ଏବଂ ଜାତୀୟ ମହିଳା କମିଶନ ଚ୍ୟାଲେଞ୍ଜ କରିଥିଲେ। ଉଭୟ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। କମିଶନ ମାମଲାର ପକ୍ଷ ଥାଇ ପିଟିଶନ ଦାଖଲ କରିବାକୁ ନେଇ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ଉଭୟଙ୍କ ସହମତିରେ ବିବାହ କରିଛନ୍ତି। ସମାଜର ବାସ୍ତବତାକୁ ଆମକୁ ଧାନରେ ରଖିବାକୁ ହେବ। ଏବେ ପୁଅଝିଅ ଏକାଠି ପାଠ ପଢୁଛନ୍ତି। ପ୍ରତ୍ୟେକଙ୍କର ଶିକ୍ଷାଗ୍ରହଣ ଅଧିକାର ରହିଛି। ଏବେ ସେମାନେ ପରସ୍ପର ପାଇଁ ଭାବନା ବିକଶିତ କରୁଛନ୍ତି। ପ୍ରେମ କରିବାକୁ ଅପରାଧ କୁହାଯାଇପାରିବ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଯଦି ହାଇକୋର୍ଟ ପିଲାଙ୍କୁ ସୁରକ୍ଷା ଦିଅନ୍ତି, ତେବେ ଏହାର ରାୟକୁ ଏନ୍‌ସିପିସିଆର୍ କିପରି ଚ୍ୟାଲେଞ୍ଜ କରିବ ବୋଲି ଜଷ୍ଟିସ୍ ନାଗରତ୍ନା କହିଥିଲେ।

## ବ୍ରିଟେନରେ ୨ ଶିଖ୍‌ଙ୍କୁ ଆକ୍ରମଣ

ଲଣ୍ଡନ, ୧୯।୮

ବ୍ରିଟେନ୍‌ରେ ଗତ ୧୫ ତାରିଖରେ ୨ ଜଣ ବୟସ୍କ ଶିଖ୍ ବ୍ୟକ୍ତିଙ୍କୁ ୩ ଜଣ କିଶୋର ଆକ୍ରମଣ କରିଛନ୍ତି। ୱେଲ୍‌ଭହାମ୍ପଟନ ରେଲୱେ ଷ୍ଟେଶନ ବାହାରେ ୩ ଜଣ ଆକ୍ରମଣକାରୀ ୨ ଜଣ ଶିଖ୍ ବ୍ୟକ୍ତିଙ୍କୁ ବିରୋଧରେ ବର୍ଣ୍ଣ ବିଦ୍ୱେଷ ମନ୍ତବ୍ୟ ଦେଇ ତାଙ୍କୁ ଗୋଇଠା ମାଡ଼ ମାରିଥିଲେ। ଏହାସହ ସେମାନେ ଉଭୟ ଶିଖ୍ ବ୍ୟକ୍ତିଙ୍କ ମୁଣ୍ଡରୁ ପଗଡ଼ି କାଢ଼ି ଦେଇଥିଲେ। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଘଟଣାକୁ ନେଇ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ପରେ ସେମାନଙ୍କୁ ଜାମିନ ମିଳିଥିଲା। ଘଟଣା ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବ୍ରିଟେନ୍ ସରକାରଙ୍କ ସହ ଆଲୋଚନା କରନ୍ତୁ ବୋଲି ମଙ୍ଗଳବାର ଶିରୋମଣି ଅକାଳୀ ଦଳ (ଏସ୍ଏଡି) ମୁଖ୍ୟ ସୁଖ୍‌ବୀର ସିଂ ବାଦଲ ଦାବି କରିଛନ୍ତି।

## ଜାଲ୍ ଠିକଣାରେ ୮୦ ହଜାର ଭୋଟର ପଞ୍ଜୀକୃତ

ପାଟନା,୧୯।୮

ବିହାରରେ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ର ପ୍ରଥମ ପର୍ଯ୍ୟାୟ ଶେଷ କରିଥିବାବେଳେ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୦,୦୦୦ ଭୋଟର ଜାଲ୍ ବା ଭୁଲ୍ ଠିକଣାରେ ପଞ୍ଜୀକୃତ ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଅନ୍ତର୍ଜାତୀୟ ସାମ୍ବାଦିକମାନଙ୍କ ଏକ ସଂଗଠନ ଦି ରିପୋର୍ଟର୍ସ କଲେକ୍ଟିଭ୍ ପକ୍ଷରୁ ରବିବାର ଏହି ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ ପାଇଛି। ଅଗଷ୍ଟ ୧ରେ ନିର୍ବାଚନ କମିଶନ ପ୍ରକାଶ କରିଥିବା ଚିଠା ଭୋଟର ତାଲିକା ଅନୁଯାୟୀ, ପିପ୍ରା, ବଗହା ଏବଂ ମୋତିହାରି ବିଧାନସଭା ନିର୍ବାଚନ କ୍ଷେତ୍ରରେ ୩,୫୯୦ଟି ଜାଲ୍ ପଞ୍ଜୀକରଣ ହୋଇଛି। ଗୋଟିଏ ଠିକଣାରେ ଅନେକ ଲୋକ ନିଜ ନାଁ ପଞ୍ଜୀକୃତ କରିଛନ୍ତି। ପଞ୍ଜୀକରଣ ବେଳେ ଏପରି କେତେକ ଘର ନମ୍ବର, ଗାଁ ଓ ୱାର୍ଡ ନାମ ଦିଆଯାଇଛି, ଯାହା ବାସ୍ତବରେ ନାହିଁ। ୨୦୦୩ ଭୋଟର ତାଲିକାରେ ଠିକ୍ ଠିକଣା ଦେଇ ପଞ୍ଜୀକରଣ କରିଥିବା କେତେଜଣ ଭୋଟର ଏଥର ସେଥିରେ ପରିବର୍ତ୍ତନ କରି ତ୍ରୁଟି କରିଛନ୍ତି। ଏଭଳି ଅନେକ ଘଟଣା ସାମ୍ନାକୁ ଆସିଥିବା ରିପୋର୍ଟରେ କୁହାଯାଇଛି।

## ଦିଲ୍ଲୀରେ ଆଜି



ଇଣ୍ଡିଆ ବ୍ଲକ୍‌ର ଉପରାଷ୍ଟ୍ରପତି ପ୍ରାର୍ଥୀ ଜଷ୍ଟିସ୍ ବି. ସୁଦର୍ଶନ ରେଡ୍ଡୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କେ.ସି. ବେଣୁଗୋପାଳ, ଏନ୍‌ସିପି (ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାର, ଡିଏମ୍‌କେ ନେତ୍ରୀ କାନିମୋଝି ଓ ଅନ୍ୟ ନେତୃବୃନ୍ଦ । (ଫଟୋ-ଚମନ ଗୌତମ)

## ସାମ୍ବିଧାନିକ ଅଦାଲତରେ ୧୬ ବର୍ଷ ବିଚାରପତି ଥିଲେ ସୁଦର୍ଶନ ରେଡ୍ଡୀ

ନୂଆଦିଲ୍ଲୀ,୧୯।୮(ପି.ଟି.)

ଇଣ୍ଡିଆ ବ୍ଲକ୍‌ର ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀ ୧୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଶର ସାମ୍ବିଧାନିକ ଅଦାଲତଗୁଡ଼ିକରେ କାର୍ଯ୍ୟ କରିଛନ୍ତି। ୧୯୪୬ ଜୁଲାଇ ୮ରେ ଜନ୍ମିତ ଜଷ୍ଟିସ୍ ରେଡ୍ଡୀ ୧୯୯୫ ମେ' ୨ରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୦୫ ଡିସେମ୍ବର ୫ରେ ସେ ଗୁଆହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ସେ ୨୦୦୭ ଜାନୁଆରୀ ୧୨ରେ ସୁପ୍ରିମକୋର୍ଟର ବିଚାରପତି ହୋଇ ୨୦୧୧ ଜୁଲାଇ ୮ରେ ଅବସର ନେଇଥିଲେ।

ଜଷ୍ଟିସ୍ ରେଡ୍ଡୀ ୧୯୭୧ ଡିସେମ୍ବର ୨୭ରେ ଆନ୍ଧ୍ରପ୍ରଦେଶ ବାର୍ କାଉନ୍‌ସିଲ୍‌ରେ ଜଣେ ଆଇନଜୀବୀ ଭାବେ ନିଜକୁ ପଞ୍ଜୀକୃତ କରିଥିଲେ। ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ସେ ରିଟ୍ ଏବଂ ସିଭିଲ୍ ମାମଲା ଲଢୁଥିଲେ। ୧୯୮୮ରୁ ୧୯୯୦ ପର୍ଯ୍ୟନ୍ତ ସେ ହାଇକୋର୍ଟରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିବା ପରେ ୬ ମାସ କେନ୍ଦ୍ର ସରକାରଙ୍କ ପାଇଁ ଅତିରିକ୍ତ ସ୍ଥାୟୀ ଓକିଲ ଭାବେ କାର୍ଯ୍ୟ କରିଥିଲେ। ଓସ୍‌ମାନିଆ ୟୁନିଭର୍ସିଟିର ଆଇନ ପରାମର୍ଶଦାତା ଓ ସ୍ଥାୟୀ ଓକିଲ ମଧ୍ୟ ରହିଥିଲେ। ୨୦୧୩ ମାର୍ଚ୍ଚରେ ଜଷ୍ଟିସ୍ ରେଡ୍ଡୀ ଗୋଆର ପ୍ରଥମ ଲୋକାୟୁକ୍ତ ନିଯୁକ୍ତ ହୋଇଥିଲେ ଓ ୭ ମାସ ପରେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ। ହାଇଦ୍ରାବାଦସ୍ଥିତ ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଆଣ୍ଡ ମିଡିଏଶନ ସେଣ୍ଟରର ବୋର୍ଡ ଅଫ୍ ଟ୍ରଷ୍ଟିରେ ସେ ରହିଥିଲେ।

# ବିହାରରେ ଭୋଟ ଚୋରି ହେବାକୁ ଦେବୁନି: ରାହୁଲ

ନୱାଦା,୧୯।୮(ପି.ଟି.)

'ଭୋଟ ଚୋରି' ପାଇଁ ନିର୍ବାଚନ କମିଶନ ଏବଂ ଭାଜପା ମଧ୍ୟରେ ଭାଗୀଦାରି ଚାଲିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଅଭିଯୋଗ କରିଛନ୍ତି। ତେବେ ବିହାରରେ ଗୋଟିଏ ବି ଭୋଟ ଚୋରି ହେବାକୁ ମହାମେଣ୍ଟ ଅନୁମତି ଦେବ ନାହିଁ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ବିହାରରେ ଭୋଟର ଅଧିକାର ଯାତ୍ରାର ତୃତୀୟ ଦିନରେ ଭଗତସିଂ ଚୌକରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଉଦ୍‌ବୋଧନ ଦେଇ କହିଥିଲେ, ସମ୍ବିଧାନ ଲୋକମାନଙ୍କୁ ଭୋଟ ଅଧିକାର ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ନିର୍ବାଚନ କମିଶନର ତାହାକୁ ଲୋକଙ୍କଠାରୁ ଛଡ଼ାଇ ନେଉଛନ୍ତି। ଏଠାରେ ଉପସ୍ଥିତ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଓ ମହାମେଣ୍ଟର ଅନ୍ୟ ନେତାମାନଙ୍କ ସହ ମୁଁ କହିବାକୁ ଚାହେଁ, ରାଜ୍ୟରୁ ଗୋଟିଏ ବି ଭୋଟ ଚୋରି ହେବାକୁ ଦିଆଯିବ ନାହିଁ। ହରିୟାଣା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ ନିର୍ବାଚନରେ ମଧ୍ୟ ଇସି, ଭାଜପା ମିଶି ଭୋଟ ଚୋରି କରିଥିବା ସେ ଅଭିଯୋଗ କରିଛନ୍ତି।

ମହାରାଷ୍ଟ୍ରରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ସମୟରେ ୧ କୋଟି ଭୋଟରଙ୍କୁ ଯୋଡ଼ାଯାଇଥିଲା। ମେଶିନ୍ ପଠନଯୋଗ୍ୟ ଭୋଟର ତାଲିକା ଏବଂ ସିସିଟିଭି ଫୁଟେଜ୍ ଯୋଗାଇଦେବାକୁ କଂଗ୍ରେସ କହିଆସୁଥିବାବେଳେ ଇସି ଏହା ଦେବା ପାଇଁ ମନା କରିଦେଇଛନ୍ତି। ଏବେ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଜରିଆରେ ନୂଆ ଢଙ୍ଗରେ ଭୋଟ ଚୋରି ହେଉଥିବା ରାହୁଲ କହିଛନ୍ତି। ପ୍ରଥମେ ଭୋଟର କାର୍ଡ ଚାଲିଯିବ, ତା ପରେ ଆପଣମାନଙ୍କ ରାଶନ କାର୍ଡ ଯିବ ଓ ଶେଷରେ ଆପଣମାନଙ୍କ ଜମି ଆଦାନୀ, ଅମ୍ବାନୀଙ୍କ ହାତକୁ ଚାଲିଯିବ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଦେଶ କୃଷକ, ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ ଓ ଯୁବବର୍ଗଙ୍କର, ଏହା ଅଳ୍ପ ଆଦାନୀ, ଅମ୍ବାନୀଙ୍କ ଭଳି ଅଳ୍ପ କେତେଜଣ ଧନୀଙ୍କର ନୁହେଁ। ଭୁଲ୍ ଆଇନ, ଜିଏସ୍‌ଟି, ବିମୁଦ୍ରୀକରଣର ଲକ୍ଷ୍ୟ କେବଳ ଅଳ୍ପସଂଖ୍ୟକ ବିଲିୟନେୟାରଙ୍କୁ ଲାଭ ଦେବା। ଆପଣମାନେ ଟଙ୍କା ଓ ସମ୍ବଳ ଦେଉଛନ୍ତି, ହେଲେ ଏହା ବଦଳରେ ଦେଶ ନିଯୁକ୍ତି ଦେଇପାରୁନାହିଁ। ଏହାକୁ ବଦଳାଇବାକୁ ହେବ। ସେଥିପାଇଁ ଆମେ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିଛୁ ବୋଲି ରାହୁଲ କହିଛନ୍ତି।



ଭୋଟର ଅଧିକାର ଯାତ୍ରାରେ ରାହୁଲ ଗାନ୍ଧୀଙ୍କ ସହ ତେଜସ୍ୱୀ ଯାଦବ ଓ ଅନ୍ୟମାନେ।

## ଲୋକ ସଭା ନିର୍ବାଚନ ପରେ ରାହୁଲ ପ୍ରଧାନମନ୍ତ୍ରୀ ହେବେ: ତେଜସ୍ୱୀ

ପାଟନା,୧୯।୮(ପି.ଟି.)

ଆଗାମୀ ଲୋକ ସଭା ନିର୍ବାଚନ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବେ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଙ୍ଗଳବାର କହିଛନ୍ତି। ଆଗାମୀ କିଛି ମାସରେ ବିହାରରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏନ୍‌ଡିଏର ମୂଳୋତ୍ପାଟନ କରିବାକୁ ସେ ନୱାଦାରେ ଅନୁଷ୍ଠିତ ଭୋଟର ଅଧିକାର ରାଲିରେ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ରାହୁଲ ଏକମାତ୍ର ନେତା, ଯିଏ ରାଜ୍ୟବ୍ୟାପୀ ଯାତ୍ରା ବାହାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାତିରେ ଶୋଇବାକୁ ଦେଉନାହାନ୍ତି। ଆଗାମୀ ନିର୍ବାଚନରେ ଏନ୍‌ଡିଏକୁ ଆମେ ଉପାଡ଼ି ଫିଙ୍ଗିଦେବୁ ଏବଂ ଆଗାମୀ ଲୋକ ସଭା ନିର୍ବାଚନରେ ଆମେ ରାହୁଲଙ୍କୁ ପ୍ରଧାନମନ୍ତ୍ରୀ କରିବୁ ବୋଲି ତେଜସ୍ୱୀ କହିବାବେଳେ ଉପସ୍ଥିତ ଲୋକେ ଉତ୍ସାହିତ କରିଥିଲେ।

## ନାଁ କଟିଥିଲେ ଆଧାର ସହ ଆବେଦନ କର: ବିହାର ସିଇଓ

ପାଟନା,୧୯।୮

ବିହାର ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନର ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ବାଦ୍ ପଡ଼ିଥିବା ନାମକୁ ନିର୍ବାଚନ କମିଶନ ପ୍ରକାଶ କରିଥିଲେ। ସେମାନେ ଆଧାର କାର୍ଡ ବ୍ୟବହାର କରି ଭୋଟର ତାଲିକାରେ ପଞ୍ଜୀକୃତ ହେବା ପାଇଁ ଆବେଦନ କରିପାରିବେ ବୋଲି ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ବିନୋଦ ସିଂ ଗୁଞ୍ଜିୟାଲ ଏକ ବିଜ୍ଞପ୍ତି ଜାରି କରି କହିଛନ୍ତି। ଚିଠା ତାଲିକାରୁ ନାଁ କଟିଥିଲେ ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ଆଧାରକୁ ପ୍ରମାଣ ଭାବେ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଅନ୍ତରୀଣ ନିର୍ଦ୍ଦେଶନାମାରେ ନିର୍ବାଚନ କମିଶନଙ୍କୁ କହିଥିଲେ। ନାଁ କଟିଥିବା ଲୋକଙ୍କ ତାଲିକା ସମସ୍ତ ବ୍ଲକ୍ ଅଫିସ୍, ପଞ୍ଚାୟତ କାର୍ଯ୍ୟାଳୟ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ପ୍ରଦର୍ଶିତ ହୋଇଛି। ଭୋଟର ପରିଚୟପତ୍ର ନମ୍ବର ଜରିଆରେ ଲୋକମାନେ ନାଁ କଟିବାର କାରଣ ଜାଣିପାରିବେ। ତଦନୁଯାୟୀ ଆଧାର କାର୍ଡ ସହ ଆବେଦନ କରିବାକୁ ସିଇଓ କହିଛନ୍ତି।

## ଭାରତକୁ ସାର, ବିରଳ ମୃତ୍ତିକା ଯୋଗାଇବ ଚାଇନା

### ସୀମା ଶାନ୍ତ ରହିଛି: ଡୋଭାଲ



ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ ୟିଙ୍କ ସହ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ।

ନୂଆଦିଲ୍ଲୀ,୧୯।୮(ପି.ଟି.)

ଭାରତକୁ ସାର ଏବଂ ବିରଳ ମୃତ୍ତିକା ଖଣିଜ ଯୋଗାଇବାରେ ରହିଥିବା କଟକଣା କୋହଳ କରିବାକୁ ଚାଇନା ରାଜି ହୋଇଛି। ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ତାଙ୍କ ଭାରତୀୟ ପ୍ରତିପକ୍ଷ ଏସ୍. ଜୟଶଙ୍କରଙ୍କୁ ଏହା ଜଣାଇଛନ୍ତି। ସାର, ବିରଳ ମୃତ୍ତିକା ଏବଂ ଟନେଲ୍‌ଖୋଳା ମେଶିନ୍ ସମସ୍ୟାର ସମାଧାନ ପାଇଁ ବେଜିଂ ପ୍ରତିଶ୍ରୁତିବଦ୍ଧ ବୋଲି ୱାଙ୍ଗ୍ କହିଛନ୍ତି।

ବିଦ୍ୟୁତ୍‌ଚାଳିତ ଯାନ, ଡ୍ରୋନ୍ ଏବଂ ବ୍ୟାଟେରି ଷ୍ଟୋରେଜ୍ ଭଳି ଅତ୍ୟାଧୁନିକ ବୈଷୟିକ ଉତ୍ପାଦ ପାଇଁ ବିରଳ ମୃତ୍ତିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍ଏସ୍ଏ) ଅଜିତ ଡୋଭାଲ ମଙ୍ଗଳବାର ୱାଙ୍ଗ୍‌ଙ୍କ ସହ ସୀମା ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପ୍ରକୃତ ନିୟନ୍ତ୍ରଣ ରେଖା ଶାନ୍ତ ରହିବା ସହ ୯ ମାସ ମଧ୍ୟରେ ଭାରତ-ଚାଇନା ସମ୍ପର୍କରେ ଉନ୍ନତି ଦେଖାଦେଇଥିବା ସେ କହିଛନ୍ତି। କିଛିବର୍ଷ ହେଲା ଭାରତ ଓ ଚାଇନା ମଧ୍ୟରେ ଦେଖାଦେଇଥିବା ସମସ୍ୟା କୌଣସି ଦେଶର ଲୋକଙ୍କ ସ୍ୱାର୍ଥରେ ନ ଥିଲା ବୋଲି ୱାଙ୍ଗ୍ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ, ସହଯୋଗ ସଂଗଠନ (ଏସ୍‌ସିଓ) ସମିଟ୍‌ରେ ଯୋଗଦେବା ପୂର୍ବରୁ ପ୍ରତିନିଧିସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି।

## ମହାରାଷ୍ଟ୍ରରେ ବର୍ଷା ବିତ୍ପାତ, ୨ ଦିନରେ ୮ ମୃତ

ମୁମ୍ବାଇ, ୧୯।୮

ମହାରାଷ୍ଟ୍ରର ବିଭିନ୍ନ ଜିଲାରେ ବର୍ଷା ବିତ୍ପାତ ଜାରି ରହିଛି। ରାଜ୍ୟରେ ଗତ ୨ ଦିନ ମଧ୍ୟରେ ଲଗାଣ ବର୍ଷାଜନିତ ବିଭିନ୍ନ କାରଣରୁ ୮ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ମହାରାଷ୍ଟ୍ର ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି। ମଙ୍ଗଳବାର ସକାଳେ ରାଇଗଡ଼ ଜିଲା ମିଥେକର ଗ୍ରାମରେ ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟିବାରୁ ଜଣେ ୭୫ ବର୍ଷୀୟା ମହିଳାଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ଓ ଉଦ୍ଧାରକାରୀ କର୍ମୀ ପହଞ୍ଚି ରେସ୍କ୍ୟୁ ଅପରେଶନ ଆରମ୍ଭ କରିଥିଲା। ଗ୍ରାମବାସୀଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ମଙ୍ଗଳବାର ରାଜ୍ୟରେ ଲଗାଣ ବର୍ଷା ଓ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ରାଜ୍ୟର ମୁମ୍ବାଇ, ଠାଣେ, ରାୟଗଡ଼, ରତ୍ନଗିରି, ସିନ୍ଧୁଦୁର୍ଗ ଜିଲା ପାଇଁ ଆସନ୍ତା ୪୮ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ତେଣୁ ଉକ୍ତ ସମସ୍ତ ଜିଲାରେ ହାଇଆଲର୍ଟ ଜାରି କରାଯାଇଛି। ନାନ୍ଦେଡ଼ ଜିଲାର ତଳି ଅଞ୍ଚଳରେ ପାଣି ଘେର ମଧ୍ୟରୁ ୨୯୦ ଜଣଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାରକାର୍ଯ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍), ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ସେନା ନିୟୋଜିତ ଥିବା ନେଇ ଫଡ଼ନବିସ୍ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷେ, ମୁମ୍ବାଇରେ ଲଗାଣ ବର୍ଷା ମଧ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ମୈସୁର କଲୋନି ଏବଂ ଭକ୍ତି ପାର୍କ ଷ୍ଟେଶନ ମଧ୍ୟରେ ଚେମ୍ବୁରଠାରେ ଏକ ଏଲିଭେଟେଡ ମନୋରେଲ୍ ହଠାତ୍ ବନ୍ଦ ହୋଇଯାଇଥିଲା। ଫଳରେ ଏଥିରେ ଯାତାୟାତ କରୁଥିବା ଶତାଧିକ ଯାତ୍ରୀ ଅନେକ ସମୟ ଧରି ଫସି ରହିଥିଲେ।

### ମୁମ୍ବାଇରେ ମନୋରେଲ୍ ସେବା ବାଧାପ୍ରାପ୍ତ



ମୁମ୍ବାଇର ଚେମ୍ବୁରଠାରେ ଅଟକି ରହିଥିବା ମନୋରେଲ୍।

ଲଗାଣ ବର୍ଷା ଯୋଗୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯିବା କାରଣରୁ ମନୋରେଲ୍‌ଟି ଅଟକି ଯାଇଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ଘଟଣାସ୍ଥଳରେ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଏବଂ ଅଗ୍ନିଶମ ବାହିନୀର କର୍ମୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କ୍ରେନ୍ ବ୍ୟବହାର କରାଯାଇ ଉକ୍ତ ମନୋରେଲ୍‌ରେ ଥିବା ଯାତ୍ରୀମାନଙ୍କୁ ରେସ୍କ୍ୟୁ କରାଯାଇଥିଲା।

## ଫୁରସତ୍

## ୮ ବର୍ଷ ଧରି ଛାତି ଭିତରେ ଥିଲା ଛୁରି

ଡୋଡୋମା

ଆଫ୍ରିକୀୟ ଦେଶ ତାଞ୍ଜାନିଆରେ ଜଣେ ୪୪ ବର୍ଷୀୟ ବ୍ୟକ୍ତିଙ୍କ ଛାତି ଭିତରେ ୮ ବର୍ଷ ଧରି ଏକ ଛୁରି ଫସି ରହିଥିଲା। ନ୍ୟାଶନାଲ ଲାଇବ୍ରେରି ଅଫ୍ ମେଡିଶିନ ଜର୍ନାଲରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କିଛିଦିନ ତଳେ ବ୍ୟକ୍ତିଙ୍କ ଛାତିରେ ଯନ୍ତ୍ରଣା ହେବାରୁ ସେ ଡାକ୍ତରଙ୍କର ପରାମର୍ଶ ନେଇଥିଲେ। ୮ ବର୍ଷ ତଳେ ତାଙ୍କର ଜଣେ ବ୍ୟକ୍ତିଙ୍କ ସହ ହିଂସାତ୍ମକ ଝଗଡ଼ା ହୋଇଥିଲା। ସେହି ସମୟରେ ତାଙ୍କ ମୁହଁ, ପିଠି, ଛାତି ଏବଂ ପେଟରେ ଗମ୍ଭୀର ଆଘାତ ଲାଗିଥିଲା। ସେତେବେଳେ ଡାକ୍ତରମାନେ ତାଙ୍କ କ୍ଷତଗୁଡ଼ିକୁ ଠିକ୍ କରିଦେଇଥିଲେ। ଏହାପରଠାରୁ ତାଙ୍କୁ କୌଣସି ଯନ୍ତ୍ରଣା ଅନୁଭୂତ ହୋଇ ନ ଥିଲା। ତେବେ ୧୦ ଦିନ ହେବ ତାଙ୍କ ଛାତି ଯନ୍ତ୍ରଣା ହେବା ଆରମ୍ଭ ହୋଇଛି। ଛାତି ଯନ୍ତ୍ରଣାର ପ୍ରକୃତ କାରଣ ବୁଝି ନ ପାରି ଡାକ୍ତର ପୀଡ଼ିତ ବ୍ୟକ୍ତିଙ୍କର ଏକ୍ସ-ରେ କରାଇଥିଲେ। ତାଙ୍କ ଛାତି ଭିତରେ ଏକ ବିଶାଳ ଛୁରି ରହିଥିବା ଏକ୍ସ-ରେରୁ ଜଣାପଡ଼ିଥିଲା। ୮ ବର୍ଷ ତଳେ ହୋଇଥିବା ଆକ୍ରମଣ ସମୟରେ ଉକ୍ତ ବ୍ଲେଡ୍ ପୀଡ଼ିତ ବ୍ୟକ୍ତିଙ୍କ ଛାତିରେ ରହି ଯାଇଥିଲା। ତେବେ ସେବେଠାରୁ ପ୍ରାୟ ୮ ବର୍ଷ ପର୍ଯ୍ୟନ୍ତ ଉକ୍ତ ବ୍ୟକ୍ତିଙ୍କ ଛାତିରେ କୌଣସି ଯନ୍ତ୍ରଣା ଅନୁଭବ ହୋଇ ନ ଥିଲା, ଯାହା ଡାକ୍ତରଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତାଞ୍ଜାନିଆର ମୁହିମବିଲି ୟୁନିଭର୍ସିଟି ଅଫ୍ ହେଲଥ୍ ଆଣ୍ଡ ଆଲାଏଡ ସାଇନ୍ସେସ୍ ହସ୍ପିଟାଲରେ ପୀଡ଼ିତ ବ୍ୟକ୍ତିଙ୍କର ଅସ୍ତ୍ରୋପଚାର ହୋଇଥିଲା। ଡାକ୍ତର ତାଙ୍କ ଛାତି ଭିତରୁ ଛୁରିଟିକୁ ସଫଳତାପୂର୍ବକ ବାହାର କରିଥିଲେ। ତାଙ୍କୁ ପ୍ରଥମେ ୨୪ ଘଣ୍ଟା ପର୍ଯ୍ୟନ୍ତ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ଓ ପରେ ୧୦ ଦିନ ପର୍ଯ୍ୟନ୍ତ ହସ୍ପିଟାଲର ସାଧାରଣ ୱାର୍ଡରେ ଚିକିତ୍ସା କରାଯାଇଥିଲା। ଏହାପରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା।



## 'ଥାମା'ରେ ଆୟୁଷ୍ମାନ-ରଶ୍ମିକା ରୋମାନ୍ସ

### ଟିଜର ଆଉଟ

ମୁମ୍ବାଇ

ଚଳିତ ବର୍ଷର ଅନ୍ୟତମ ପ୍ରତୀକ୍ଷିତ ଫିଲ୍ମ 'ଥାମା'ର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି। ଆଦିତ୍ୟ ସରପୋତ୍‌ଦାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନେତା ଆୟୁଷ୍ମାନ ଖୁରାନା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନା ରହିଛନ୍ତି। ସେହିପରି ଫିଲ୍ମରେ ଅଭିନେତା ପରେଶ ରାୱଲ ଏବଂ ନୱାଜୁଦ୍ଦିନ ସିଦ୍ଦିକୀ ମଧ୍ୟ ନଜରକୁ ଆସିବେ। ସୋସିଆଲ ମିଡିଆରେ 'ଥାମା'ର ଟିଜରକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଆୟୁଷ୍ମାନଙ୍କ ଏକ ଇମୋଶ୍‌ନାଲ ଭଏସ୍ ଓଭରରୁ ୧ ମିନିଟ୍ ୪୯ ସେକେଣ୍ଡ ବିଶିଷ୍ଟ ଏହି ଟିଜର ଆରମ୍ଭ ହେଉଛି ଯେଉଁଥିରେ ସେ କହୁଛନ୍ତି, ତୁମେ ମୋ ବିନା ୧୦୦ ବର୍ଷ ବଞ୍ଚିପାରିବ କି। ଏହାର ଉତ୍ତରରେ ରଶ୍ମିକା କହୁଛନ୍ତି, ୧୦୦ ବର୍ଷ କ'ଣ ଗୋଟିଏ କ୍ଷଣ ବି ବଞ୍ଚିପାରିବିନି। ଟିଜରରେ ରଶ୍ମିକା ଓ ଆୟୁଷ୍ମାନ ରୋମାନ୍ସ କରୁଥିବାର ନଜରକୁ ଆସିଛନ୍ତି। ଏଥିରେ ଅନେକ ହରର୍ ଏବଂ ଆକ୍ସନ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ଅକ୍ଟୋବର ୨୦ରେ ଦୀପାବଳି ଅବସରରେ 'ଥାମା' ଫିଲ୍ମ ରିଲିଜ୍ ହେବ। ପୂର୍ବରୁ ସୋମବାର ନିର୍ମାତାଙ୍କ ପକ୍ଷରୁ ଫିଲ୍ମରେ ଆୟୁଷ୍ମାନ, ରଶ୍ମିକା, ପରେଶ ଓ ନୱାଜୁଦ୍ଦିନଙ୍କ ଲୁକ୍ ଉପରୁ ପରଦା ଉଠାଯାଇଥିଲା।



ରଶ୍ମିକା ମନ୍ଦାନା

**୧୧୨ ଗ୍ରାମ୍ ବ୍ରାଉନସୁଗାର ଜବତ**

ଜଳେଶ୍ୱର,(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ରେଲୱେ ଷ୍ଟେଶନ ନିକଟରେ ମଙ୍ଗଳବାର ସକାଳ ୮ଟା ବେଳେ ଜଣେ ଯୁବକ ଟ୍ରେନରେ ଯିବା ପାଇଁ ଅପେକ୍ଷା କରିଥିବା ବେଳେ ଜଳେଶ୍ୱର ସାଟେଲାଇଟ ବିଭାଗ ଅଧିକାରୀ ଲକ୍ଷେସାଧବ ପ୍ରଧାନ ସୂଚନା ପାଇ ତାଙ୍କୁ କାବୁ କରିଥିଲେ। ତାଙ୍କ ଠାରୁ ୧୧୨ ଗ୍ରାମ୍ର ବ୍ରାଉନସୁଗାର ଜବତ ହୋଇଛି। ଉକ୍ତ ଯୁବକଙ୍କ ଘର ଜଳେଶ୍ୱର ରାଜପୁର ଗ୍ରାମରେ। ଏ ନେଇ ମାମଲା (ନଂ.୧୦୮/୨୫-୨୬) ରୁଜୁ ହୋଇଛି। ଏହି ଚଢ଼ାଉ ବେଳେ ସାଟେଲାଇଟ ବିଭାଗ ତରଫରୁ ସଞ୍ଜୀବ ମୁଣ୍ଡା, ସଲେଇ ହେମ୍ବ୍ରମ୍, ବରୁଣ କୁମାର ନାହକ, ରାଜେଶ ସୂତାର ଓ ମଧୁସ୍ମିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



# ହତ୍ୟାକରି ଆତ୍ମଗୋପନ କରିଥିବା ଯୁବକଙ୍କୁ ପୋଲିସର ଗୁଳିମାଡ଼

ସମ୍ବଲପୁର,୧୯।୮
(ପ୍ରମୋଦ ବହିଦାର)

- ଯୁବକଙ୍କୁ ହତ୍ୟାକରି ଲୁଚିଥିଲେ
- ଧରିବାକୁ ଯିବାବେଳେ ପୋଲିସକୁ ଗୁଳି ଚଳାଇଥିଲେ


ଭିମ୍ସାରରେ ଚିକିତ୍ସାଧୀନ ହତ୍ୟା ଅଭିଯୁକ୍ତ ମହମ୍ମଦ ସାମଦ।

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟାକରି ଫେରାର ହେବାକୁ ଉଦ୍ୟମ କରୁଥିବା ଅଭିଯୁକ୍ତ ପୋଲିସ ଗୁଳିରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭିମ୍ସାରରେ ଭର୍ତ୍ତିକରାଯାଇଛି। ସେ ହେଉଛନ୍ତି ମୋତିଝରଣର ମହମ୍ମଦ ସାମଦ(୪୨)। ତେବେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ମହମ୍ମଦ ସାମଦଙ୍କ ଭାଇ ମହମ୍ମଦ ୱାସିମ(୩୫) ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମନ୍ତ କୁମାର ବାରିକ ସୂଚନା ଦେଇଛନ୍ତି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାରିକଙ୍କ ସୂଚନା ଅନୁସାରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିବା ମୋତିଝରଣର ଅସ୍ଫାକ ଖାନ୍(୩୦)ଙ୍କୁ ସୋମବାର ରାତିରେ ଧାରୁଆ ଅସ୍ତ୍ରରେ ଆକ୍ରମଣକରି ମହମ୍ମଦ ସାମଦ ଓ ମହମ୍ମଦ ୱାସିମ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଧନୁପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅସ୍ଫାକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାରକରି ଡାକ୍ତରଖାନା ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଜାବିଜ ଖାନଙ୍କ ଅଭିଯୋଗ ଆଧାରରେ ଧନୁପାଲି ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(୧), ୩(୫)ରେ ଏକ ମାମଲା (ନଂ. ୨୮୦/୨୫) ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଦଳ ଗଠନକରି ସହରର ବିଭିନ୍ନ ରାସ୍ତା ସିଲ୍‌କରି ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଗୋଇନ୍ଦା ସୂଚନା ଆଧାରରେ ମଙ୍ଗଳବାର ସକାଳେ ଖଣ୍ଡୁଆଳ ଗ୍ରାମ ନିକଟରେ ଲୁଚିଥିବା ସାମଦଙ୍କୁ ପୋଲିସ ଠାବ କରିଥିଲା। ପୋଲିସ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଇଥିଲା। ହେଲେ ଅଭିଯୁକ୍ତ ପୋଲିସ ଉପରକୁ ୨ରାଉଣ୍ଡ ଗୁଳିଚାଳନା କରିଥିଲେ। ପୋଲିସ ପାଲଟା ଗୁଳି ଚାଳନା କରିଥିଲା। ସାମଦଙ୍କ ବାମ ଗୋଡ଼ରେ ଗୁଳି ବାଜିବା ପରେ ପୋଲିସ ତାଙ୍କୁ କାବୁକରିଥିଲା। ତାଙ୍କ ନିକଟରୁ ଏକ ୭.୬ ଏମ୍‌ଏମ୍ ପିସ୍ତଲ, ଗୋଟିଏ ଜୀବନ୍ତ ଗୁଳି, ୩ଟି ଖୋକା, ଗୋଟିଏ ମୋବାଇଲ୍ ଫୋନ ଓ ଫେରାର ହେବାକୁ ବ୍ୟବହାର କରିଥିବା ବାଇକ୍‌କୁ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କ ନାମରେ ଧନୁପାଲି ଥାନାରେ ପୃଥକ୍ ଭାବେ ଭାରତୀୟ ନ୍ୟାୟ ସଂହିତା ଦଫା ୧୩୨, ୨୨୪, ୧୦୯(୧) ଓ ୨୫(୧)(ବି)(ଏ), ୨୬ ଅସ୍ତ୍ରଶସ୍ତ୍ର ନିଷେଧ ଆଇନରେ ଆଉ ଏକ ମାମଲା(ନଂ. ୨୮୧/୨୫)ରୁଜୁ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାରିକ। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଅଧିକ ଆପରାଧିକ ମାମଲା ରହିଛି। ସାମାନ୍ୟ ବଚସାରୁ ଅଭିଯୁକ୍ତମାନେ ଅସ୍ଫାକଙ୍କୁ ହତ୍ୟାକରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨ବର୍ଷ ତଳେ ମୋତିଝରଣ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ୩ ମାସ ତଳେ ସାମଦଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାରେ ସେ ଜାମିନରେ ଆସିଥିବାବେଳେ ସୋମବାର ଜଣେ ଯୁବକଙ୍କୁ ହତ୍ୟା କରିଥିଲେ।

# ଅନରକିଲିଂ ନୁହେଁ, ଆତ୍ମଦାହ କରିଛନ୍ତି ସଙ୍ଗୀତା

## ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା

କେନ୍ଦ୍ରାପଡ଼ା/ ପଟ୍ଟାମୁଣ୍ଡାଇ, ୧୯।୮
(ଜଗନ୍ନାଥ ଧଳ/କଳ୍ପତରୁ ନାୟକ)


ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଗ୍ରାମର ଯୁକ୍ତ ୩ ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କୁ ଅନର କିଲିଂ କରାଯାଇନାହିଁ ବରଂ ସେ ଆତ୍ମଦାହ କରିଛନ୍ତି ବୋଲି ମଙ୍ଗଳବାର ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି। ଏଥିସହ ଛାତ୍ରୀ ମୃତ୍ୟୁର ପାରିପାର୍ଶ୍ୱିକ କାରଣ ଏବଂ ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ଏବେବି ତଦନ୍ତ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି।

ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କଟାରିଆ କହିଛନ୍ତି, ଇତିମଧ୍ୟରେ ସଙ୍ଗୀତାଙ୍କ ବ୍ୟବଚ୍ଛେଦ ରିପୋର୍ଟ, ଭିସେରା ଓ ଏଫ୍ଏମ୍‌ଟି ରିପୋର୍ଟ ଆସିଛି। ଏଥିରେ ଅଗଷ୍ଟ ୬ତାରିଖ ସକାଳ ୮ରୁ ପୂର୍ବାହ୍ଣ ୧୦ଟା ମଧ୍ୟରେ ସଙ୍ଗୀତା ପୋଡ଼ି ଯାଇଥିବା ଉଲ୍ଲେଖ ଅଛି। ମୃତଦେହ ଉଦ୍ଧାର ସମୟରେ ଶରୀର ୯୫ ପ୍ରତିଶତ ପୋଡ଼ି ଯାଇଥିଲା। ସଙ୍ଗୀତାଙ୍କ ବାପା ଶଶିକାନ୍ତ ଓ ମା' ଦୁହେଁ ସକାଳ ପ୍ରାୟ ୭ଟା ୧୪ରେ ବାହାରକୁ ଯାଇଥିବା ଜବତ ସିସିଟିଭିରୁ ସୂଚନା ମିଳିଛି। ସେହିପରି ପୂର୍ବାହ୍ଣ ୧୧ଟାରେ ସେମାନେ ଘରକୁ ଫେରିଛନ୍ତି। ଜବତ ହୋଇଥିବା ଫୋନ କଲ୍ ରେକର୍ଡ ଅନୁଯାୟୀ ସକାଳ ୭ଟା ୪୦ରୁ ୨୩ ମିନିଟ୍ ଧରି ସଙ୍ଗୀତା ଏହି ଥାନା ଅନ୍ତର୍ଗତ ବିଲିକଣା ପଞ୍ଚାୟତ ତେରୋହୀ ଗ୍ରାମର ପୁରୁଷ ବନ୍ଧୁ ପ୍ରମୋଦ ବେହେରାଙ୍କ ସହ କଥା ହୋଇଛନ୍ତି। ପୁରୁଷ ବନ୍ଧୁ ପ୍ରମୋଦଙ୍କୁ ଗତ ୧୦ତାରିଖରେ ଗିରଫ କରାଯାଇଛି। ତାଙ୍କ ମୋବାଇଲରୁ ୬୦ଟି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ବାହାରିଛି। ଏଥିସହିତ ଜୁଲାଇ ୧୭ରେ ଏପରି ଭିଡିଓ ସଙ୍ଗୀତାଙ୍କ ବାପାଙ୍କ ନିକଟକୁ ସେ ପଠାଇଛନ୍ତି। ଏହି ଭିଡିଓ ଅନ୍ୟ କେତେଜଣ ଲୋକଙ୍କୁ ଭାଇରାଲ ପାଇଁ ପଠାଯାଇଛି। ଯାହା ଏବେ ତଦନ୍ତ ପରିସରରେ ଥିବା ଏସ୍‌ପି ମତ ରଖିଛନ୍ତି। ଅପରପକ୍ଷରେ ଛାତ୍ରୀ ସଙ୍ଗୀତାଙ୍କ ମୃତ୍ୟୁ ସମ୍ପର୍କରେ କେତେକ ପ୍ରଶ୍ନ ସାଧାରଣରେ ଆଲୋଚନା ଜାରି ରହିଛି। ମୃତ୍ୟୁ ସମୟରେ ଚିତ୍କାର ବାହାରକୁ ନ ଆସିବା, ସଙ୍ଗୀତା ପେଟ୍ରୋଲ କେଉଁଠୁ ଆଣିଲେ, ପୁରୁଷ ବନ୍ଧୁ ପ୍ରମୋଦଙ୍କ ଫୋନ ସଙ୍ଗୀତାଙ୍କ ମୃତ୍ୟୁର କାରଣ ହେଲା କି ବୋଲି ଚର୍ଚ୍ଚା ହେଉଛି। ସେହିପରି ମୃତଦେହର ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ ମାତ୍ର ୨୦ପ୍ରତିଶତ ପୋଡ଼ିଥିବା ଶରୀର ରିପୋର୍ଟରେ ୯୫ ପ୍ରତିଶତ ହେଲା କିପରି, ଶରୀର ବନ୍ଧା ହୋଇଥିଲା କାହିଁକି, କେତେ ଜଣଙ୍କୁ ପ୍ରମୋଦ ଭିଡିଓ ପଠାଇଥିଲେ ଓ ସେମାନଙ୍କ ସମ୍ପର୍କରେ ତଦନ୍ତର ଅଗ୍ରଗତି ଆଦି ନେଇ ପ୍ରଶ୍ନ ଉଠିଛି। ତେବେ ଏ ସମ୍ପର୍କରେ ଏସ୍‌ପି କଟାରିଆ କହିଛନ୍ତି, ସ୍ଥାନୀୟ ଲୋକଙ୍କ ଏହି ବୟାନ ରିପୋର୍ଟ ସହିତ ମେଳ ଖାଉନାହିଁ। ମାମଲାର ତଦନ୍ତ ଜାରି ରହିଛି। ସଙ୍ଗୀତାଙ୍କ ମୃତଦେହ କାଠିଆପଡ଼ାସ୍ଥିତ ବନ୍ଦ ଘର ମଧ୍ୟରୁ ଉଦ୍ଧାର ହୋଇଥିଲା। ମୃତଦେହରେ ନିଆଁ ଲାଗି ପୋଡି ହୋଇଥିଲା। ଏନେଇ ଗ୍ରାମାଞ୍ଚଳ ଥାନାରେ ବାପା ଶଶିକାନ୍ତ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଥାନାରେ ନଂ. ୨୮୪/୨୫ରେ ମାମଲା ରୁଜୁ ହୋଇଛି।

# ଜେଲ ଗଲେ ଅଭିଯୁକ୍ତ, କ୍ରାଇମ୍ ସିନ୍ ରିକ୍ରିଏଶନ ହେବ

## ଘରେ ପଶି ମହିଳାଙ୍କୁ ହତ୍ୟା ଘଟଣା

ବ୍ରହ୍ମପୁର,୧୯।୮
(ସୁବାସ ଚନ୍ଦ୍ର ପାଢ଼ୀ)


ଶାନ୍ତନୁ କୁମାର ପାତ୍ର

ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗର ୨ୟ ଲାଇନ୍‌ରେ ଭଡ଼ାଘରେ ସାଧୁଚରଣ ସ୍ୱାଇଁଙ୍କ ସ୍ତ୍ରୀ ଗାୟତ୍ରୀ ସ୍ୱାଇଁ(୩୨)ଙ୍କୁ ଗତ ୧୦ ତାରିଖ ବିଳମ୍ବିତ ରାତିରେ ହତ୍ୟା ଓ ତାଙ୍କ ଝିଅ ନିଲମ(୧୧)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣା ପରେ ଫେରାର ଅଭିଯୁକ୍ତଙ୍କୁ ପୋଲିସର ଏକ ଟିମ କର୍ଣ୍ଣାଟକର ୱାଡି ରେଲୱେ ଷ୍ଟେଶନରୁ ରେଲବାଇ ସୁରକ୍ଷା ବଳ ସହାୟତାରେ ଗିରଫ କରିଥିଲା। ସେ ହେଲେ ବାଲେଶ୍ୱରର ମୂଳ ନିବାସୀ ଶାନ୍ତନୁ କୁମାର ପାତ୍ର(୩୦)। କର୍ଣ୍ଣାଟକରେ ସ୍ଥାନୀୟ କୋର୍ଟରେ ତାଙ୍କୁ ହାଜର କରି ୪ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଅଣାଯାଇଥିଲା। ମଙ୍ଗଳବାର ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ନିମଖଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିଥିଲା ବୋଲି ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ରିମାଣ୍ଡରେ ଆଣି ପୋଲିସ ଉକ୍ତ ହତ୍ୟା ଘଟଣାର କ୍ରାଇମ ସିନ୍ ରିକ୍ରିଏଶନ କରିବ ବୋଲି ସେ କହିଛନ୍ତି। ଅଭିଯୁକ୍ତଙ୍କଠାରୁ ହତ୍ୟାରେ ବ୍ୟବହୃତ ରକ୍ତଭିଜା ଟେପର ଜବତ ହୋଇଛି।

ପ୍ରାଥମିକ ତଦନ୍ତରୁ ଜଣାପଡିଛି, ବିବାହିତ ଶାନ୍ତନୁ ତାଙ୍କ ସ୍ତ୍ରୀଙ୍କ ଠାରୁ ଅଲଗା ରହୁଥିଲେ। ୨୦୧୯ରେ ନିଜର ୨ ସମ୍ପର୍କୀୟ ନାବାଳିକା ଭଉଣୀଙ୍କୁ ବଳାତ୍କାର କରି ବାଲେଶ୍ୱରରୁ ଫେରାର ହୋଇଯାଇଥିଲେ। ସେଠାକାର ଥାନାରେ ତାଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ ହୋଇଛି। ଶାନ୍ତନୁ ବିଭିନ୍ନ ସ୍ଥାନରେ ନିଜ ନାମ ବଦଳାଇ ରହୁଥିଲେ। ବହୁ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ୨୦୨୨ରେ ଫେସ୍‌ବୁକ୍‌ରେ ନିଜକୁ ସୁନୀଲ ସ୍ୱାଇଁ ବୋଲି ପରିଚୟ ଦେଇ ଗାୟତ୍ରୀଙ୍କ ସହ ସମ୍ପର୍କ ଯୋଡି ଅନଲାଇନରେ କଥା ହେଉଥିଲେ। ୨୦୨୩ରେ ବ୍ରହ୍ମପୁର ଆସି ବଡବଜାର ଥାନା ଅନ୍ତର୍ଗତ ଓଁ ବିହାରରେ ରହୁଥିବା ଗାୟତ୍ରୀଙ୍କୁ ଧରି ମୁମ୍ବାଇ ଚାଲିଯାଇଥିଲେ। ଗାୟତ୍ରୀଙ୍କ ନିଖୋଜ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମୁମ୍ବାଇରେ ସୁନୀଲ(ଶାନ୍ତନୁ)ଙ୍କ ଅତ୍ୟାଚାର ସହି ପାରି ଗାୟତ୍ରୀ ୧୦ ଦିନ ପରେ ତାଙ୍କ ସ୍ୱାମୀଙ୍କ ପାଖକୁ ବ୍ରହ୍ମପୁର ଚାଲି ଆସିଥିଲେ। ସେ ଆଉ ସୁନୀଲଙ୍କ ସହ ସମ୍ପର୍କ ରଖିବାକୁ ଚାହୁଁନଥିଲେ। ସୁନୀଲ ବ୍ରହ୍ମପୁର ଆସି ଶକ୍ତିନଗର ନିକଟ ଶ୍ରୀମା ନଗରରେ ଭଡ଼ାରେ ରହି ଲୋଟପଡାରେ ପରିବା ବ୍ୟବସାୟ କରୁଥିଲେ। ଗାୟତ୍ରୀ ତାଙ୍କ ସହ ସମ୍ପର୍କ ରଖୁ ନ ଥିବାରୁ ସେ ପ୍ରତିଶୋଧ ପରାୟଣ ହୋଇଥିଲେ। ମୋର ହେବୁନି ତ 'ତୁ ଆଉ କାହାର ହୋଇପାରିବୁ ନାହିଁ ଭାବି ଗତ ଜୁଲାଇରୁ ତାଙ୍କୁ ହତ୍ୟା କରିବା ପାଇଁ ସେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏପରିକି ଘଟଣାର ୧୦ ଦିନ ପୂର୍ବରୁ ଗାୟତ୍ରୀଙ୍କୁ ହତ୍ୟା ପାଇଁ ସେ ଏକ ଟେପର (ଚିକେନ କାଟିବା କାତି) ତିଆରି କରିଥିଲେ। ଗତ ୧୦ତାରିଖ ରାତିରେ ଗାୟତ୍ରୀଙ୍କୁ ସେ ବାରମ୍ବାର ଫୋନ କରିଥିଲେ। ଚିକେନ ଧରି ଗାୟତ୍ରୀଙ୍କ ଘରକୁ ଯାଇଥିଲେ। ସମସ୍ତେ ଖାଇସାରିବା ପରେ ଗାୟତ୍ରୀଙ୍କ ସହ କଥାବାର୍ତ୍ତା ହୋଇ ପାଖରେ ରଖିଥିବା ଟେପରରେ ତାଙ୍କ ବେକ କାଟି ଦେଇଥିଲେ। ଧରା ପଡିଯିବା ଭୟରେ ବେଡ୍‌ରୁମ୍‌ରେ ଶୋଇଥିବା ଗାୟତ୍ରୀଙ୍କ ଝିଅ ନିଲମଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଶାନ୍ତନୁ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଗାୟତ୍ରୀଙ୍କୁ ହତ୍ୟା କରି ରାତି ପ୍ରାୟ ସାଢ଼େ ୧୨ଟାରେ ସେ ଉକ୍ତ ଘରୁ ବାହାରି ଚାଲିକି ଯାଉଥିବାର ଦୃଶ୍ୟ ଏକ ସିସିଟିଭି ଫୁଟେଜରେ ରହିଛି। ଶାନ୍ତନୁ ଘରକୁ ଆସି ପ୍ୟାଣ୍ଟ ଶାର୍ଟ ବଦଳାଇ ୧୧ ତାରିଖ ସକାଳେ ବ୍ରହ୍ମପୁର ରେଳଷ୍ଟେଶନକୁ ଯାଇ ସେଠାରୁ ଟ୍ରେନରେ ବାହାର ରାଜ୍ୟକୁ ଚାଲିଯାଇଥିଲେ।

# ଶାଶୁ ହତ୍ୟା ମାମଲାରେ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡ଼ା,୧୯।୮
(ଆଶିଷ ରଞ୍ଜନ ପଣ୍ଡା)

ଶାଶୁ ହତ୍ୟା ମାମଲାର ଶୁଣାଣିକରି ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଅଳ୍ପନା ସ୍ୱାଇଁ ମଙ୍ଗଳବାର ଅଭିଯୁକ୍ତ ସ୍ୱାଇଁ ନବୀନ କନ୍ଧପାଣି (୪୪)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୧ ବର୍ଷ ଜେଲଦଣ୍ଡ ପାଇଁ ଜଜ୍ ସ୍ୱାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତଙ୍କ ସ୍ତ୍ରୀ ଓ ଶାଳୀଙ୍କ ସହ ୨୧ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

ମିଳିଥିବା ସୂଚନା ମୁତାବକ, ୨୦୨୨ ନଭେମ୍ବର ୨୩ ଅପରାହ୍ଣରେ ରାୟଗଡ଼ାସ୍ଥିତ ଜି.ଭାସ୍କର ରାଓ କଲୋନିରେ ଭଡ଼ାଘରେ ରହୁଥିବା ଶାଶୁ ଗଙ୍ଗାମା ଗରଡ଼ିଆଙ୍କ ବେକକୁ କଟୁରିରେ ହାଣି ସ୍ୱାଇଁ ନବୀନ କନ୍ଧପାଣି ହତ୍ୟା କରିଥିଲେ। ଘଟଣା ପରେ ସ୍ୱାଇଁ ନବୀନ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ରାୟଗଡ଼ା ଗୌତମନଗରରେ ରହୁଥିବା ମୃତ ଗଙ୍ଗାମାଙ୍କ ଝିଅ ପଦ୍ମା ଗରଡ଼ିଆ ରାୟଗଡ଼ା ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତକରି ଅଭିଯୁକ୍ତ ସ୍ୱାଇଁ ନବୀନଙ୍କୁ ୨୦୨୨ ନଭେମ୍ବର ୨୬ରେ ଗିରଫକରି କୋର୍ଟ ଚାଲାଣ କରିଥିଲା।

# ଶାଳୀଙ୍କୁ ବଳାତ୍କାର, ଭିଣୋଇ ଫେରାର

ଉଦଳା,୧୯।୮(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ତାଙ୍କ ଭିଣୋଇ ବଳାତ୍କାର କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୧୯୦/୨୫) ରୁଜୁକରି ତଦନ୍ତ ଜାରି ରଖିଥିବାବେଳେ ଗିରଫ ଭୟରେ ଅଭିଯୁକ୍ତ ଭିଣୋଇ ଅଛନ୍ତି। ସୂଚନା ଅନୁଯାୟୀ, ନାବାଳିକାଙ୍କ ବାପା ମରିଯିବା ଓ ମା'ଙ୍କ ମାନସିକ ବିକୃତି ଘଟିବାପରେ ସମ୍ପର୍କୀୟ ଭିଣୋଇ ପାଠ ପଢ଼ାଇବା ପାଇଁ ତାଙ୍କୁ ନିଜ ଘରକୁ ଆଣିଥିଲେ। ନାବାଳିକା ଜଣକ ୩ ବର୍ଷ ହେଲା ଭିଣୋଇଙ୍କ ଘରେ ରହୁଥିଲେ। ଘରେ କେହି ନ ଥିବା ସୁଯୋଗରେ ଭିଣୋଇ ତାଙ୍କୁ ବାରମ୍ବାର ବଳାତ୍କାର କରୁଥିଲେ।

# ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୧୯।୮
(ସତ୍ୟଜିତ୍ ରାଉତ)

- ଠୁଳ କରିଥିଲେ ୨୦୬ % ଆୟ ବହିର୍ଭୂତ ସମ୍ପତ୍ତି
- ଠାବ ହେଲା ଆଉ ଲକ୍ଷେରୁ ଊର୍ଦ୍ଧ୍ୱ ନଗଦ ଟଙ୍କା


ଗିରଫ ସୁରେନ୍ଦ୍ର ବେହେରା।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅନୁଗୋଳ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରାଙ୍କୁ ଭିଜିଲାନ୍ସ ମଙ୍ଗଳବାର ଗିରଫ କରିଛି। ତାଙ୍କ ପାଖରୁ ଆଉ ନଗଦ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିଥିବା ବେଳେ ଏହାକୁ ମିଶାଇ ମୋଟ ଜବତ ନଗଦ ଟଙ୍କା ୨.୩୩ ଲକ୍ଷରେ ପହଞ୍ଚିଛି। ଠାବ ହୋଇଥିବା ମୋଟ ସମ୍ପତ୍ତି ସୁରେନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୨୦୬ ପ୍ରତିଶତ ଅଧିକ ବୋଲି ସୂଚନା ଦିଆଯାଇଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ସୁରେନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୯/୨୦୨୫) ରୁଜୁ କରାଯାଇଛି। ଗିରଫ ପରେ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଭିଜିଲାନ୍ସ ପକ୍ଷରୁ ସୋମବାର ସୁରେନ୍ଦ୍ରଙ୍କ ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତାଙ୍କର ସୁନ୍ଦରଗଡ଼ ଟାଉନରେ ଗୋଟିଏ ଦୁଇମହଲା କୋଠା, ରାଉରକେଲା ଗୋପବନ୍ଧୁ ନଗରରେ ଆଉ ଗୋଟିଏ ଦୁଇ ମହଲା କୋଠା ଓ ଭୁବନେଶ୍ୱର ଘାଟିକିଆରେ ଦୁଇଟି ଫ୍ଲାଟ୍ ଥିବା ଜଣାପଡ଼ିଥିଲା। ଏଥିସହ ସୁରେନ୍ଦ୍ରଙ୍କ ୪ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିବାବେଳେ ପୋଷ୍ଟାଲ ଜମା ୫୩ ଲକ୍ଷ ୯୭ ହଜାର ଟଙ୍କା ରହିଥିବା ଜଣାପଡ଼ିଥିଲା। ସେହିପରି ଦୁଇଟି ଦୁଇଚକିଆ ଯାନ ସମେତ ୧୮.୪୧ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଠାବ କରାଯାଇଛି।


**ODISHA CONSTRUCTION CORPORATION LIMITED, BHUBANESWAR, ODISHA**
PIN:751012, Tel.No. (0674) 2562020, e-Mail:theoccltd@odishaconstruction.com
GSTIN- 21AAACO2571K2ZM
"e- Procurement Notice No-35/OCCL/2025-26 (Online)
No.CAD-1439: On-line percentage rate tender is invited for the following work.

| Sl. No. | Name of Work | Bid Identification No. | Approx. value of work | Bid Security (in Rs.) | Period of Completion (in Months) | Availability & Submission of tender of Tender (online) |
|---|---|---|---|---|---|---|
| 1 | **Development of Hirakud Dam Museum-** for "Integrated Master Plan of Hirakud Reservoir" | OCCL_ SMP/13/ 2025-26 | Rs.20.58 Crore | Rs.20,59,000/- | **12 Calendar Months** | From 18/08/2025 03.30 Hrs to 08/09/2025, 05.30 Hrs |

Procurement Officer : Managing Director, OCCL
Date of Opening of the Tender: **09.09.2025, 15.30 Hrs. onwards**
Further details can be seen from the e-procurement portal: https://www.tendersodisha.gov.in, https://odishaconstruction.com
OIPR-34120/11/0063/2526 **Sd./- Managing Director**

**OFFICE OF THE REMUNA NAC, BALASORE**
No.1257 Date : 16.08.2025
**E-Procurement Notice**
**Bid Identification No. RN_03_2025-26**
**No.C-906** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app
01. Name of the Work : Civil works as mentioned in DTCN
02. No. of works : 48 Nos.
03. Estimated Cost : As per Work List
04. Period of Completion : As per DTCN
05. Date and Time of Bidding : 18.08.2025, 11 AM to 06.09.2025, 5 PM
06. Last date and time for receipt : 06.09.2025 up to 5.00 P.M.
07. Bids received online shall be opened on : 08.09.2025 from 11.00 A.M. onwards
08. Name and address of the Officer Inviting Bid : Executive Officer, Remuna NAC
Further details can be seen from the e-procurement portal i.e.https://tendersodisha.gov.in/nicgep/app.
Sd./- Executive Officer
OIPR-13204/11/0020/2526 Remuna NSC

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR**
Phone No.(0663)-2412791, E-mail:eemisbp@yahoo.co.in
**e-Procurement Notice**
**1st Corrigendum to BID REFERENCE No.SEMIDSBP/02/2025-26**
No.A-515: Due to unavoidable circumstances the following changes are made to BID REFERENCE No. SEMIDSBP/02/2025-26.
1. The date & time of availability of Bid document in the portal from dt.22.08.2025 at 11.00 AM to dt.06.09.2025 upto 5.30 PM instead of dt.13.08.2025 at 11.00 AM to dt.29.08.2025 upto 5.30 PM.
2. Period of receipt of bid through online from dt.22.08.2025 at 11.00 AM to dt.06.09.2025 upto 5.30 PM instead of dt.13.08.2025 at 11.00 AM to dt.29.08.2025 upto 5.30 PM.
3. Date of opening of bid documents on dt.08.09.2025 at 10.00 AM onwards. All other terms & conditions remain unaltered.
Sd./- Superintending Engineer
OIPR-32036/11/0022/2526 M.I.Division, Sambalpur

**GOVERNMENT OF ODISHA** No.i-282
**BLOCK DEVELOPMENT OFFICER, PANCHAYAT SAMITI, KASHIPUR**
E-mail : ori-kashipur@nic.in
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO. KSP-01/2025-26, DT.20.08.2025
Letter No.2627/2025 Date : 18.08.2025
1) The **Block Development Officer, Panchayat Samiti, Kashipur, Dist. : Rayagada** on behalf of Govt. of Odisha invites **Percentage Rate** bid in **Single** Cover System in **ONLINE MODE** for the construction of **Building works (Civil)** as detailed in the **Detailed Tender Call Notice (D.T.C.N.)** from the eligible class of contractors.
2) No. of works : **13 (Thirteen) Nos.**
3) Cost of Tender Paper : **Rs.6,000/- (Rupees Six Thousand) only**
4) Class of contractor : **"D" & "C" Class**
1) Date & time of available in website & receipt online : **11:00 Hrs. of 22.08.2025 to 17:00 Hrs. of 08.09.2025**
2) Date of opening of Technical Bid : **11:00 Hrs. of 09.09.2025**
The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
5) Any corrigendum / Addendum will be displayed in the website https://tendersodisha.gov.in only.
By order of BDO, KASHIPUR
Sd./- Block Development Officer
OIPR-19448/11/0001/2526 Panchayat Samiti, Kashipur

ODISHA COMPUTER APPLICATION CENTRE
ocac **REQUEST FOR PROPOSAL**
Enq.No.:-OCAC-SEGP-INFRA-0012-2025-25082
**No.U-28:** Odisha Computer Application Centre (OCAC) invites Request for Proposal (RFP) for Selection of Agency for Procurement, Supply & Installation of Digital Smart TVs for PMSHRI School, Odisha. For details please visit websites www.ocac.in & www.odisha.gov.in.
The bid shall be submitted in electronic mode only in the portal https://enivida.odisha.gov.in latest by **20.09.2025, by 2:00 PM**. OCAC reserves the right to accept or reject any or all tender without assigning any reason thereof.
**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
OIPR-16003/11/0112/2526

**DIRECTORATE OF TEACHER EDUCATION AND SCERT : ODISHA: BHUBANESWAR**
TENDER CALL NOTICE OF NMMS EXAMINATION FOR THE YEAR 2025-26
**NOTICE**
No.5079 Date : 18.08.2025
**No.n-125** : Tenders are invited from reputed agencies for conduct of Offline OMR based NMMS Examination for the year, 2025-2026. The prospective bidders must meet the qualifying criteria mentioned in the technical qualification of the tender. They should have capacity to prepare question paper, conduct of examination, publication of result and other related works as prescribed in the tender document relating to NMMS Examination, 2025-2026 for the Directorate of TE and SCERT, Odisha.
1. Date of release of Tender : **20.08.2025**
2. Last date of submission of Tender : **09.09.2025 (05.00 P.M.)**
3. Pre-Bid Meeting : **30.08.2025**
After Pre-bid meeting, the corrected RFP shall be published in the SCERT website on 01.09.2025. Objections, if any, may be sent to the Directorate through official e-mail.
Detailed terms, condition, schedules and Tender Documents can be seen/ downloaded from the SCERT website i.e., www.scertodisha.nic.in E-mail ID: tescertodisha@gmail.com.
Sd./- Director, TE and SCERT,
OIPR-27006/11/0020/2526 Odisha, Bhubaneswar

ପୌରପାଳିକା, ନବରଙ୍ଗପୁର
**OFFICE OF THE MUNICIPALITY, NABARANGPUR NABARANGPUR (ODISHA), PIN-764059**
TEL / FAX NO. - 06858-222031, E-mail : municipalityngpr@gmail.com
**Quotation Call Notice**
No.3489 Date : 18.08.2025
No.C-912 : Nabarangpur Municipality is seeking sealed quotations from reputable suppliers/ dealers/firms for the supply and installation of various materials, **Mahatma Gandhi Statue, Vertical Garden Pots, Plants, Automatic Irrigation system, Acrylic letter,3D acrylic or stainless-steel letters with lights, Wire, Light and Barbed Wire etc..** All details are listed in the quotation document. The quotations must be submitted to the Office of the Executive Officer of Nabarangpur Municipality during office hours on all working days until **29.08.2025 at 1:00 PM** from the date of publication. Any quotations received after the due date will not be considered. The quotations will be opened on **29.08.2025 at 4:00 PM** in the presence of the quoters or their authorized agents. A refundable **Earnest Money Deposit** (EMD) of **Rs. 10,000/-** in the form of a Bank Draft or Banker's Cheque made out to the **Executive Officer, Nabarangpur Municipality** must be submitted along with the quotations. Quotations lacking valid documentation are subject to rejection.
The quotation/tender document contains essential bid Technical and Financial information, along with terms and conditions for the procurement of **Mahatma Gandhi Statue, Vertical Garden Pots, Plants, Automatic Irrigation system, Acrylic letter, 3D acrylic or stainless-steel letters with lights, Wire, Light and Barbed Wire**. All the necessary details are outlined in the quotation document, which will be available for purchase on any working day during office hours (10 AM to 4 PM) from **August 19, 2025 to August 29, 2025**, at Nabarangpur Municipality. The cost of the document is **Rs. 5,000.00**.
The authority reserves the right to accept or reject any or all the Tender without assigning any reason thereof.
Sd./- Executive Officer
OIPR-13065/11/0023/2526 Nabarangpur Municipality

No.B-414
**OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-II**
AT/PO - BHASKARGANJ, BALASORE
CONTACT NO. : 06782-263149, E MAIL ID : eepwdbls2@gmail.com
**SHORT TENDER CALL NOTICE**
BID INVITATION NO. SE (R AND B) BLS-II-15 / 2025-26
No.5254 dt.16.08.2025

| | | | |
|---|---|---|---|
| 1 | The Superintending Engineer, Balasore (R&B) Division-II, Balasore on behalf of the Governor of Odisha invites percentage rate bids to be received in ONLINE MODE only for Roads & Buildings works. | | |
| 2 | No. of Work | : | 1 No. |
| 3 | Nature of work | : | Building Work |
| 4 | Class of Contractor | : | **"B" Class of Contractor** |
| 5 | Approx. value of work | : | Rs.87.72 Lakhs |
| 6 | Tender Cost | : | Rs.10000.00 per work |
| 7 | Availability of Bid Documents in the website | : | From 10.00 AM of 20.08.2025 to 4.00 PM of 06.09.2025 |
| 8 | Date of Opening of Bid | : | Dt.06.09.2025 at 4.30 PM |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

Sd./- Superintending Engineer
OIPR-34155/11/0025/2526 Balasore (R&B) Division-II

**ସର୍ବସାଧାରଣ ନୋଟିସ**
No.XXXIII-19:ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଖୋର୍ଦ୍ଧା ଜଳସେଚନ ବିଭାଗ ଦ୍ୱାରା "Rajua Diversion Weir" ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଖୋର୍ଦ୍ଧାରେ ହୋଇଥିବା ନିମ୍ନଲିଖିତ ଜମି ଅଧିଗ୍ରହଣ ମକଦ୍ଦମାଗୁଡିକୁ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଗଲା ।

| ମୌଜାର ନାମ | ମକଦ୍ଦମା ସଂଖ୍ୟା | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଜମି ଅଧିଗ୍ରହଣ ଘୋଷଣା ସଂଖ୍ୟା/ତାରିଖ | ସ୍ଥିତି |
|---|---|---|---|
| ନରଣଗଡ଼ | ୧୧/୨୦୦୬ | ୪୭୬୬୮/୦୩.୧୨.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୦୩/୨୦୦୬ | ୪୧୫୮୨/୧୭.୧୦.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୧୦/୨୦୦୬ | ୪୭୬୯୮/୦୩.୧୨.୨୦୦୭ | ବାତିଲ |
| ଗ୍ରାମେଶ୍ୱରପୁର | ୧୨/୨୦୦୬ | ୪୭୬୯୨/୦୩.୧୨.୨୦୦୭ | ବାତିଲ |
| ସଢ଼େଇଗଡ଼ | ୦୮/୨୦୦୬ | ୪୭୭୦୪/୦୩.୧୨.୨୦୦୭ | ବାତିଲ |
| ସଢ଼େଇଗଡ଼ | ୦୭/୨୦୦୬ | ୪୭୬୬୨/୦୩.୧୨.୨୦୦୭ | ବାତିଲ |
| ଡିହଖଲା | ୦୫/୨୦୦୭ | ୩୫୯୫୪/୧୯.୦୮.୨୦୦୮ | ବାତିଲ |
| ବ୍ରଜମୋହନପୁର | ୦୪/୨୦୦୬ | ୪୧୫୮୮/୧୭.୧୦.୨୦୦୭ | ବାତିଲ |
| ମେଦିନୀ | ୦୧/୨୦୦୬ | ୪୧୫୭୨/୧୭.୧୦.୨୦୦୭ | ବାତିଲ |
| ଧବଳପୁର | ୦୯/୨୦୦୬ | ୪୭୬୮୬/୦୩.୧୨.୨୦୦୭ | ବାତିଲ |
| ସରଧାପୁର | ୦୨/୨୦୦୬ | ୪୧୫୯୫/୧୭.୧୦.୨୦୦୭ | ବାତିଲ |
| କୁରୁମପଡ଼ା | ୦୬/୨୦୦୬ | ୪୭୬୭୪/୦୩.୧୨.୨୦୦୭ | ବାତିଲ |
| କୁରୁମପଡ଼ା | ୦୫/୨୦୦୬ | ୪୭୬୮୦/୦୩.୧୨.୨୦୦୭ | ବାତିଲ |

ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./-
OIPR-24381/14/0008/2526 ଭୂଅର୍ଜନ ଅଧିକାରୀ, ଖୋର୍ଦ୍ଧା

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ


ପ୍ରଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଲ୍ଆଇସିର ସ୍ୱତନ୍ତ୍ର ରିହାତି ଅଫର

ଭୁବନେଶ୍ୱର,୧୯।୮(ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର ରିହାତି ଅଫର 'ରିଭାଇଭାଲ ଅଫ୍ ଲାପ୍‌ସଡ ପଲିସିସ୍'ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଅଫର ୨୦୨୫ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଉପଲବ୍ଧ ବୋଲି ଏଲ୍ଆଇସି ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଏଲ୍ଆଇସି ବନ୍ଦ ହୋଇଥିବା ପଲିସିଗୁଡ଼ିକର ପୁନରୁଦ୍ଧାର ପାଇଁ ଏକ ଆକର୍ଷଣୀୟ ଅଫର ଆଣିଛି। ସେହିଭଳି ବ୍ୟକ୍ତିଗତ ଭାବେ ବନ୍ଦ ହୋଇଥିବା ପଲିସି ପାଇଁ ଏଲ୍ଆଇସି ପକ୍ଷରୁ ସର୍ବଭାରତୀୟସ୍ତରରେ ଏହି ସ୍ୱତନ୍ତ୍ର ପୁନରୁଦ୍ଧାର ଅଭିଯାନ ଆରମ୍ଭ କରାଯାଇଛି। ଏହି ଯୋଜନା ଅଧୀନରେ ପୁନରୁଦ୍ଧାର ପାଇଁ ଯୋଗ୍ୟ ହେଲେ ସମସ୍ତ ନନ୍-ଲିଙ୍କଡ୍ ବୀମା ଯୋଜନା ପାଇଁ ବିଳମ୍ବ ଶୁଳ୍କରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏପରିକି ସର୍ବାଧିକ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ଉପଲବ୍ଧ।

ଏହି ସ୍ୱତନ୍ତ୍ର ପୁନରୁଦ୍ଧାର ଅଭିଯାନ ଅଧୀନରେ ପଲିସିଗୁଡ଼ିକ ପ୍ରଥମ ଅନାଦେୟ ପ୍ରିମିୟମ ତାରିଖରୁ ୫ବର୍ଷ ମଧ୍ୟରେ ପୁନରୁଦ୍ଧାର କରାଯାଇପାରିବ, ଯଦି ପଲିସିର ନିୟମ ଏବଂ ସର୍ତ୍ତାବଳୀ ପୂରଣ କରାଯାଏ।

ପ୍ରିମିୟମ ପ୍ରଦାନ ଅବଧି ସମୟରେ ଯେଉଁ ପଲିସିଗୁଡିକ ଶେଷ ହୋଇଯାଏ ଏବଂ ପଲିସି ଅବଧି ସମାପ୍ତ ହୋଇ ନ ଥାଏ, ସେମାନେ ଏହି ଅଭିଯାନରେ ପୁନରୁଦ୍ଧାର ପାଇଁ ଯୋଗ୍ୟ ଚିକିତ୍ସା ଆବଶ୍ୟକତା ଉପରେ କୌଣସି ରିହାତି ନାହିଁ।

ସେହିପରି ଏହି ଅଭିଯାନ ପଲିସିଧାରୀଙ୍କ ଲାଭ ପାଇଁ ଆରମ୍ଭ କରାଯାଇଛି। ଯେଉଁମାନେ କୌଣସି ପ୍ରତିକୂଳ ପରିସ୍ଥିତି ଯୋଗୁ ସମୟ ମଧ୍ୟରେ ପ୍ରିମିୟମ ଦେଇପାରି ନ ଥିଲେ। ପୂର୍ଣ୍ଣ ବୀମା ଲାଭ ପାଇବା ପାଇଁ ପଲିସିଗୁଡିକୁ ବଳବତ୍ତର ରଖିବା ଆବଶ୍ୟକ ରହିଛି। ପୁରୁଣା ପଲିସିକୁ ପୁନରୁଦ୍ଧାର ଏବଂ ବୀମା କଭର ପୁନଃ ସ୍ଥାପିତ କରିବା ସର୍ବଦା ପରାମର୍ଶଦାୟକ ହୋଇଥାଏ। ଏଲ୍ଆଇସି ଏହାର ପଲିସିଧାରକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଙ୍ଗଳ ପାଇଁ ସୁରକ୍ଷିତ ରହିବାର ଇଚ୍ଛାକୁ ମୂଲ୍ୟ ଦେଇଥାଏ। ଏହି ଅଭିଯାନ ଏଲ୍ଆଇସିର ପଲିସିଧାରକମାନଙ୍କୁ ସେମାନଙ୍କର ପଲିସିଗୁଡିକୁ ପୁନରୁଦ୍ଧାର କରିବା ଏବଂ ସେମାନଙ୍କ ପ୍ରିୟଜନଙ୍କ ପାଇଁ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ଭଲ ସୁଯୋଗ ପ୍ରଦାନ କରିଥାଏ।

| ମୋଟ ପ୍ରାପ୍ୟ ପ୍ରିମିୟମ୍ | % ବିଳମ୍ବ ଶୁଳ୍କ ରିହାତି | ସର୍ବାଧିକ ରିହାତି ଅନୁମୋଦିତ |
|---|---|---|
| ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ | ୩୦% ଟଙ୍କା | ୩୦୦୦ |
| ୧,୦୦,୦୦୧ ରୁ ୩,୦୦,୦୦୦ | ୩୦% ଟଙ୍କା | ୪୦୦୦ |
| ୩,୦୦,୦୦୧ ରୁ ଅଧିକ | ୩୦% ଟଙ୍କା | ୫୦୦୦ |
| ସୂକ୍ଷ୍ମ ବୀମା ଯୋଜନା | ୧୦୦% | ପୂର୍ଣ୍ଣ |
| ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ। | | |

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୧୯।୮

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୭୧ (୩୭୦.୬୪) ପଏଣ୍ଟ ବୃଦ୍ଧି ଘଟି ୮୧,୬୪୪ (୮୧,୬୪୪.୩୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୦୪ (୧୦୩.୭୦) ପଏଣ୍ଟ ବଢ଼ି ୨୪,୯୮୧ (୨୪,୯୮୦.୬୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


**BUSINESS**

A running Industry manufacturing Wood-pressed Oil, Flours and Spices for sale at Bhubaneswar. These products has it's own Brand.

If interested Contact
9827504883, 9178032930



**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ସୂର୍ଯ୍ୟାଂଶ (ଆଦି)**
ମାଆ: ସୌମ୍ୟା, ବାପା: ପ୍ରଭାକର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ଜେଜେମା, ଜେଜେବାପା, ବଡ଼ବାପା, ବଡ଼ମା, ମାମୁ, ମାଇଁ, ଆଈ, ବୃକ, ରୋଜି, ଲିଜା, ପୂଜା, ଆନି
ଧ-୧୬୯୬



**ଜନ୍ମଦିନ ଶୁଭେଚ୍ଛା**



**ପ୍ରଦୀପ କୁମାର ନାୟକ**
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆଜି ତୁମର ଜନ୍ମବାର୍ଷିକ ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ତୁମର ଚଲାପଥ କୁସୁମିତ କରି ତୁମର ଭବିଷ୍ୟତ ଉଜ୍ଜ୍ୱଳ ସହ ତୁମକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ:
ସୋନାଲି
ଧ-୧୬୯୭



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ସହଭାଗିତା ମାଧ୍ୟମରେ ଶିଳ୍ପର ଅଭିବୃଦ୍ଧିକୁ ଗୁରୁତ୍ୱ

## ନାଲକୋ ପକ୍ଷରୁ ମିଡିଆ କନେକ୍ଟ

ଭୁବନେଶ୍ୱର,୧୯।୮



ଖବରଦାତା ସମ୍ମିଳନୀରେ ନାଲ୍‌କୋର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମିଡିଆ କନେକ୍ଟ ୨୦୨୫' ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରମୁଖ ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥା ଯୋଗଦେଇଥିଲେ। ସେହିଭଳି ଉକ୍ତ ବୈଠକରେ ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଉପସ୍ଥିତ ରହି ନିଜର ମତ ବିନିମୟ କରିଥିଲେ। ଏଥିସହ ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇବା ସହ କମ୍ପାନୀର କାର୍ଯ୍ୟକଳାପ ଏବଂ ସଫଳତା ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

ସମାବେଶକୁ ସମ୍ବୋଧିତ କରିବା ଅବସରରେ ସିଏମ୍‌ଡି ସିଂହ ଆଲୁମିନିୟମ ଏବଂ ଧାତୁଶିଳ୍ପର ସାମଗ୍ରିକ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତା ତଥା ପରିପାର୍ଶ୍ୱିକ ଅଞ୍ଚଳର ବିକାଶରେ କମ୍ପାନୀର ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କମ୍ପାନୀ ପ୍ରତି ରହିଥିବା ଆସ୍ଥା, ବିଶ୍ୱାସ ଓ ସହଯୋଗ ନିମନ୍ତେ ସେ ଖଣି ମନ୍ତ୍ରଣାଳୟ, ଭାରତ ସରକାର, ରାଜ୍ୟ ସରକାର ତଥା ସମସ୍ତ ଅଂଶୀଦାରମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଗଣମାଧ୍ୟମ ଏବଂ କମ୍ପାନୀ ମଧ୍ୟରେ ଦୃଢ଼ ସହଭାଗିତା ମାଧ୍ୟମରେ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ।

ମିଡିଆ କନେକ୍ଟ୨୦୨୫ ଦ୍ୱାରା ଗଣମାଧ୍ୟମ ପ୍ରତିନିଧି ଏବଂ କମ୍ପାନୀର ନେତୃତ୍ୱ ମଣ୍ଡଳୀଙ୍କ ମଧ୍ୟରେ କମ୍ପାନୀର ଦୃଷ୍ଟିକୋଣ, ଅଭିବୃଦ୍ଧି ପଥ, ଆଗାମୀ ପ୍ରକଳ୍ପ ଏବଂ ସିଏସ୍ଆର୍ ପଦକ୍ଷେପ ବିଷୟରେ ଆଲୋଚନା ହୋଇପାରିଛି। ପାରସ୍ପରିକ ସହଯୋଗ ମାଧ୍ୟମରେ ଅଂଶୀଦାରମାନଙ୍କ ସହ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ନାଲ୍‌କୋର ଆଭିମୁଖ୍ୟକୁ ଗଣମାଧ୍ୟମ ସମ୍ପ୍ରଦାୟ ଦ୍ୱାରା ପ୍ରଶଂସା କରାଯାଇଥିଲା।

# ଇକ୍ୱିଟି ବଜାରରେ ନୂଆ ରଣନୀତି

ଭୁବନେଶ୍ୱର,୧୯।୮

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ତଥା ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଆଜିର ନିରନ୍ତର ବିକଶିତ ଇକ୍ୱିଟି ବଜାର ଦୃଶ୍ୟପଟରେ କମ୍ପାନୀ ତା'ର ଇକ୍ୱିଟି ରଣନୀତିକୁ ଦୁଇଟି କ୍ଷେତ୍ରରେ ବିଭାଜନ କରିଛି। ଏପରିକି ସମୟ-ପରୀକ୍ଷିତ ନିବେଶ କାରକ: ଗତି ଏବଂ ଗୁଣବତ୍ତା ଉପରେ କେନ୍ଦ୍ରିତକରି କମ୍ପାନୀ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଏହି ପଦ୍ଧତି କେବଳ ଏକ କୌଶଳଗତ ପଦକ୍ଷେପ ନୁହେଁ ବରଂ ଐତିହାସିକ ତଥ୍ୟ ଏବଂ ଦୃଢ଼ ବିଶ୍ଳେଷଣ ଦ୍ୱାରା ସମର୍ଥିତ ରହିଛି। ସେହିଭଳି ଏହି ଦୁଇଟି ଶୈଳୀ ଉପରେ ବାଜି ଲଗାଇ ପାଣ୍ଠି ହାଉସ୍ ଅଭିବୃଦ୍ଧି ସମ୍ଭାବନା ଏବଂ ମୌଳିକ ଶକ୍ତି ମଧ୍ୟରେ ସନ୍ତୁଳନ ବଜାୟ ରଖି ବଜାର ଦକ୍ଷତାକୁ ବୃଦ୍ଧି କରିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି। ଏପରିକି ମୋମେଣ୍ଟମ୍ ନିବେଶ ଏହି ଆଧାର ଉପରେ ଆଧାରିତ ରହିଛି, ନିକଟ ଅତୀତରେ ଭଲ ପ୍ରଦର୍ଶନ କରିଥିବା ଷ୍ଟକ୍‌ଗୁଡିକ ନିକଟ ଭବିଷ୍ୟତରେ ସେମାନଙ୍କର ଊର୍ଦ୍ଧ୍ୱଗାମୀ ଗତିପଥ ଜାରି ରଖିଛନ୍ତି ଏବଂ ବହୁ ସମୟ ଧରି ବ୍ୟାପକ ବିଏସ୍ଇ ୫୦୦ ଟିଆର୍ଆଇ ତୁଳନାରେ ବିଏସ୍ଇ ୫୦୦ ମୋମେଣ୍ଟମ୍ ୫୦ଟିଆର୍ଆଇର ବିଶ୍ଳେଷଣ ଦର୍ଶାଉଛି। ପରବର୍ତ୍ତୀ ବର୍ଷରେ ଅଧିକ ରିଟର୍ନ ପ୍ରଦାନ କରିବା ପୂର୍ବରୁ ମୋମେଣ୍ଟମ୍ ଇଣ୍ଡେକ୍ସ ପ୍ରାୟତଃ ଅସ୍ଥାୟୀ ଭାବେ କମ୍ ପ୍ରଦର୍ଶନ କରିଥାଏ। ବିଏସ୍ଇ ୫୦୦ ମୋମେଣ୍ଟମ୍ ୫୦ କାର୍ଯ୍ୟଦକ୍ଷତାର ଏକ ଉଲ୍ଲେଖନୀୟ ଢାଞ୍ଚା ଦେଖା ଦେଇଛି, ମୋମେଣ୍ଟମ୍ କମ୍ ପ୍ରଦର୍ଶନର ସମୟାବଧି ପ୍ରାୟତଃ ତଳକୁ ଚିହ୍ନିତ ସହ ଭବିଷ୍ୟତର ଅଧିକ ପ୍ରଦର୍ଶନ ପାଇଁ ସ୍ତର ସ୍ଥାପନ କରିଛି।


# Classified Everyday
0674-2580101, 9692975378


**MATRIMONIAL**

**GROOM WANTED**

Beautiful Karan girl 1992, 5'2", B.Tech (Electrical) Serving Dy. Manager OPTCL, "SUNASANSAR". 9937512659. D-1673

ବୟସ 29, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1663

60 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735429. D-1659


**REAL ESTATE**
**SALE**

Duplex sale with gated Society near Allms Hospital, Bhubaneswar-9777433701. D-1614

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

**LOST**

I Asish Kumar Shukla, C/o- Ashok Kumar Shukla, At- Dihasahi, Gopalpur, Cuttack declare that I have lost my B.Tech in I.T. Certificate having Sl. No.- AWHF06009609 has been missed at Pratapnagari on dt. 16.08.2025. If somebody found this same please contact- 9346035973. D-1694

**AFFIDAVIT**

Puna Chand Gouda, S/o- Tabata Gouda, At/P.O.- Panada, PIN-761055 have change my name to Purna Chandra Gouda vide affidavit dated 05.08.25, At-Bhubaneswar. D-1690

By virtue of an affidavit sworn in the Court of Dasarathpur, I Kalandi Behuria, S/o- Gouranga Behuria, At- Chhanchina, P.O.- Khosalpur, P.S.- Dasarathpur, Dist.- Jajpur my Aadhaar Card No.- XXXX XXXX 7567. But correction of Aadhaar Vide No.- xxxx xxxx 6802 of my daughter name was Siprarani Behuria and after correction of my daughter's Aadhaar her name is recorded as Sipra Behuria and all Education Certificates her actual name is mentioned as Siprarani Behuria. So that I further declared that Siprarani Behuria and Sipra Behuria is one and same person in the same locality vide affidavit No.- 2286/13/8/2025. D-1695

I, **Sudha Devi**, W/o- Dhiraj Kumar Daga, resident of Niharika Apartment, Laxmi Sagar, Bhubaneswar, State- Odisha, PIN-751006 declare by this affidavit No.- 763, dtd. 07.08.2025, that now onwards I shall be known as **Sudha Devi Daga** for all future purposes.
Sd- (Sudha Devi Daga) D-1699

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Executive Magistrate, Boudh, No.- 1157, date 19.08.25, I Jatndra Pradhan, R/o. Village- Tangarpali, P.O.- Birigada, P.S./ Dist.- Boudh, Odisha, PIN- 762026 declare that I have changed my son's name from Pramanand Pradhan to Premananda Pradhan. Henceforth, he shall be known as Premananda Pradhan for all purpose.
Jatndra Pradhan D-1691

I Kiran Kishan, aged about 27years, W/o-Mihir Lakra, Resident of Vill-Bhogra, P.O.-Koronga, P.S.- Kutra, Dist.- Sundargarh, Odisha do hereby solemnly affirm and declare as under, My Aadhaar Card vide No.- XXXX XXXX 9698 in which my name has been wrongly mentioned as Kiran Lakra instead of Kiran Kishan. That Kiran Kishan and Kiran Lakra denotes to one and same person i.e. my self.
Kiran Kishan D-1692

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

IN THE COURT OF THE ADDITIONAL DISTRICT JUDGE ODAGAON
RFA No.- 12/2024
ଛତି@ଛବି ବେହେରା ...ବାଦୀ
ବନାମ
ସୁରେନ୍ଦ୍ର ବେହେରା ଏବଂ ଅନ୍ୟମାନେ ..... ପ୍ରତିବାଦୀ
NOTICE U/O-5, RULE-20(A) C.P.C.
୧) ଟୁନା ବେହେରା, ବୟସ ବ୪୪ର୍ଷ, ପିତା- ମୃତ ଶଙ୍କର ବେହେରା, ୨) ବାଟି@ରାମକୃଷ୍ଣ ବେହେରା, ବୟସ ବ୫୦ର୍ଷ, ପିତା- ମୃତ ଚକ୍ରଧର ବେହେରା ୧ ଓ ୨ର ଠିକଣା ସା- ଜମୁଝୋଲା, ପୋଷ୍ଟ- ଗୋଡିସାହି, ଥାନା- ଶରଣକୁଳ, ଜିଲ୍ଲା-ନୟାଗଡ଼।
ଏହି ନୋଟିସ ଦ୍ୱାରା ଆପଣ ପ୍ରତିବାଦୀ ନଂ.-୨ ଏବଂ ୯- aଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କ ବିରୁଦ୍ଧରେ ମାନ୍ୟବର ADJ, ଓଡ଼ଗାଁଙ୍କ ଅଦାଲତରେ ଉପରୋକ୍ତ ଅପିଲ ବିଚାରାଧୀନ ଅଛି। ତେଣୁ ଆପଣମାନଙ୍କୁ ଧାର୍ଯ୍ୟ ତାରିଖ ତା୧୦।୦୯।୨୫ରିଖ ସମୟ ୧୦:୩୦ A.M.ରେ ମାନ୍ୟବର ADJ, ଓଡ଼ଗାଁଙ୍କ ଇଜିଲାସରେ ନିଜେ କିମ୍ବା ଆପଣଙ୍କ ଓକିଲ/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ହାଜରହୋଇ ଅପିଲ ପରିଚାଳନା କରିବେ। ଯଦି ଧାର୍ଯ୍ୟ ତାରିଖରେ ଆପଣ ଅତ୍ର ଅଦାଲତରେ ଉପସ୍ଥିତ ନହେଲେ ଆପଣଙ୍କ ଅନୁପସ୍ଥିତିରେ ଉକ୍ତ ଅପିଲକୁ ଫଇସଲା ନିମନ୍ତେ ବିଚାର କରାଯିବ।
ସ୍ଥାନ: ଓଡ଼ଗାଁ
ତାରିଖ:
ସ୍ୱା./- ADJ, ODAGAON D-1693

**ମନେ ପଡ଼ନ୍ତି**

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ଶ୍ରୀମତୀ ସୌମ୍ୟା ମିଶ୍ର**
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୮।୧୯୭୫
ତିରୋଧାନ: ୨୦।୦୮।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ମାତା: ଶ୍ରୀମତୀ ଗାୟତ୍ରୀ ମିଶ୍ର ଏବଂ ଶ୍ରୀମତୀ ଶାନ୍ତା ମିଶ୍ର।
ଧ-୧୬୮୮

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଇନ୍‌ଫିନିକ୍ସର ଲାଇଭ ସେଲ୍

ଭୁବନେଶ୍ୱର,୧୯।୮

ଇନ୍‌ଫିନିକ୍ସର ବହୁ ପ୍ରତୀକ୍ଷିତ ଅଫର ତଥା ଲାଇଭ ସେଲ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ୨୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ପ୍ରତିଯୋଗିତାପୂର୍ଣ୍ଣ ଗେମିଂ ସ୍ମାର୍ଟଫୋନ୍ ଇନ୍‌ଫିନିକ୍ସ ଜିଟି ୩୦ ୫ଜି+ ଫ୍ଲିପ୍‌କାର୍ଟରେ ଉପଲବ୍ଧ ରହିଛି। ଏହି ସେଲ୍ ଲାଇଭ ରହିଥିବାବେଳେ ଏହାର ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ସୀମିତ ଅବଧି ପାଇଁ ସମସ୍ତ ଲଞ୍ଚ ଅଫର ସହ ୧୭,୯୯୯ ଟଙ୍କାର ଏକ ସ୍ୱତନ୍ତ୍ର ମୂଲ୍ୟରେ ସୀମିତ ୟୁନିଟ୍ ସହ ଉପଲବ୍ଧ। ଜିଟି ୩୦ ୫ଜି+ ସାଇବର ମେକା ୨.୦ ଡିଜାଇନ ସହ ସ୍ୱଷ୍ଟ ଜିଓମେଟ୍ରିକ୍ ଲାଇନଗୁଡିକୁ ଏକତ୍ରିତ କରିଛି ଏବଂ ସାଇବର ଗ୍ରୀନ୍, ପଲ୍‌ସ ବ୍ଲୁ ଓ ବ୍ଲେଡ୍ ହ୍ୱାଇଟ କଲରରେ ଏହା ଉପଲବ୍ଧ। ଏହାର ବ୍ୟାକ୍ ପ୍ୟାନେଲରେ ପ୍ରୋଗ୍ରାମେବୁଲ ହ୍ୱାଇଟ ଏଲ୍ଇଡି ଲାଇଟିଂ ରହିଛି, ଯାହା ଚାର୍ଜିଂ, ମ୍ୟୁଜିକ ଓ ନୋଟିଫିକେଶନଗୁଡିକୁ ଚମତ୍କାର ଭାବେ ପ୍ରତିକ୍ରିୟା ଦେଇଥାଏ। ଏହି ଫୋନ୍‌ରେ ୪୫ ୱାଟ ଫାଷ୍ଟ ଚାର୍ଜିଂ ସହ ୫୫୦୦ଏମ୍ଏଏଚ୍ ବ୍ୟାଟେରି, ଗେମ୍‌ପ୍ଲେ ସମୟରେ ଉତ୍ତାପ ହ୍ରାସ କରିବା ପାଇଁ ବାଇପାସ୍ ଚାର୍ଜିଂ ଏବଂ ଯାତ୍ରା ସମୟରେ ଅନ୍ୟ ଡିଭାଇସ୍‌ଗୁଡିକୁ ଚାର୍ଜ କରିବା ପାଇଁ ୱାୟାର୍ଡ ରିଭର୍ସ ଚାର୍ଜିଂ ଭଳି ଫିଚର ରହିଛି।

# ବଜାରରେ ରେଡ୍‌ମି ୧୫

ଭୁବନେଶ୍ୱର,୧୯।୮

ସାଓମି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ରେଡ୍‌ମି ୧୫ ୫ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ରେଡ୍‌ମି ୧୫ ୫ଜି ଏକ ସେଗ୍‌ମେଣ୍ଟ-ପ୍ରଥମ ୭୦୦୦ ଏମ୍ଏଏଚ୍ ଇଭି-ଗ୍ରେଡ୍ ସିଲିକନ-କାର୍ବନ ବ୍ୟାଟେରିର ଉନ୍ମୋଚନ କରିଛି, ଏହା ୩୩ ୱାଟ ଫାଷ୍ଟ ଚାର୍ଜିଂ ଓ ୧୮ୱାଟ ରିଭର୍ସ ଚାର୍ଜିଂ ସହିତ ୪୮ଘଣ୍ଟାର ପାୱାର ପ୍ରଦାନ କରୁଛି। ଏଥିରେ ଏକ ୬.୯ ଇଞ୍ଚ ଏଫ୍ଏଚ୍‌ଡି+ ଆଡାପ୍ଟିଭ ସିଙ୍କ ଡିସ୍‌ପ୍ଲେ ସହ ୧୪୪ଏଚ୍‌ଜେଡ୍ ପର୍ଯ୍ୟନ୍ତ ରିଫ୍ରେଶ ରେଟ, ଟିୟୁଭି ରେନଲ୍ୟାଣ୍ଡ ଟ୍ରିପଲ ସାର୍ଟିଫିକେଶନ ଏବଂ ନିମଜ୍ଜିତ ମନୋରଞ୍ଜନ ପାଇଁ ଡଲ୍‌ବି-ସାର୍ଟିଫାଏଡ ସ୍ପିକର ରହିଛି। ଏହି ଫୋନ ମାତ୍ର ୧୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଫ୍ରଷ୍ଟେଡ ହ୍ୱାଇଟ, ମିଡ୍‌ନାଇଟ ବ୍ଲାକ ଓ ସ୍ୟାଣ୍ଡି ପର୍ପଲରେ ଉପଲବ୍ଧ ହେବାକୁ ଯାଉଛି।



# ନଳିତା ଶଢ଼ାଇବା ପ୍ରଣାଳୀ

ଗଛଗୁଡ଼ିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟହେବାକୁ ଦିଏନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ପାଇଁ ଅଧିକ ଉପଯୋଗୀ। ବିଡ଼ାଗୁଡ଼ିକୁ ୬୦ସେ.ମି. ପାଣି ଥିବା ସ୍ଥାନରେ ୨-୩ ଦିନ ଠିଆକରି ରଖାଯିବା ଆବଶ୍ୟକ । ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡ଼େଇ ୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ। ତା' ପରେ ବିଡ଼ାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ନଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲ୍‌ଚର ବ୍ୟବହାର କରନ୍ତୁ। ନଳିତାରେ ଘୋଡ଼ାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଏଣ୍ଡୋସଲ୍‌ଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡଶଢ଼ା ରୋଗ ଦେଖାଯାଇଥାଏ। ଏହାଦ୍ୱାରା ପତ୍ର ଝଡ଼ିଯାଏ ଏବଂ କାଣ୍ଡ କଳା ପଡ଼ି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧ଗ୍ରାମ୍ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ।

## ଚାଷୀଙ୍କ ପାଇଁ..



**ବା**ଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟି ନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍ x ୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନକରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ। ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ।

# ଖରିଫ ଘାସ ଚାଷ



କେଶବ କୁମାର ମହାପାତ୍ର

"ବର୍ଷାଦିନରେ ଚାଷକରାଯାଉଥିବା ଘାସ ମଧ୍ୟରେ ଶସ୍ୟ ଜାତୀୟ ମକା, ଏମ୍‌ପି ଚେରୀ, ଜୁଆର, ବାଜରା, ମକ୍‌ଚେରି, ମିଠାସୁଦାନ ଓ ଛୁଇଁ ଜାତୀୟ ଘାସ ମଧ୍ୟରେ ବରଗୁଡ଼ି, ଗୁଆଁର, ବିଲଶିମ୍ବ ଓ ଡଙ୍ଗରରାଣୀ ପ୍ରଧାନ । ସବୁ ଚାଷ ପରି ଏହି ଚାଷ ପାଇଁ ମଧ୍ୟ ହଳକରି ଏକର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ, ୫୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍‌ଫେଟ୍ କିମ୍ବା ୪୦ କିଲୋ ଗ୍ରାମ୍ ଡିଏପି ଓ ୧୦ କିଲୋ ଗ୍ରାମ ପଟାସ ଆବଶ୍ୟକ । ଗଛ ଉଠିବାର ୧୬ରୁ ୨୧ ଦିନ ମଧ୍ୟରେ ଏକର ପ୍ରତି ୨୦ରୁ ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗକଲେ ଆଶାନୁରୂପ ଅମଳ ମିଳିଥାଏ । ସମସ୍ତ ଶସ୍ୟ ଜାତୀୟ ଘାସ ପାଇଁ ୧୫ରୁ ୨୦ କିଲୋଗ୍ରାମ ମଞ୍ଜି ଓ ଛୁଇଁ ଜାତୀୟ ଘାସ ପାଇଁ ୧୦ରୁ ୧୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମାତ୍ର ବାଜରାର ମଞ୍ଜି ଛୋଟ ହୋଇଥିବାରୁ ଏହାର ୪ରୁ ୫ କିଲୋଗ୍ରାମ ମଞ୍ଜି ଏକର ପାଇଁ ଯଥେଷ୍ଟ ହୋଇଥାଏ ।"

**ଆ**ମ ରାଜ୍ୟରେ ମୌସୁମୀ ବର୍ଷା ସାଧାରଣତଃ ଜୁନ୍ ୧୫ରୁ ଆରମ୍ଭ ହୋଇ ଅକ୍ଟୋବର ୧୫ ପର୍ଯ୍ୟନ୍ତ ରହିଥାଏ। ସେ ସମୟରେ ଗୋଚର, ଅନାବାଦୀ ପଡ଼ିଆ ଇତ୍ୟାଦିରେ ସବୁଜ ଘାସ କଅଁଳେ। ମାତ୍ର ଦିନକୁ ଦିନ ଗୋରୁ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁଙ୍କର ସଂଖ୍ୟା ବଢ଼ିଗଲାଣି । ତେଣୁ ପ୍ରାକୃତିକ ଉପାୟରେ ମିଳୁଥିବା ଘାସ ସେମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ ଓ ସେ ସବୁରେ ମଧ୍ୟ ଖାଦ୍ୟସାରର ପରିମାଣ କମ୍, ତେଣୁ ବର୍ଷାଦିନରେ ଉନ୍ନତ ଘାସ ଚାଷକଲେ ଗୋରୁ ପ୍ରଭୃତି ସୁଷମ ଖାଦ୍ୟ ପାଇବା ସହ କମ୍ ଖର୍ଚ୍ଚରେ ପଶୁପାଳନ କରି ଚାଷୀ ଲାଭବାନ୍ ହୋଇଥାନ୍ତି । ବର୍ଷାଦିନରେ ବିଭିନ୍ନ ଋତୁକାଳୀନ ଘାସଚାଷ ହେବା ସହ ସବୁଦିନିଆ ଘାସ ମଧ୍ୟ ଲଗାଯାଇପାରିବ ଓ ଗୋଚର ଉନ୍ନୟନ ପାଇଁ ମଧ୍ୟ ଏହି ସମୟ ଉପଯୁକ୍ତ ।

**ଋତୁକାଳୀନ ଘାସ :** ବର୍ଷାଦିନରେ ଚାଷକରାଯାଉଥିବା ଘାସ ମଧ୍ୟରେ ଶସ୍ୟ ଜାତୀୟ ମକା, ଏମ୍‌ପି ଚେରୀ, ଜୁଆର, ବାଜରା, ମକ୍‌ଚେରି, ମିଠାସୁଦାନ ଓ ଛୁଇଁ ଜାତୀୟ ଘାସ ମଧ୍ୟରେ ବରଗୁଡ଼ି, ଗୁଆଁର, ବିଲଶିମ୍ବ ଓ ଡଙ୍ଗରରାଣୀ ପ୍ରଧାନ । ସବୁ ଚାଷ ପରି ଏହି ଚାଷ ପାଇଁ ମଧ୍ୟ ହଳକରି ଏକର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ, ୫୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍‌ଫେଟ୍ କିମ୍ବା ୪୦ କିଲୋଗ୍ରାମ ଡିଏପି ଓ ୧୦ କିଲୋଗ୍ରାମ ପଟାସ ଆବଶ୍ୟକ । ଗଛ ଉଠିବାର ୧୬ରୁ ୨୧ ଦିନ ମଧ୍ୟରେ ଏକର ପ୍ରତି ୨୦ରୁ ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗକଲେ ଆଶାନୁରୂପ ଅମଳ ମିଳିଥାଏ । ସମସ୍ତ ଶସ୍ୟଜାତୀୟ ଘାସ ପାଇଁ ୧୫ରୁ ୨୦ କିଲୋଗ୍ରାମ ମଞ୍ଜି ଓ ଛୁଇଁ ଜାତୀୟ ଘାସ ପାଇଁ ୧୦ରୁ ୧୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମାତ୍ର ବାଜରାର ମଞ୍ଜି ଛୋଟ ହୋଇଥିବାରୁ ଏହାର ୪ ରୁ ୫ କିଲୋଗ୍ରାମ ମଞ୍ଜି ଏକର ପାଇଁ ଯଥେଷ୍ଟ ହୋଇଥାଏ । ଏମ୍‌ପି ଚେରୀ, ବାଜରା ଓ ଜୁଆର ଇତ୍ୟାଦି ଫୁଲ ଉଡ଼ାଇଲା ବେଳେ ମକା ମଞ୍ଜିରେ କ୍ଷୀର ହେଲେ ଓ ବରଗୁଡ଼ି, ଗୁଆଁର ଇତ୍ୟାଦିରେ ଫୁଲ ଫୁଟି ଛୁଇଁ ଧରିଲେ ଘାସ ଅମଳ କରାଯାଇଥାଏ। ଶସ୍ୟ ଜାତୀୟ ଘାସରୁ ୧୦୦ରୁ ୧୫୦ କୁଇଣ୍ଟାଲ ଏବଂ ଛୁଇଁ ଜାତୀୟ ଘାସରୁ ୭୦ରୁ ୧୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଏକର ପ୍ରତି ଅମଳ ମିଳିଥାଏ।

**ସବୁଦିନିଆ ଘାସ :** ବର୍ଷାଦିନେ ମଧ୍ୟ ସବୁଦିନିଆ ଘାସରୋପଣ କରିବାର ଉପଯୁକ୍ତ ସମୟ । ଜମି ପ୍ରସ୍ତୁତକରି ଏକର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ, ୧୦୦ କିଲୋଗ୍ରାମ ସୁପର ଫସ୍‌ଫେଟ୍ ସାର କିମ୍ବା ୫୦ କିଲୋ ଗ୍ରାମ ଡିଏପି ଓ ୧୫ କିଲୋଗ୍ରାମ



ପଟାସ ସାର ଦେଇ ଜମି ପ୍ରସ୍ତୁତ କରାଯାଏ । ସବୁଦିନିଆ ତୃଣ ଜାତୀୟ ଘାସର ମୂଳ ବା କାଣ୍ଡ ରୋପଣ କରାଯାଇଥାଏ। ଲଗାଇବାର ୩ ସପ୍ତାହ ପରେ ୟୁରିଆ ସାର ଦେବାକୁ ହୋଇଥାଏ । ସଙ୍କର ହାତିଆ, ଗିନି ଓ କଙ୍ଗୋ ସିଗ୍‌ନାଲ ଇତ୍ୟାଦି ଏକର ପ୍ରତି ଯଥାକ୍ରମେ ୫୦୦୦, ୬୦୦୦ ଓ ୮୦୦୦ ବୁଦା ଲଗାଯାଇଥାଏ । ସନ୍ତସନ୍ତିଆ ଜମିରେ ପାରା ଘାସ ୧୫ରୁ ୨୦ ହଜାର ଖଣ୍ଡ ରୋପଣ କରିବାକୁ ହୋଇଥାଏ ।

**ଗୋଚର ଉନ୍ନୟନ :** ବର୍ଷାଦିନ ମଧ୍ୟ ଗୋଚର ଉନ୍ନୟନ ପାଇଁ ଉପଯୁକ୍ତ ସମୟ । ଗୋଚର ଜମିରେ ଅଧିକ ଘାସ ଉତ୍ପାଦନ ପାଇଁ ଦୀନାନାଥ, ରୋଡସ୍, ସଦାବାହାର, ଅଞ୍ଜନ ଆଦି ତୃଣଜାତୀୟ ଘାସ ସହ ଷ୍ଟାଇଲୋ ଇତ୍ୟାଦି ଛୁଇଁ ଜାତୀୟ ଘାସ ରୋପଣ କରାଯାଇଥାଏ । ଗୋଖାଦ୍ୟ ବୃକ୍ଷଭାବରେ ସୁବାବୁଲ, ଅଗସ୍ତି,ଚାକୁଣ୍ଡା, ଡିମିରି, ଶିରିଶ ଇତ୍ୟାଦି ରୋପଣକଲେ ଡାଳପତ୍ର ଆକାରରେ କିଛି ଅଧିକ ସବୁଜ ଗୋଖାଦ୍ୟ ମିଳିପାରିବ ।

ବର୍ଷର ଅନ୍ୟ ସମୟରେ ଜଳସେଚନର ଅଭାବ ଓ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ପାଇଁ ଅଧିକ ଘାସଚାଷ କରାଯାଇପାରେ ନାହିଁ। ତେଣୁ ବର୍ଷାଦିନରେ ଅଧିକ ଘାସଚାଷ କରି ଘାସ ଆଚାର ଓ ଘାସ ଶୁଖୁଆ ଭାବରେ ସାଇତି ରଖିପାରିଲେ ନିଅଣ୍ଟିଆ ସମୟରେ ଗୋରୁଙ୍କୁ ତାହା ଖୁଆଇ କମ୍ ଖର୍ଚ୍ଚରେ ଗୋପାଳନ କରିହେବ।

-ମଧୁବାବୁ କମ୍ପ୍ଲେକ୍ସ,
ଖନ୍ତପଡ଼ା, ବାଲେଶ୍ୱର
ମୋ : ୯୪୩୭୧୧୭୪୦୬

# ବର୍ଷାଋତୁରେ ପ୍ରାଣୀଙ୍କ ଯତ୍ନ



**ଗୁ**ହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ। ଫାଟୁଆ, ପ୍ଳୀହା ଜ୍ୱର, ବଜବଜିଆ, ସାହାଣା ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ । ଗୋରୁଙ୍କର ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ। ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ। ଗୁହାଳ ଚତୁଃପାର୍ଶ୍ୱରେ ଜଳ ଜମାହେବା ପାଇଁ ଦିଅନ୍ତୁ ନାହିଁ। କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ । ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂର୍ଣ୍ଣ ପକାଇ ଦିଅନ୍ତୁ। କକ୍‌ସିଡିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ। ରାଣୀକ୍ଷେତ, ଆଇବିଡି ରୋଗର ଟିକା ଯଥାକ୍ରମେ ୫ରୁ ୭ ଦିନ ଓ ୧୨ ରୁ ୧୪ଦିନ ବୟସର ବ୍ରଏଲର କୁକୁଡ଼ାମାନଙ୍କୁ ଦିଅନ୍ତୁ।

# ତଳିଘରା ପ୍ରସ୍ତୁତି କରୁଥିଲେ...

**ଅ**ନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ। ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ।

ପଟାଳିଗୁଡ଼ିକ ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡ଼ିବେ, କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ। ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ବ୍ୟବଧାନରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ। ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ। ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇଦିଅନ୍ତୁ । ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତ। ଜମି କାଦୁଅ ପାଇଁ ଟ୍ରାକ୍ଟରଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟରଚାଳିତ ଧାନରୁଆ ଯନ୍ତ୍ର



ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇପାରବେ। ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ। ସଘନ ଧାନଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାରକରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

# ଆଭ୍ୟନ୍ତରୀଣ ଜିଲାରେ ଡାଲିଚାଷ



**ଆ**ଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ। ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ।

# ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



**ପ**ନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ। ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳୀର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ ।

# ସଘନ ମାଛଚାଷ

**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ,



ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ଟି, ରୋହି ୧୬୦୦ଟି, ମିରିକାଳି ୮୦୦ଟି ଏବଂ ବିଲାତି ରୋହି ୪୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ। ଯାଆଁଳ ସକାଳ ବା ସନ୍ଧ୍ୟା ସମୟରେ ଛଡ଼ାଯାଏ। ଯାଆଁଳ ଛାଡ଼ିବା ପୂର୍ବରୁ ଯାଆଁଳ ମୁଣାକୁ କିଛି ସମୟ ପାଇଁ ପୋଖରୀ ପାଣିରେ ଭସାଇ ରଖିବା ଉଚିତ। ଏହାଦ୍ୱାରା ମୁଣା ଭିତରେ ଓ ବାହାରର ଉତ୍ତାପ ସମାନ ସ୍ତରକୁ ଆସିଥାଏ। ତା'ପରେ ମୁଣାଟିର ମୁହଁ ଖୋଲି ଧୀରେ ଧୀରେ ପୋଖରୀ ପାଣି ଭର୍ତ୍ତିକରନ୍ତୁ ଓ ମୁଣାଟିକୁ ତଳ ପାଖରୁ ଟେକି ଯାଆଁଳଗୁଡ଼ିକୁ ପୋଖରୀରେ ଛାଡ଼ନ୍ତୁ।

# ଶ୍ରାବଣୀ, ପ୍ରଜ୍ଞା, ଅମିୟ, ଅନିମେଶଙ୍କ ଉପରେ ନଜର


ପ୍ରଜ୍ଞା ପ୍ରଶାନ୍ତି ସାହୁ


ଶ୍ରାବଣୀ ନନ୍ଦ


ଅମିୟ ମଲିକ


ଅନିମେଶ କୁଜୁର

## ଆଜିଠୁ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ
## ପ୍ରଥମ ଦିବସରେ ୭ ଫାଇନାଲ

**ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)**

ଜାତୀୟ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ବୁଧବାରଠାରୁ ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆରମ୍ଭ ହେବ। ୫ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୪୫ଟି ଇଭେଣ୍ଟ ଆୟୋଜନ ହେବ। ଓଡ଼ିଶାରୁ ମୋଟ ୨୩ ପ୍ରତିଯୋଗୀ ଏଥିରେ ପ୍ରତିନିଧିତ୍ୱ କରିବେ। ପ୍ରଥମ ଦିବସରେ ୭ଟି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ। ଏହା ମଧ୍ୟରେ ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ମହିଳା ଓ ପୁରୁଷ ୧୦୦ ମିଟର ରେସ୍ ସାମିଲ। ଏଥିରେ ଓଡ଼ିଶାର ତାରକା ଆଥ୍‌ଲେଟ୍ ତଥା ପୂର୍ବତନ ଜାତୀୟ ରେକର୍ଡଧାରୀ ଅମିୟ ମଲିକ ଏବଂ ଶ୍ରାବଣୀ ନନ୍ଦଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ଅମିୟ ୪x୧୦୦ ମିଟର ରିଲେରେ ମଧ୍ୟ ଭାଗନେବେ। ସେହିପରି ଶ୍ରାବଣୀ ୧୦୦ ମିଟର ବ୍ୟତୀତ ୨୦୦ ଓ ୪x୧୦୦ ମିଟର ରିଲେରେ ଅଂଶଗ୍ରହଣ କରିବେ। ପ୍ରଥମ ଦିବସରେ ଶେଷ ହେବାକୁଥିବା ଅନ୍ୟ ୫ଟି ଇଭେଣ୍ଟ ହେଲା ପୁରୁଷ ୧୦,୦୦୦ ମିଟର, ପୋଲ ଭଲ୍ଟ, ମହିଳା ହାମର ଥ୍ରୋ, ଟ୍ରିପଲ ଜମ୍ପ ଓ ୫୦୦୦ ମିଟର ରେସ୍।

ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅନ୍ୟ ମହିଳା ଆଥଲେଟ୍‌ଙ୍କ ମଧ୍ୟରେ ବନିତା ବେହେରା ୧୦୦ ମିଟର, ୪x୧୦୦ ମିଟର ରିଲେ, ବରଗଡ଼ର ମୌସୁମୀ ରାୟ ୧୦୦ ମିଟର, ୪x୧୦୦ ମିଟର ରିଲେ, ଓଡ଼ିଶା ପୋଲିସର ବୋନିତା ଲାକ୍ରା ୪x୧୦୦ ମିଟର ରିଲେ, ଭୁବନେଶ୍ୱରର ଲକ୍ଷ୍ମୀପ୍ରିୟା କିସାନ ୪୦୦, ୮୦୦ ମିଟର, ସବିତା ଟପ୍ପୋ ୪x୧୦୦ ମିଟର ରିଲେ, ପାରାଦୀପ ପୋର୍ଟର ଦିବ୍ୟା ସାଣ୍ଡିଲ୍ୟ ହାମର ଥ୍ରୋ, କେନ୍ଦୁଝରର ମନୀଷା ମେରେଲ ଲଙ୍ଗଜମ୍ପ ଏବଂ ବାଲେଶ୍ୱରର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୦୦ ମିଟର ହର୍ଡଲ୍ସ, ୪x୧୦୦ ମିଟର ରିଲେ ଇଭେଣ୍ଟରେ ଭାଗନେବେ। ପ୍ରଜ୍ଞା ନିକଟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ)ରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କ ଉପରେ ନଜର ରହିବ। ସେହିପରି ଅନ୍ୟ ପୁରୁଷ ଆଥ୍‌ଲେଟଙ୍କ ମଧ୍ୟରେ ଓଡ଼ିଶା ଏଟ୍‌ପିସିର ଅନିମେଶ କୁଜୁର ୨୦୦ ମିଟର ଓ ୪x୧୦୦ ମିଟରରେ ଭାଗନେବେ। ସମ୍ପ୍ରତି ଅନିମେଶ ଚମତ୍କାର ଫର୍ମରେ ଥିବାରୁ ତାଙ୍କ ଉପରେ ମଧ୍ୟ ନଜର ରହିବ। କଳାହାଣ୍ଡିର ଡି. ଜୟରାମ ୧୦୦, ୨୦୦ ମିଟର ଓ ୪x୧୦୦ ମିଟର ରିଲେ, ଲାଲୁ ପ୍ରସାଦ ଭୋଇ ୪x୧୦୦ ମିଟର ରିଲେ, କଳାହାଣ୍ଡିର ସରୁନ ପାୟାସିଂ ୧୦୦ ମିଟର, ଲଙ୍ଗଜମ୍ପ, ୪x୧୦୦ ମିଟର ରିଲେ, ବରଗଡ଼ର ପ୍ରତୀକ ମହାରଣା ୧୦୦ ମିଟର(ୱାଇଲ୍ଡ କାର୍ଡ), ୨୦୦ ମିଟର, ୪x୧୦୦ ମିଟର ରିଲେ, ସୋନପୁରର ଦୟାନିଧି ମୁଣ୍ଡା ୮୦୦, ୧୫୦୦ ମିଟର, ୪x୪୦୦ ମିଟର ରିଲେ, କିଟ୍‌ର ବିକ୍ରାନ୍ତ ମଲିକ ଜାଭେଲିନ୍ ଥ୍ରୋ, କଟକର ଆସ୍ତିକ ପ୍ରଧାନ ୪୦୦ ମିଟର, ୪x୪୦୦ ମିଟର ରିଲେ, ବରଗଡ଼ର ମଳୟ ବାରିକ ୪x୪୦୦ ମିଟର ରିଲେ, ଯାଜପୁରର ଭୀମା ସର୍ଦ୍ଦାର ୪x୪୦୦ ମିଟର ରିଲେ, ଭଦ୍ରକର ହରିଶଙ୍କର ପାଣିଗ୍ରାହୀ ୪x୪୦୦ ମିଟର ରିଲେ, ଅନୁଗୋଳର ସ୍ୱାଧୀନ କୁମାର ମାଝୀ ହାଇଜମ୍ପ, ସୁନ୍ଦରଗଡ଼ର ଅଭିନାଶ ସାହୁ ୧୦୦ ମିଟର (ୱାଇଲ୍ଡ କାର୍ଡ) ଇଭେଣ୍ଟରେ ଅଂଶଗ୍ରହଣ କରିବେ।

# ଗିଲ୍ ଉପଅଧିନାୟକ, ବୁମ୍‌ରା ସାମିଲ


## ଏସିଆ କପ୍ ଲାଗି ଭାରତୀୟ ଦଳ ଘୋଷଣା

**ମୁମ୍ବାଇ, ୧୯।୮ (ପି.ଟି.)**

ଆସନ୍ତା ୯ ତାରିଖରୁ ୟୁଏଇରେ ହେବାକୁଥିବା ଏସିଆ କପ୍ ଲାଗି ମଙ୍ଗଳବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳର ଉପଅଧିନାୟକ ନିଯୁକ୍ତ କରାଯାଇଥିବା ବେଳେ ପ୍ରିମିୟର ପେସର ଯଶପ୍ରୀତ ବୁମ୍‌ରାଙ୍କୁ ଦଳରେ ସାମିଲ କରାଯାଇଛି। ଗିଲ୍ ଅନ୍ତିମଥର ୨୦୨୪ରେ ପାଲେକେଲଠାରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ପାଇଁ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ଏବେ ଉପଅଧିନାୟକ ଭାବେ ଅକ୍ଷର ପଟେଲଙ୍କ ସ୍ଥାନ ନେଇଛନ୍ତି। ଇଂଲଣ୍ଡରେ ଗିଲ୍‌ଙ୍କଠାରୁ ଯେଉଁ ପ୍ରଦର୍ଶନ ଆଶା କରାଯାଉଥିଲା, ତାହା ସେ କରି ଦେଖାଇଥିଲେ। ଏଭଳି ଫର୍ମ ଯୋଗୁ ତାଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ଦଳ ଘୋଷଣା ବେଳେ କହିଛନ୍ତି।

ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳାଯିବାକୁ ଥିବାରୁ ବୁମ୍‌ରାଙ୍କୁ ଏସିଆ କପ୍‌ରୁ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଥିଲା। ହେଲେ ଚୟନକର୍ତ୍ତା ତାଙ୍କୁ ଦଳରେ ନେଇଛନ୍ତି। ଗତବର୍ଷ ଭାରତୀୟ ଦଳ ଟି୨୦ ବିଶ୍ୱକପ୍ ଜିତିବା ପରେ ଏହା ବୁମ୍‌ରାଙ୍କର ପ୍ରଥମ ଟି୨୦ ଟୁର୍ଣ୍ଣାମେଣ୍ଟ ହେବ। ରିଷ୍ଟ ସ୍ପିନର କୁଳଦୀପ ଯାଦବ ଓ ବ୍ୟାକ୍-ଅପ୍ ଉଇକେଟ୍‌କିପର ଭାବେ ଜିତେଶ ଶର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ଭାରତ ଗ୍ରୁପ୍-ଏ'ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଓମାନ୍ ଓ ୟୁଏଇ ସହ ସ୍ଥାନ ପାଇଛି।

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍(ଉପଅଧିନାୟକ), ଅଭିଷେକ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଯଶପ୍ରୀତ ବୁମ୍‌ରା, ଜିତେଶ ଶର୍ମା, ଶିବମ ଦୁବେ, ଅର୍ଶଦୀପ ସିଂ, ସଞ୍ଜୁ ସାମ୍‌ସନ, ହର୍ଷିତ ରାଣା, ତିଲକ ବର୍ମା, ରିଙ୍କୁ ସିଂ, ବରୁନ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।



# ଭାରତୀୟ ଦଳରେ ଓଡ଼ିଶାର ୫



ଇଣ୍ଡୋନେସିଆ ଯିବା ପୂର୍ବରୁ ଭାରତୀୟ ଗେଟ୍‌ବଲ ଦଳର ଓଡ଼ିଆ ସଦସ୍ୟଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

## ଇଣ୍ଡୋନେସିଆ ଓପନ ଗେଟ୍‌ବଲ୍

**ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)**

ଜାଭାଠାରେ ଇଣ୍ଡୋନେସିଆ ଓପନ ଅନ୍ତର୍ଜାତୀୟ ଗେଟ୍‌ବଲ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳ ମଙ୍ଗଳବାର ଭୁବନେଶ୍ୱରରୁ ଜାକର୍ତ୍ତା ଅଭିମୁଖେ ଯାତ୍ରା କରିଛି। ଭାରତୀୟ ଦଳରେ ଓଡ଼ିଶାର ୫ଜଣ ଯାକ ପ୍ରତିଯୋଗୀ ରହିଛନ୍ତି। ସେମାନେ ହେଲେ ଦୈପାୟନ ପଟ୍ଟନାୟକ (ଅଧିନାୟକ), ସର୍ବେଶ୍ୱର ମହାପାତ୍ର, ଶରତ କୁମାର ପାତ୍ର, ବିଷ୍ଣୁ ସାହୁ ଓ ରଞ୍ଜିତାରାଣୀ ବେହେରା। ସଞ୍ଜୀବ କୁମାର ପରିଡ଼ା ଦଳର ମ୍ୟାନେଜର ରହିଛନ୍ତି। ପ୍ରତିଯୋଗିତାରେ ଡବଲ୍ସ, ଟ୍ରିପଲ୍ସ ଏବଂ ୫ ଖେଳାଳିଙ୍କୁ ନେଇ ଇଭେଣ୍ଟ ଆୟୋଜନ ହେବ। ଭୁବନେଶ୍ୱର ଛାଡ଼ିବା ପୂର୍ବରୁ ଭାରତୀୟ ଦଳର ଖେଳାଳିମାନଙ୍କୁ ଇଣ୍ଡିଆନ ଗେଟ୍‌ବଲ ୟୁନିୟନ (ଆଇଜିୟୁ) ସଭାପତି ଉମାକାନ୍ତ ପାଣି, ରଞ୍ଜନ କୁମାର ପାତ୍ର, ଦିଲୀପ ଷଡ଼ଙ୍ଗୀ, ଗିରିଜା ନାୟକ, ତନ୍ମୟ ଜେନା, ଅଭିଜିତ ପଣ୍ଡା, ନିଖିଳ ପଲାଇ ଓ ଅନ୍ୟ କର୍ମକର୍ତ୍ତାମାନେ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି।

# ଆଇନରେ ପରିଣତ ହେଲା ଜାତୀୟ କ୍ରୀଡ଼ା ଶାସନ ବିଲ୍

**ନୂଆଦିଲ୍ଲୀ, ୧୯।୮ (ପି.ଟି.)**

ଭାରତୀୟ କ୍ରୀଡ଼ା ପ୍ରଶାସନରେ ବ୍ୟାପକ ସଂସ୍କାର ଆଣିବା ଉଦ୍ଦେଶ୍ୟ ସହିତ ପ୍ରସ୍ତୁତ ଜାତୀୟ କ୍ରୀଡ଼ା ଶାସନ ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ସୋମବାର ମିଳିଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗେଜେଟ ନୋଟିଫିକେଶନ ଜରିଆରେ ସୂଚନା ଦିଆଯାଇଛି। ଗତ ଏକ ବର୍ଷ ଧରି ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ଏହି କ୍ରୀଡ଼ା ବିଲ୍‌କୁ ଦୀର୍ଘ ଦଶନ୍ଧି ହେଲା ଅପେକ୍ଷା କରାଯାଉଥିଲା। ଗତ ଜୁଲାଇ ୨୩ରେ ଏହାକୁ ଲୋକ ସଭାରେ ଆଗତ କରାଯାଇଥିଲା। ଅଗଷ୍ଟ ୧୧ରେ ଲୋକ ସଭାରେ ଏହା ପାରିତ ହେବାର ଦିନକ ପରେ ବିସ୍ତୃତ ଆଲୋଚନା ମାଧ୍ୟମରେ ରାଜ୍ୟ ସଭାରେ ପାରିତ ହୋଇଥିଲା।

# କାନମୋ ଶୃଙ୍ଗ ଆରୋହଣକୁ ସ୍ମରଣୀୟ କଲେ ଗଣେଶ

**ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)**

ଓଡ଼ିଶାର ଏଭରେଷ୍ଟ ଆରୋହି ଗଣେଶ ଚନ୍ଦ୍ର ଜେନା ହିମାଚଳ ପ୍ରଦେଶର କାନୋମା ଗିରିଶୃଙ୍ଗ (୫୯୫୩ ମିଟର) ଆରୋହଣ କରି ପର୍ବତାରୋହଣ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆଶା) ଏବଂ ଜାତୀୟ ଦୁଃସାହସିକ ଅନୁଷ୍ଠାନ ଚଣ୍ଡିଗଡର ମିଳିତ ଆନୁକୂଲ୍ୟରେ ମାଉଣ୍ଟ କାନାମୋ ଅଭିଯାନ ଅନୁଷ୍ଠିତ ହୋଇଥିଲା ଏଥିରେ ଆଶାର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଣ୍ଡିଗଡର ରାକେଶ କୁମାର ଏବଂ ଓଡ଼ିଶାର ମହିଳା ପର୍ବତାରୋହି ପ୍ରଭାସିନୀ ବେହେରା, ଅଜିତ ପାଢ଼ୀ, ଉତ୍ତର ପ୍ରଦେଶର ରଜନୀ ସ', ହରିୟାଣାର ସୁମିତ କୁମାର, ହିମାଚଳ ପ୍ରଦେଶର ସନ୍ଦୀପ ଠାକୁର ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ। ଗଣେଶ, ପ୍ରଭାସିନୀ, ସୁମିତ କୁମାର ଓ ସନ୍ଦୀପ ୭୯ ଫୁଟର ଜାତୀୟ ପତାକାକୁ କାନମୋ ଶିଖରରେ ଉଡାଇଥିଲେ।

# ସ୍ୱସ୍ତିକଙ୍କ ଶତକ, ପୋଦ୍ଦାର, ସମ୍ବିତ୍‌ଙ୍କ ଦୃଢ଼ ବ୍ୟାଟିଂ

**ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)**

ଚେନ୍ନାଇରେ ଚାଲିଥିବା ବୁଚିବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବରୋଦା ବିପକ୍ଷ ୩ଦିନିଆ ମ୍ୟାଚରେ ଓଡ଼ିଶାର ସ୍ୱସ୍ତିକ ସାମଲ ଶତକ ହାସଲ କରିଛନ୍ତି। ପ୍ରଥମ ଦିବସରେ ବରୋଦା ୩୮୧/୬ରେ ପ୍ରଥମ ଇନିଂସ ଘୋଷଣା କରିଥିବାବେଳେ ମଙ୍ଗଳବାର ଦ୍ୱିତୀୟ ଦିବସରେ ଓଡ଼ିଶା ୮୯.୫ ଓଭରରେ ୩୫୨ ରନକରି ଅଲ୍‌ଆଉଟ ହୋଇଛି। ଦଳ ପକ୍ଷରୁ ସ୍ୱସ୍ତିକ ସର୍ବାଧିକ ୧୧୪ ରନ କରିଥିବାବେଳେ ଗୋବିନ୍ଦ ପୋଦ୍ଦାର (୭୧) ଓ ସମ୍ବିତ ବରାଳ (୫୯) ଦୃଢ଼ ବ୍ୟାଟିଂ କରିଛନ୍ତି। ବିପକ୍ଷ ଦଳର ପ୍ରଦୀପ ଯାଦବ ୫ ଉଇକେଟ ସଫଳତା ପାଇଛନ୍ତି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ୨୯ ରନରେ ପଛୁଆ ରହିଛି। ମ୍ୟାଚର ନିୟମ ଅନୁସାରେ ପ୍ରଥମ ଇନିଂସରେ ଉଭୟ ଦଳ ୯୦ ଓଭର ଲେଖାଏ ଏବଂ ଦ୍ୱିତୀୟ ଇନିଂସରେ ୪୫ ଓଭର ଲେଖାଏ ଖେଳିବେ। ବୁଧବାର ମ୍ୟାଚର ଶେଷ ଦିବସ।

## ମହିଳା ଦିନିକିଆ ବିଶ୍ୱକପ୍

# ଭାରତୀୟ ଦଳ ଘୋଷଣା

**ମୁମ୍ବାଇ, ୧୯।୮ (ପି.ଟି.):** ଆସନ୍ତା ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ରେଣୁକା ସିଂ ଠାକୁର ଓ ପ୍ରତିକା ରାୱଲ ଦଳକୁ ଫେରିଥିବା ବେଳେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମା ବାଦ୍ ପଡ଼ିଛନ୍ତି। ହରମନପ୍ରୀତ କୌର ଦଳର ନେତୃତ୍ୱ ନେବାକୁ ଥିବା ବେଳେ ସ୍ମୃତି ମନ୍ଧାନାଙ୍କୁ ତାଙ୍କ ଡେପୁଟି ନିଯୁକ୍ତ କରାଯାଇଛି। ମଙ୍ଗଳବାର ବିସିସିଆଇ କାର୍ଯ୍ୟାଳୟରେ ବସିଥିବା ଚୟନ ବୈଠକରେ ଦୁହେଁ ଯୋଗ ଦେଇଥିଲେ। ଚୟନକର୍ତ୍ତା ବିଶ୍ୱକପ୍ ପୂର୍ବରୁ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଲାଗି ମଧ୍ୟ ଭାରତୀୟ ଦଳ ଘୋଷଣା କରିଛନ୍ତି। ଏହି ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ଏହି ସିରିଜ୍ ସେପ୍ଟେମ୍ବର ୧୪ରୁ ଆରମ୍ଭ ହେବ।

ଅଲ୍‌ରାଉଣ୍ଡର ଅମନ୍‌ଜୋତ କୌରଙ୍କୁ ରିକଭର ହେବା ପାଇଁ ଅତିରିକ୍ତ ସମୟ ଦିଆଯାଇଛି। ସେ ଏବେ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଅଛନ୍ତି। ତାଙ୍କ ସ୍ଥାନରେ ସୟାଲି ସାତ୍‌ଘରେଙ୍କୁ ସାମିଲ କରାଯାଇଛି। ବିଶ୍ୱକପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଲାଗି ଘୋଷଣା କରାଯାଇଥିବା ଦଳରେ ସେ ହିଁ ଏକମାତ୍ର ପରିବର୍ତ୍ତନ।

**ମହିଳା ବିଶ୍ୱକପ୍ ଲାଗି ଭାରତୀୟ ଦଳ:** ହରମନ୍‌ପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତିକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ୍ (ଉଇକେଟ୍‌କିପର), କ୍ରାନ୍ତି ଗୌଡ଼, ଅମନ୍‌ଜୋତ କୌର, ରାଧା ଯାଦବ, ଶ୍ରୀ ଚରନୀ, ୟସ୍ତିକା ଭାଟିଆ(ଉଇକେଟ୍‌କିପର) ଓ ସ୍ନେହ ରାଣା।

**ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ପାଇଁ ଭାରତୀୟ ଦଳ:** ହରମନ୍‌ପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପଅଧିନାୟିକା), ପ୍ରତିକା ରାୱଲ, ହର୍ଲିନଦେଓଲ, ଦୀପ୍ତିଶର୍ମା, ଜେମିମାରୋଡ୍ରିଗୁଏଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ(ଉଇକେଟ୍‌କିପର), କ୍ରାନ୍ତି ଗୌଡ଼, ସୟାଲୀ ସାତ୍‌ଘରେ, ରାଧା ଯାଦବ, ଶ୍ରୀ ଚରନୀ, ୟସ୍ତିକା ଭାଟିଆ (ଉଇକେଟ୍‌କିପର) ଓ ସ୍ନେହ ରାଣା।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ